R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧
ତିଥି : ଦଶମୀ
୨୬ ଅକ୍ଟୋବର ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

SAMAYA
# ସମୟ
28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଦୁର୍ବଳ ହେଲା 'ଦାନା'

ଭୁବନେଶ୍ୱର / ଭଦ୍ରକ / ରାଜନଗର, ୨୫।୧୦ (ସବ୍ୟୁ) : ବାତ୍ୟା 'ଦାନା' ପ୍ରଭାବରେ ପ୍ରବଳ ବେଗରେ ପବନ ଓ ବର୍ଷା ଯୋଗୁ ଭଦ୍ରକ ଜିଲାର ୭ଟି ବ୍ଲକ ବେଶୀ ପ୍ରଭାବିତ ହୋଇଛି । ସେହିପରି ବାଲେଶ୍ୱର ଓ କେନ୍ଦ୍ରପଡ଼ା ଜିଲ୍ଲାରେ ମଧ୍ୟ ପ୍ରଭାବ ପଡ଼ିଛି । ଏହିସବୁ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା । ଆସନ୍ତାକାଲି(ଶନିବାର) ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଛି ।



## ଭଦ୍ରକର ୭ ବ୍ଲକର ୪୫୬ ଘର ନଷ୍ଟ
## ଜଳାର୍ଣ୍ଣବ ସାତଭାୟା, ୩ ମୃତ୍ୟୁ ଅଭିଯୋଗ
## ଭିତରକନିକା ଜାତୀୟ ଉଦ୍ୟାନରେ ଗଛ ଭାଙ୍ଗିଲା
## ତାଳଚୁଆ ବଜାରରେ ଜୁଆର ପାଣି ପଶିଲା
## ଆଜି ବାଲେଶ୍ୱର, ଭଦ୍ରକ, କେନ୍ଦୁଝରରେ ସ୍କୁଲ ବନ୍ଦ

ଭଦ୍ରକ ଜିଲ୍ଲାର ୨୧୮ ପଞ୍ଚାୟତ, ୨ଟି ପୌରାଞ୍ଚଳ ଓ ୨ଟି ଏନ୍‌ଏସିରେ ୮୩ଟି ୱାର୍ଡ଼ରେ ମୋଟ ୧୪ ଲକ୍ଷ ୨୦ ହଜାର ୪୯୯ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ୧୨ ଲକ୍ଷ ୩୦ ହଜାର ୬୨ ଗୃହପାଳିତ ପଶୁ ଏହି ବାତ୍ୟାରେ ପ୍ରଭାବିତ ହୋଇଛନ୍ତି। ବିଭିନ୍ନ ଫାର୍ମରେ ଥିବା ୬ ଲକ୍ଷ ୮୫ ହଜାର କୁକୁଡ଼ା କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସହିତ ୭୦ ହଜାର ୨୯୩ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪୫୬ ଘର ନଷ୍ଟ ହୋଇଥିବା ଅପରାହ୍ଣ ୨ଟା ସୁଦ୍ଧା ଆକଳନ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଜିଲ୍ଲାର ୯୧୭ଟି ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୧ ଲକ୍ଷ ୩୬ ହଜାର ୫୮୭ ଲୋକଙ୍କୁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ଏହା ସହିତ ୬୨୦ କ୍ୱିଣ୍ଟାଲ ଚୁଡ଼ା, ୧୦୮ କ୍ୱିଣ୍ଟାଲ ଗୁଡ଼, ୮୫ ହଜାର ୨୫୦ ପାଣି ବୋତଲ, ୫୭ ହଜାର ୪୨୦ ବିସ୍କୁଟ ପ୍ୟାକେଟ୍, ୯ହଜାର ୩ଶହ ମହମବତୀ ଯୋଗାଇ ଦିଆଯାଇଛି ।

ସେହିଭଳି ଗୁରୁବାର ବିଳମ୍ବିତ ରାତିରେ ଭୀଷଣ ବାତ୍ୟା 'ଦାନା' କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଭିତରକନିକା ଜାତୀୟ ଉଦ୍ୟାନର ହବାଲିଖଟି ନିକଟରେ ସ୍ଥଳଭାଗ ଛୁଇଁଛି । ହବାଲିଖଟିରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ରାଜନଗର ଅଞ୍ଚଳରେ ପ୍ରଳୟ କରିଛି । ଗତକାଲି ରାତି ପ୍ରାୟ ସାଢେ ୧୨ଟାରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଅଧିକ ଉଗ୍ର ହୋଇ ପ୍ରଥମେ (୯ ପୃଷ୍ଠାରେ)

# ଗୁରୁଚାପ ଲାଗି ପ୍ରଭାବଶୂନ୍ୟ

## ଡରାଇଲା ବେଶୀ, ପ୍ରଭାବ କମ୍
## ଲ୍ୟାଣ୍ଡଫଲ ଅଧଘଣ୍ଟା ପରେ ଦୁର୍ବଳ
## ସ୍ଥଳଭାଗ ପ୍ରବେଶ ପ୍ରକ୍ରିୟା ୮ ଘଣ୍ଟା ବିଳମ୍ବ

ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : ଡରାଇଲା ବେଶୀ, ହେଲେ ପ୍ରଭାବ ଶୂନ୍ୟ ହେଲା 'ଦାନା'। ସମୁଦ୍ରରୁ ଯେଉଁଭଳି ଶକ୍ତିଶାଳୀ ହୋଇ ଆସିଲା, ସ୍ଥଳଭାଗ ଛୁଇଁବା ମାତ୍ରେ ଦୁର୍ବଳ ହୋଇଗଲା । ଭୀଷଣ ବାତ୍ୟା ରୂପରେ ଲ୍ୟାଣ୍ଡଫଲ ପରର ୬ ଘଣ୍ଟା ତାଣ୍ଡବ ରଚିଥାଏ । ହେଲେ ଲ୍ୟାଣ୍ଡଫଲ ହେବାର ୩୦ ମିନିଟ ଭିତରେ ଦୁର୍ବଳ ହୋଇଯାଇଥିଲା । ଫଳରେ ଉପକୂଳବର୍ତ୍ତୀ ଜିଲ୍ଲାରେ ନା ଭୀଷଣ ବର୍ଷା ହେଲା ନା ଭୟଙ୍କର ପବନ ବୋହିଲା । ଏମିତିକି ବେଶୀ କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି ।

ପାଣିପାଗ ବିଜ୍ଞାନୀଙ୍କ ସୂଚନା ଅନୁସାରେ, ଦୁଇଟି ଆଣ୍ଟି ସାଇକ୍ଲୋନିକ ସର୍କୁଲେସନ ବା ଗୁରୁଚାପ ବାତ୍ୟାକୁ ଶକ୍ତିହୀନ କରିଦେଇଥିଲା । ଫଳରେ ଲ୍ୟାଣ୍ଡଫଲ ବେଳକୁ ଏହା ଦୁର୍ବଳ ଏବଂ ଅସଙ୍ଗଠିତ ଅବସ୍ଥାରେ ସ୍ଥଳଭାଗରେ ପ୍ରବେଶ କରିଦେଇଥିଲା । ବାତ୍ୟା ଲ୍ୟାଣ୍ଡଫଲ ପ୍ରକ୍ରିୟା ସାଧାରଣତଃ ୫ରୁ୬ ଘଣ୍ଟା ଲାଗିଥାଏ । ହେଲେ ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ ପ୍ରକ୍ରିୟା ପ୍ରାୟ ସାଢେ଼ ୮ ଘଣ୍ଟା ଚାଲିଥିଲା । କାରଣ ଗତ ରାତି ୧୨ଟାରେ ଭିତରକନିକାର ହବାଲିଖଟି ନେଚରକ୍ୟାମ୍ପ ନିକଟରେ ଏହା ଲ୍ୟାଣ୍ଡଫଲ୍ କରିଥିବା ବେଳେ ସକାଳ ସାଢେ ୮ଟାରେ ସରିଥିଲା ଏହି ପ୍ରକ୍ରିୟା ।

୨୩ ତାରିଖ ପର୍ଯ୍ୟନ୍ତ ବାତ୍ୟା କେନ୍ଦ୍ରୀୟ (୯ ପୃଷ୍ଠାରେ)

## ଆଜି ଅପରାହ୍ଣ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ସରିବ

ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : ଆଜି ସନ୍ଧ୍ୟା ସୁଦ୍ଧା ୯୦% ଘରକୁ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ ହେବ ଓ ରାତି ସୁଦ୍ଧା ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଅପରାହ୍ଣ ସୁଦ୍ଧା ସମସ୍ତ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ । ୨୨ ଲକ୍ଷ ୪୦ ଘରକୁ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଛି । ସନ୍ଧ୍ୟା ସୁଦ୍ଧା ୧୪ ଲକ୍ଷ ୮୦ ହଜାର ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ଶକ୍ତି ବିଭାଗ ସଚିବ କେନ୍ଦ୍ରାପଡା ଓ ଭୁବନେଶ୍ୱରରେ ରହି କାର୍ଯ୍ୟ ତଦାରଖ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଲାଗି ଉପମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ୨୬-୨୭ ଖୋଲା ରହିବ ଅଫିସ

ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : ବାତ୍ୟା 'ଦାନା' ପ୍ରଭାବ ଯୋଗୁ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରମୁଖ ପ୍ରାଥମିକତା ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ଯେଉଁ ବିଭାଗଗୁଡ଼ିକ ଏହି କାର୍ଯ୍ୟ ସହ ଜଡ଼ିତ ସେମାନେ ତାଙ୍କର ଅଫିସ ଓ ଅଧିକାରୀମାନଙ୍କୁ ୨୬ ଓ ୨୭ ତାରିଖରେ ନିୟମିତ ଭାବେ ଅଫିସ ଆସି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି । ସମ୍ପୃକ୍ତ ପ୍ରଶାସନିକ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାତ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ବାତ୍ୟା ସଂପୂର୍ଣ୍ଣ ଦୁର୍ବଳ, ଓଡ଼ିଶା ଏବେ ସୁରକ୍ଷିତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାମର ସମୀକ୍ଷା କରିଛନ୍ତି ।




ସମୀକ୍ଷା ପରେ ଗଣ ମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗ ପାଇଁ ଆମେ ବାତ୍ୟା ମୁକାବିଲାରେ ସଫଳ ହୋଇଛୁ । ଆମେ ଆମର ଜିରୋ କ୍ୟାଜୁଆଲିଟି ଲକ୍ଷ୍ୟ ହାସଲ କରି ପାରିଛୁ । ସେଥିପାଇଁ ମୁଖ୍ୟମନ୍ତ୍ରୀ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ । ଗଣ ମାଧ୍ୟମ ମଧ୍ୟ ପ୍ରତି ମୁହୂର୍ତ୍ତରେ ଖବର ଦେଇ ଜନ ସାଧାରଣଙ୍କୁ ସତର୍କ ଓ ସରକାରଙ୍କୁ ପଦକ୍ଷେପ ନେବାକୁ ସହାୟତା କରିଥିବାରୁ ମୁଖ୍ୟମନ୍ତ୍ରୀ ଗଣ ମାଧ୍ୟମକୁ ମଧ୍ୟ ଧନ୍ୟବାଦ୍ ଦେଇଥିଲେ ।

କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନେ କଠିନ ପରିଶ୍ରମ କରି ମୁକାବିଲା କାର୍ଯ୍ୟକୁ ସଫଳ କରିଛନ୍ତି । ଆଉ ୨୪ ରୁ ୪୮ ଘଣ୍ଟା ପରିଶ୍ରମ କଲେ ଆମର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ସଫଳ ହେବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ କାଲି ସନ୍ଧ୍ୟା ସୁଦ୍ଧା ଆମର ଆଶ୍ରୟ ସ୍ଥଳୀଗୁଡିକୁ ପ୍ରାୟ ୮ ଲକ୍ଷ ଲୋକ ଆସି ସୁରକ୍ଷିତ ଭାବରେ ରହିଥିଲେ । (୯ ପୃଷ୍ଠାରେ)

## ପୁଣି ୨୭ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ, ୨୫।୧୦ : ବିମାନକୁ ମିଛ ବୋମା ଧମକ ଫୋନ୍ କଲ୍‌ର ମୂଳ ଉତ୍ସ କେଉଁଠି ତାହା ଜଣାପଡୁନାହିଁ । ତାହାକୁ ଠାବ କରିବାରେ ସମ୍ପୂର୍ଣ୍ଣ ବିଫଳତା ଦେଖାଦେଇଛି । ଶୁକ୍ରବାର ପୁଣି ମଧ୍ୟ ୨୭ ବିମାନକୁ ଏଭଳି ଧମକ ମିଳିଛି । ଫଳରେ ସ୍ୱଇସ୍ ଜେଟ୍, ଇଣ୍ଡିଗୋ, ଏୟାର ଇଣ୍ଡିଆ ଓ ଭିସ୍ତାରାର ବିମାନ ଚଳାଚଳ ପ୍ରଭାବିତ ହୋଇଛି । ବିଭିନ୍ନ ବିମାନ ବନ୍ଦରରେ କଡା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏଭଳି ଧମକ ମିଳିବା ନେଇ ସବୁ ମହଲରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଉଛି ।

ଏୟାର ଇଣ୍ଡିଆର ୬ ବିମାନ ସମେତ ସ୍ୱାଇସ୍ ଜେଟ୍, ଏୟାର ଇଣ୍ଡିଆ, ଭିସ୍ତାରା ଏୟାର ଲାଇନ୍ସର ୭ ବିମାନକୁ ଏଭଳି ଧମକ (୯ ପୃଷ୍ଠାରେ)

## ଏନ୍‌କାଉଣ୍ଟରରେ ମାଓବାଦୀ ମୃତ

ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ବୁଦାନାଇ ଜଙ୍ଗଲରେ ଆଜି ପୂର୍ବାହ୍ଣରେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ଜଣେ ମାଓବାଦୀ ନିହତ ହୋଇଥିବାବେଳେ ମୃତକଙ୍କ ନିକଟରୁ ଗୋଟିଏ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ ସଂଗଠନର ସକ୍ରିୟ ସଦସ୍ୟ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ପୋଲିସର ଏହି ସଫଳତା ନିମନ୍ତେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ କନ୍ଧମାଳ ପୋଲିସ ଓ ଗୁଇନ୍ଦା ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । (୯ ପୃଷ୍ଠାରେ)

# ଏଲ୍‌ଏସିରେ ସେନା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ

## ଚଳିତ ମାସ ଶେଷ ସୁଦ୍ଧା ହଟିବ ଅସ୍ଥାୟୀ ସେଡ୍

ନୂଆଦିଲ୍ଲୀ, ୨୫।୧୦ : ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରୁ ସେନା ପ୍ରତ୍ୟାହାର ପ୍ରକ୍ରିୟା ଭାରତ ଓ ଚୀନ୍ ମଧ୍ୟରେ ଆରମ୍ଭ ହୋଇଛି । ବିଶେଷକରି ପୂର୍ବ ଲଦାଖର ଡେମ୍‌ଚୋକ ପଏଣ୍ଟ ନେଇ ଭାରତ ଓ ଚୀନ୍ ମଧ୍ୟରେ ଚୁକ୍ତି ହୋଇଛି । ଉଭୟ ଦେଶର ସେନା ଏହିସବୁ ସ୍ଥାନରୁ ଅସ୍ଥାୟୀ ତମ୍ବୁ ଓ ସେଡ୍ ହଟାଇବା ଆରମ୍ଭ କରିଛନ୍ତି । ଏଥିସହ ସାମରିକ ଯାନଗୁଡିକ ମଧ୍ୟ ପଛକୁ ଫେରୁଛି । ୨୦୨୦ରେ ଲଦାଖରେ ଏପ୍ରିଲ ମାସରେ ଘଟିଥିବା ଘଟଣା ପରେ ଏଠାରେ ଉଭୟ ଦେଶ ପକ୍ଷରୁ ସେନା ମୁତୟନ କରାଯାଇଥିଲା । ୨୦୨୦ରୁ ସେନା ଏଥିଲାଗି ଅନେକ ଅସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିଥିଲା । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡେସ୍‌ପାଙ୍ଗ ଓ ଡେମ୍‌ଚୋକ୍ ଅଞ୍ଚଳ ଉପରେ କ୍ରମାଗତ ଭାବେ ନଜର ରହିବ । ଏଠାରେ ମଧ୍ୟ ପାଟ୍ରୋଲିଂ ପାଇଁ ପଦକ୍ଷେପ ନିଆଯିବ । କୌଣସି ଭୁଲ୍ ସୂଚନା ଯେଭଳି ନଯାଏ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ।

ଭାରତ ଓ ଚୀନ୍ ପକ୍ଷରୁ ଗତ ସପ୍ତାହରେ ପାଟ୍ରୋଲିଂ ପାଇଁ ଚୁକ୍ତି ହୋଇଥିଲା । ଚଳିତ ମାସ ଶେଷ ସୁଦ୍ଧା ଏଠାରୁ ଅସ୍ଥାୟୀ ସେଡ୍ ଓ ସେନା ପ୍ରତ୍ୟାହାର ପରେ ପାଟ୍ରୋଲିଂ ଆରମ୍ଭ ହେବ । ଆଶା କରାଯାଉଛି ୪ ବର୍ଷ ଧରି ଏଠାରେ ଯେଉଁ କୂଟନୈତିକ ଉତ୍ତେଜନା ଥିଲା ତାହାର ଅନ୍ତ ଘଟିବ । ମେ' ୨୦୨୦ରେ ପାଙ୍ଗକଙ୍ଗ ଲେକ୍‌ରେ ଉଭୟ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା । ଯେଉଁଥିରେ ୨୦ ଭାରତୀୟ ଯବାନ ମୃତ୍ୟୁ ବରଣ କରିଥିଲେ । ଏହାପରେ ଉଭୟ ଦେଶ ମଧ୍ୟରେ ସେଠାରେ (୯ ପୃଷ୍ଠାରେ)





# ରି-ରିଲିଜ୍‌କୁ ନେଇ ଫ୍ୟାନ୍ ଉତ୍ସୁକ

ନିକଟରେ ଅନେକ ହିଟ୍ ଫିଲ୍ମ ରିଲିଜ୍ ହେଉଥିବାର ନଜରକୁ ଆସଛି । ଏହି ତାଲିକାରେ ଅନେକ ଫିଲ୍ମ ସାମିଲ ଅଛନ୍ତି । ତେବେ ଆଗକୁ ଆସିବାକୁ ଯାଉଛି ହାଲୋୱିନ୍, ଯାହାକୁ ଦୃଷ୍ଟିରେ ରଖି ସ୍ତ୍ରୀ ୨, ଭେଡିଆ, ମୁନିଆ ଭଳି ଫିଲ୍ମକୁ ରି ରିଲିଜ୍ କରାଯିବାକୁ କରାଯାଇଛି । ଏହା ଭାରତର ପ୍ରମୁଖ ସହର ଗୁଡିକ ଯେପରି ଗୁରୁଗ୍ରାମ, ପୁନେ, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦରେ ରିଲିଜ୍ କରାଯାଇଛି । କେବଳ ଏହି ତିନୋଟି ନୁହେଁ ହଲିଉଡର ଦି କଞ୍ଜୁରିଂ, ଦି କଞ୍ଜୁରିଂ ୨ ଭଳି ଫିଲ୍ମକୁ ମଧ୍ୟ ରିଲିଜ୍ କରାଯାଇଛି । ଭାରତରେ ମଧ୍ୟ ଏବେ ହାଲୋୱିନ୍‌ର କ୍ରେଜ ଦେଖିବାକୁ ମିଳିଛି । ସୋସିଆଲ ମିଡିଆରେ ମଧ୍ୟ ଏହାର କ୍ରେଜ ଦେଖିବାକୁ ମିଳିଛି । ଲୋକମାନେ ଏହି ରିରିଲିଜ୍ ପାଇଁ ଖୁସି ଅଛନ୍ତି । ଅନେକ ଫ୍ୟାନ ନିଜ ପସନ୍ଦର ଫିଲ୍ମକୁ ପୁଣି ଥିଏଟରରେ ଦେଖିବାକୁ ମିଳୁଥିବାରୁ ଖୁବ ଖୁସି ଅଛନ୍ତି । ଆଗରୁ ମଧ୍ୟ ଅନେକ ଫିଲ୍ମ ରି- ରିଲିଜ୍ ହୋଇଛି, ଯାହାକୁ ନେଇ ଫ୍ୟାନମାନେ ସବୁବେଳେ ଖୁସି ବ୍ୟକ୍ତ କରିଛନ୍ତି ।

# ଦୁର୍ଘଟଣା କମାଇବ କୋଲିଜନ୍ ୱାର୍ଣ୍ଣିଂ ସିଷ୍ଟମ୍

ବର୍ତ୍ତମାନ ଟ୍ରାଫିକ୍ ସମସ୍ୟାରେ ବଢିବାରେ ଲାଗିଛି, ଯେଉଁକାରଣରୁ ଦୁର୍ଘଟଣାର ମାତ୍ରା ମଧ୍ୟ ବଢୁଛି । ଏହି ସମସ୍ୟା ବିଭିନ୍ନ ଦେଶରେ ଦେଖିବାକୁ ମିଳୁଛି, ଯାହା ସେଠିକାର ଲୋକଙ୍କର ଚିନ୍ତା ବଢାଉଛି । ତେବେ ଏହାକୁ ରୋକିବାକୁ ଜର୍ମାନୀର କିଛି ଗବେଷକ କୋଲିଜନ୍ ୱାର୍ଣ୍ଣିଂ ସିଷ୍ଟମ୍ ବିକଶିତ କରିଛନ୍ତି । ଏହି ସିଷ୍ଟମ ସହାୟତାରେ ରାସ୍ତାରେ ଗାଡି ଚଳାଇବା ଆହୁରି ସୁରକ୍ଷିତ ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି । ସେମାନେ ଏହି ସିଷ୍ଟମ୍‌କୁ ତିଆରି କରିବାକୁ ଫାଇଭ୍ ଜି ନେଟୱାର୍କ, ଟ୍ରାଫିକ୍ ଫ୍ଲୋ ଆଲଗୋରିଦିମ୍ ଏବଂ ସେନ୍ସରର ବ୍ୟବହାର କରିଛନ୍ତି । ଏହି ସିଷ୍ଟମ ସହାୟତାରେ ଡ୍ରାଇଭରମାନେ ରାସ୍ତାରେ ଗାଡିଚଳାଇବା ସମୟରେ ସଠିକ୍ ଭାବେ ନିଷ୍ପତ୍ତି ନେଇପାରିବେ, ଯେଉଁକାରଣରୁ ଦୁର୍ଘଟଣା କମିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏଥିରେ ଲାଗିଥିବା ସେନ୍ସର ସହାୟତାରେ ଡ୍ରାଇଭରକୁ ଆଗରୁ ଆସୁଥିବା ଗାଡି ସମ୍ପର୍କରେ ସୂଚନା ମିଳିଥାଏ । ସେହିଭଳି ରାସ୍ତାର ଟ୍ରାଫିକ ଏବଂ କୋଲିଜନ୍‌ର ଆଶଙ୍କାକୁ ଏହା ମାପିଥାଏ । ଏହି ତଥ୍ୟ ଡ୍ରାଇଭରର ସ୍ମାର୍ଟଫୋନ୍‌କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ପ୍ରକ୍ରିୟା ଉପରେ ଅଧିକ ଗବେଷଣା ଜାରି ରହିଛି ।





## ହାଃ...ହାଃ...

ସାଣ୍ଟା : ତୋ ବାପା ଟେଲର, ଆଉ ତୋ ସାର୍ଟ ଚିରି ଯାଇଛି । ବଡ ଲାଜ କଥା ।
ବାଣ୍ଟା : ୟା ଠାରୁ ବି ବଡ ଲାଜର କଥା ଅଛି ।
ସାଣ୍ଟା : କ'ଣ ?
ବାଣ୍ଟା : ତୋ ବାପା ଦାନ୍ତ ଡାକ୍ତର ଆଉ ତୋ ଭାଇ ବିନା ଦାନ୍ତରେ ଜନ୍ମ ହୋଇଛି ।

## ସୋସିଆଲ କୋଟ୍ସ



ମୋ ପିଲାଙ୍କୁ କେବେ ହେଲେ ବି ପିତାର ଆବଶ୍ୟକତା ପଡି ନାହିଁ । ମୁଁ ସେମାନଙ୍କର ସବୁ ଆବଶ୍ୟକତାକୁ ପୂରଣ କରିଛି । ସେମାନେ ମୋର ବିବାହକୁ ମଧ୍ୟ ବିରୋଧ କରନ୍ତି, କୁହନ୍ତୁ ସେମାନଙ୍କର ପିତା ଦରକାର ନାହିଁ ।

**ସୁସ୍ମିତା ସେନ୍, ଅଭିନେତ୍ରୀ**



ଅନୁପମ୍ ଅଙ୍କଲ ମୋଠାରୁ ଡ୍ୟାନ୍ସ ଶିଖିବା ପରେ ଖୁବ ଭଲ କରୁଛନ୍ତି । ସେ ଯେତବେଳେ ଘରକୁ ଆସନ୍ତୁ ଖୁବ ମଜା ହୁଏ । ବାପା ଠିକ କହୁଥିଲେ ସେ ହେଉଛନ୍ତି ବାପାଙ୍କ ପରେ ଦ୍ୱିତୀୟ ମଜାକିଆ ଲୋକ ।

**ବଂଶିକା କୌଶିକ, ସତିଶ କୌଶିକଙ୍କ ଝିଅ**



ମୋତେ ଅକ୍ଷୟ କୁମାର ପଚାରିଥିଲେ କି ମୋ ଆଣ୍ଠୁ କାହିଁକି କଳା । ମୋତେ ଏଭଳି ମନ୍ତବ୍ୟ ଅପମାନ ଜନକ ଲାଗିଥିଲା । ହେଲେ ଅକ୍ଷୟ ମୋତେ ଏଥିପାଇଁ କେବେ ବି କ୍ଷମା ମାଗି ନାହାନ୍ତି ।

**ଶାନ୍ତି ପ୍ରିୟା, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୮୯୦ – ପତ୍ରକାର ତଥା ସମାଜସେବୀ, ସ୍ୱତନ୍ତ୍ରତା ସେନାନୀ ଗଣେଶଶଙ୍କର ବିଦ୍ୟାର୍ଥୀଙ୍କ ଜନ୍ମ ।
୧୯୪୭ – ବିଭାଜନ ପରେ ପାକିସ୍ତାନର ଆକ୍ରମଣରେ ଅତିଷ୍ଠ ହୋଇ ଜମ୍ମୁ କାଶ୍ମୀରର ରାଜା ହରି ସିଂହ ଭାରତକୁ ସମର୍ଥନ କରିଥିଲେ ।
୧୯୪୭ – ଆମେରିକା ପୂର୍ବ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍‌ଙ୍କର ଜନ୍ମ ।
୧୯୫୮ – ଆମେରିକାର ପ୍ରଥମ ଜେଟ୍ ବିମାନ ବୋଇଂ ୭୦୭କୁ ପ୍ୟାନ୍ ଆମେରିକା ୱାର୍ଲ୍ଡ ଏୟାରୱେଜ୍ ସେବା ପାଇଁ ସାମିଲ କରାଗଲା ।
୧୯୭୯ – ଦକ୍ଷିଣ କୋରିଆର ପୂର୍ବ ରାଷ୍ଟ୍ରପତି ପାର୍କ ଚୁଙ୍ଗ ହିଙ୍କର ହତ୍ୟା ।
୧୯୯୪ – ଇଜରାଇଲ୍ ଓ ଜାର୍ଡନ ୪୬ ବର୍ଷର ଯୁଦ୍ଧ ପରେ ଶାନ୍ତି ସନ୍ଧିରେ ସ୍ୱାକ୍ଷର କରିଥିଲେ ।
୧୯୯୮ – ମଧ୍ୟ ଆମେରିକାର କିଛି ଦେଶରେ ବାତ୍ୟା କାରଣରୁ ତିନି ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ନିଜ ଘର ହରାଇକଥିଲେ ।

# ଆକ୍ୟୁଟ୍ କିଡନୀ ଇଞ୍ଜୁରୀ

ଆକ୍ୟୁଟ୍ କିଡନୀ ଇଞ୍ଜୁରୀ ବା ଏକେଆଇ ହେଉଛି ଏକ ବିରଳ କିଡନୀ ସମସ୍ୟା । ଏହି ରୋଗରେ ହଠାତ୍ କିଡନୀ ବା ବୃକକ୍ କାର୍ଯ୍ୟ କରିବା ବନ୍ଦ କରିଦେଇଥାଏ । ଏହି ସମସ୍ୟା ଖୁବ କମ ସମୟ ମଧ୍ୟରେ ହେଉଥିବାରୁ ଏହାକୁ ଡାକ୍ତରମାନେ ଗୁରୁତର ରୋଗ ବୋଲି ବ୍ୟାଖ୍ୟା କରିଥାଆନ୍ତି । ଏହି ସମସ୍ୟା ହେବା ଦ୍ୱାରା କିଡନୀକୁ ରକ୍ତ ପ୍ରବାହ ବନ୍ଦ ହୋଇଯାଇଥାଏ । ତେବେ ଏଭଳି ସ୍ଥିତି ଡିହାଇଡ୍ରେସନ୍, ନିମ୍ନ ରକ୍ତଚାପ, ହାର୍ଟ ଫେଲୁଅର୍ କାରଣରୁ ହୋଇଥାଏ ।



ଏହି ସମସ୍ୟା ଦ୍ୱାରା ଆମ କିଡନୀ ଉପରେ ସିଧା ସଳଖ ପ୍ରଭାବ ପଡିଥାଏ । ଯଦି ଆଗରୁ ଆମର କିଡନୀ ଜନିତ କିଛି ସମସ୍ୟା ରହିଛି, ତେବେ ଏହା ହେବାର ଆଶଙ୍କା ବଢିଯାଇଥାଏ । ସେହିଭଳି ଯଦି ଆମର କିଡନୀ ଷ୍ଟୋନ୍ ସମସ୍ୟା ଅଛି ତାହେଲେ ଏକେଆଇ ହେବାର ଆଶଙ୍କା ଅଧିକ । ଏହି ରୋଗର ଲକ୍ଷଣଗୁଡିକ ହେଲା ପରିସ୍ରାର ପରିମାଣ କମିବା, ପାଦ,ହାତ, ମୁହଁ ଆଦି ଫୁଲିବା, ମୁଣ୍ଡବିନ୍ଧା, ଦୁର୍ବଳ ଲାଗିବା, ବାନ୍ତି ହେବା, ନିଶ୍ୱାସ ନେବାରେ ଅସୁବିଧା ହେବା ଆଦି । ଏଭଳି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ପୃଥିବୀକୁ ଥଣ୍ଡା କରିବ ହୀରାଗୁଣ୍ଡ



ବର୍ତ୍ତମାନ କ୍ଲାଇମେଟ ଚେଞ୍ଜ ବିଶ୍ୱର ସବୁଠାରୁ ବଡ ସମସ୍ୟା ଭାବେ ଉଭା ହୋଇଛି କକା ଯାହାକୁ ସମାଧାନ କରିବାକୁ ବିଭିନ୍ନ ଦେଶ ଭିନ୍ନଭିନ୍ନ ପ୍ରକାର ପନ୍ଥା ଆପଣାଉଛନ୍ତି । ତେବେ ନିକଟରେ ଜିଓଫିଜିକାଲ ରିସର୍ଚ ଲେଟର୍ସ ଜର୍ନାଲରେ ପୃଥିବୀକୁ ଥଣ୍ଡା କରିବାକୁ ଏକ ଉପାୟ ପରାମର୍ଶ ଭାବେ ଦିଆଯାଇଛି । ଯଦି ପୃଥିବୀ ଉପରେ ହୀରା ଗୁଣ୍ଡ ଛିଞ୍ଚାଯିବ ତେବେ ଏହା ଥଣ୍ଡା ରହିବ ବୋଲି ଏହି ଜର୍ନାଲରେ ସୂଚନା ଦିଆଯାଇଛି । କିଛି ଗବେଷକ କ୍ଲାଇମାଟୋଲୋଜି ଓ ଆର୍ଥ ସାଇନ୍ସ ଉପରେ ଗବେଷଣା କରିଥିଲେ ଯାହାର ଫଳାଫଳ ଭାବେ ଏହି ତଥ୍ୟ ହସ୍ତଗତ ହୋଇଛି । ଏହି ଗବେଷକମାନେ ଡାଇମଣ୍ଡ ଡଷ୍ଟ, ସଲଫର୍ ଡାଇଅକ୍ସାଇଡି ଭଳି ଆହୁରି ୭ଟି ସାମଗ୍ରୀକୁ ଏହାର ସମାଧାନ ଭାବେ ବାହାର କରିଛନ୍ତି । ଏ ସମସ୍ତ ସାମଗ୍ରୀ ଗବେଷଣା ଅଧିନରେ ରହିଛି । ତେବେ ଏହା ମଧ୍ୟରୁ ସବୁଠାରୁ ବେଶି ଇଫେକ୍ଟିଭ୍ ହୀରା ଗୁଣ୍ଡ । କାରଣ ଏହା ସୂର୍ଯ୍ୟକିରଣକୁ ସବୁଠାରୁ ଅଧିକ ରିଫ୍ଲେକ୍ଟ କରିବାରେ ସକ୍ଷମ । ଯାହାଫଳରେ ତାପମାତ୍ରା ମଧ୍ୟ କମିବ । ତେଣୁ ଯଦି ପ୍ରତିବର୍ଷ ପାଞ୍ଚ ମିଲିଅନ ଟନ୍‌ରୁ ଅଧିକ ମନୁଷ୍ୟ କୃତ ହୀରା ଗୁଣ୍ଡ ପୃଥିବୀ ଉପରେ ଛିଞ୍ଚା ଯିବ ତେବେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ଦୀପାବଳି ମିଠା

**ଦୀପାବଳି ଆସିଲେ ସମସ୍ତଙ୍କ ଘରେ ମିଠା ପ୍ରସ୍ତୁତ ହେବା ଆରମ୍ଭ ହୋଇଥାଏ । ତେବେ ସାରା ଦେଶରେ ଦୀପାବଳିକୁ ଖୁବ ଧୁମ୍‌ଧାମରେ ପାଳନ କରାଯାଉଥିବାବେଳେ ପ୍ରତି ରାଜ୍ୟରେ ଦେଖିବାକୁ ମିଳିଥାଏ ଭିନ୍ନଭିନ୍ନ ମିଠା ଓ ଖାଦ୍ୟ । ରାଜ୍ୟ ଅନୁସାରେ ଖାଦ୍ୟ ଆସରରେ ଦେଖିବାକୁ ମିଳିଥାଏ ଭିନ୍ନତା । ତେବେ ଆସନ୍ତୁ ଜାଣିବା ଦୀପାବଳିରେ ପ୍ରସ୍ତୁତ ହେଉଥିବା କିଛି ପାରମ୍ପରିକ ଖାଦ୍ୟ ସମ୍ପର୍କରେ ।**



**ମଣ୍ଡିଗେ–** କର୍ଣ୍ଣାଟକର ମଣ୍ଡିଗେ ହେଉଛି ପାରମ୍ପରିକ ମିଠା । ଯାହାକୁ ଘିଅ, ଚିନି ଓ ଖୁଆରୁ ନିର୍ମାଣ କରାଯାଇଥାଏ । ଏହା ବେଶ୍ ପତଳା ହୋଇଥିବାବେଳେ ଖାଇବାକୁ ସ୍ୱାଦିଷ୍ଟ ହୋଇଥାଏ । ଏହାକୁ ବିଶେଷଭାବେ ଦୀପାବଳି ଆବସରରେ ପ୍ରସ୍ତୁତ କରାଯାଇଥାଏ ।

**ଖରୱାସ୍–** ମହାରାଷ୍ଟ୍ରରେ ଦୀପାବଳିରେ ପ୍ରସ୍ତୁତ ହୋଇଥାଏ ଖରୱାସ୍ ମିଠା । ଏହା ଏକ ପୁଡିଂ ମିଠା । ଏହାକୁ ଗାଈ କ୍ଷୀରକୁ ଫୁଟାଯାଇ ପ୍ରସ୍ତୁତ କରାଯାଇଥାଏ । ଏଥିରେ ବିଶେଷଭାବେ ଗୁଜୁରାତିକୁ ଗୁଣ୍ଡ କରି ମିଶାଯାଇଥାଏ, ଯାହା ଏହାର ସ୍ୱାଦ ବଢାଇଥାଏ ।

**ମାଲିଦୋ–** ମାଲିଦୋ ଏକ ଫରାସି ଡିସ୍ ଯେଉଁଥିରେ ଘିଅ, ବ୍ରେଡ୍ ଗୁଣ୍ଡ, ଡ୍ରାଏଫ୍ରୁଟ୍ସ, ବିଭିନ୍ନ ବାସ୍ନା ମସଲା, ଗୁଡ ମିଶାଯାଇ ପ୍ରସ୍ତୁତ କରାଯାଇଥାଏ । ଏହାକୁ ବିଶେଷଭାବେ ଗୁଡରୁ ପ୍ରସ୍ତୁତ କରାଯାଉଥିବାରୁ ଏହାର ସ୍ୱାଦ ଭିନ୍ନ ହୋଇଥାଏ । ଦୀପାବଳିରେ ଗୁଜୁରାଟରେ ପ୍ରାୟ ସମସ୍ତଙ୍କ ଘରେ ଏହି ମିଠାକୁ ପ୍ରସ୍ତୁତ କରାଯାଇଥାଏ ।



**ପୁରି ଉରୁଣ୍ଡି–** ତାମିଲନାଡୁର ମିଠା ପୁରି ଉରୁଣ୍ଡି ପୁରା ଦେଶରେ ପରିଚିତ । ଏହା ଏକ ପ୍ରକାର ଲଡୁ ଯାହାକୁ ମୁଢିରୁ ପ୍ରସ୍ତୁତ କରାଯାଇଥାଏ । ଏହା ମୁଢି ମୁଆଁ ସହିତ ବେଶ୍ ସାମଞ୍ଜସ୍ୟ । ଏହାକୁ ଚିନି କିମ୍ବା ଗୁଡ ପାଗ କରାଯାଇ ପ୍ରସ୍ତୁତ କରାଯାଇଥାଏ, ଯାହା ଖାଇବାକୁ ଖୁବ ସ୍ୱାଦିଷ୍ଟ ହୋଇଥାଏ । ତାମିଲ ନାଡୁର ପ୍ରତ୍ୟେକଙ୍କ ଘରେ ଏହି ମିଠାକୁ ପ୍ରସ୍ତୁତ କରାଯାଇଥାଏ ।

**ପତିଶପ୍ତ–** କୋଲକାତା ନିଜର ମିଠା ପାଇଁ ପୃଥିବୀ ପ୍ରସିଦ୍ଧ । ତେବେ ବିଭିନ୍ନ ମିଠା ଭିତରେ ଦୀପାବଳିରେ ପ୍ରସ୍ତୁତ ପତିଶପ୍ତ ବେଶ୍ ନିଆରା । ଏହାକୁ ଚାଉଳ ଚୁନାରୁ ଗୁଡ ଓ ନଡିଆ ପୁର ଦେଇ ପ୍ରସ୍ତୁତ କରାଯାଇଥାଏ । ଏହାକୁ ଦୀପାବଳି ସହିତ ପୌଷ ସଂକ୍ରାନ୍ତିରେ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଏହା ଖାଇବାକୁ ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।

**ସିଙ୍ଗୋରି–** ଉତ୍ତରାଖଣ୍ଡରେ ପ୍ରସ୍ତୁତ ହୋଇଥାଏ ସିଙ୍ଗୋରି ମିଠା । ଏହାକୁ ଖୁଆରୁ ପ୍ରସ୍ତୁତ କରାଯାଇଥାଏ । ଖୁଆକୁ ଭାଜି ଏଥିରେ ନଡିଆ ଓ କିସ୍‌ମିସ୍ ମିଶାଯାଇଥାଏ । ଏହାକୁ ଏକ ପତ୍ରରେ ରଖି ରାତି ସାରା ରଖାଯାଇଥାଏ । ଯାହାଫଳରେ ଖୁବଭଲ ଭାବେ ଏହା ସେଟ୍ ହୋଇଯାଇଥାଏ ।





## ଜେଲର, ଦୁଇ ୱାର୍ଡରଙ୍କୁ ଆକ୍ରମଣ

# ୫ ବନ୍ଦୀଙ୍କ ବିରୋଧରେ ମାମଲା

ଭୁବନେଶ୍ବର, (ସବ୍ୟୁ) : ଝାରପଡା ସ୍ୱତନ୍ତ୍ର କାରାଗାର ମଧ୍ୟରେ ଜେଲର ଓ ଦୁଇ ୱାର୍ଡରଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି ଗୁରୁତର କରିଥିବା ୫ ଅଭିଯୁକ୍ତଙ୍କ ବିରୋଧରେ ଲକ୍ଷ୍ମୀସାଗର ଥାନାରେ ମାମଲା ।

ବ୍ରାଉନସୁଗର ମାମଲାରେ ନଣ୍ଟୁ ଓ ୪ ସହଯୋଗୀ ଜେଲ୍‌ରେ ଅଛନ୍ତି । ସେ ବିଚାରାଧୀନ ବନ୍ଦୀ ଭାବେ ଜେଲ୍‌ରେ ଥିବାବେଳେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି । ଗତ ଦୁଇଦିନ ତଳେ ଏକ ଟିପା ଛୁରି ସାହାର୍ଯ୍ୟରେ ରିଲ୍ କରି ପାଖରେ ରଖିଥିବା ଆଣ୍ଡ୍ରୋଏଡ୍ ଫୋନ୍ ସାହାର୍ଯ୍ୟରେ ତାକୁ ବାହାରକୁ ପଠାଇ ସାକ୍ଷୀ ଓ ଅନ୍ୟମାନଙ୍କୁ ଧମକ ଦେଇଥିଲା ନଣ୍ଟୁ ଗ୍ୟାଙ୍ଗ୍ । ନଣ୍ଟୁ ରହୁଥିବା ୱାର୍ଡରୁ ଛୁରି ଓ ଫୋନ୍ ଜବତ ହେବା ପରେ ସେମାନଙ୍କୁ ସେଲ୍‌ରେ ରଖାଯାଇଛି । କାହିଁକି ଆମକୁ ସେଲ୍ ଭିତରେ ରଖାଯାଇଛି ବୋଲି କହି ଶୁକ୍ରବାର ଜେଲ୍‌ର ପ୍ରସନ୍ନ ସାହୁଙ୍କୁ ଗାଳିଗୁଲଜ କରିଥିଲେ । ଦୁଇ ୱାର୍ଡରଙ୍କୁ କହିଥିଲେ, ଜେଲରଙ୍କୁ ଆମ ପାଖକୁ ଡାକ । ଜେଲର ଆସିବା ପରେ ସେମାନଙ୍କୁ ସେଲ୍‌ରୁ କାଢି କ'ଣ ହେଲା ବୋଲି ପଚରାଉଚରା କରିଥିଲେ । ଏପରିକି କାହିଁକି ଗାଳିଗୁଲଜ କରୁଛ ବୋଲି ପଚାରିବାରୁ ସେମାନେ ପାଖରେ ରଖିଥିବା ବ୍ଲେଡ୍ ସାହାର୍ଯ୍ୟରେ ଜେଲର ଓ ଦୁଇ ୱାର୍ଡରଙ୍କୁ ଆକ୍ରମଣ କରିଥିଲେ ।

ଆକ୍ରମଣରେ ଜେଲରଙ୍କ ବେକ, ଛାତି, ହାତ ପ୍ରଭୃତିରେ ଆଘାତ ଲାଗିଥିବା ବେଳେ ଦୁଇ ୱାର୍ଡରଙ୍କର ମଧ ବେକ ଓ ଛାତି, ହାତ ପ୍ରଭୃତିରେ ଆଘାତ ଲାଗିଛି । ଏହି ସମୟରେ ଜେଲ୍ ସାଇରନ ବାଜିବାରୁ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀସାଗର ଥାନାକୁ ଖବର କରିଥିଲେ । ଲକ୍ଷ୍ମୀସାଗର ଥାନା ଇନ୍ସପେକ୍ଟର ଓ ଅନ୍ୟମାନେ ବିଳମ୍ବ ନକରି ଜେଲ୍‌ରେ ଆସି ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଜାଣିଥିଲେ । ଆହତ ୩ଜଣଙ୍କୁ ଜେଲ୍ ଡିସପେନ୍‌ସାରିରେ ଚିକିତ୍ସା କରାଯାଇଛି । ସୁପରିଣ୍ଟେଣ୍ଡେଣ୍ଟଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

ଡିଏଲ୍‌ଏସ୍ ଜେଲ୍‌କୁ ଗସ୍ତରେ ଆସି ବିଚାରାଧୀନ ବନ୍ଦୀମାନଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥାନ୍ତି । ସେମାନେ ଯେଉଁ ମିଛସତ ଅଭିଯୋଗ କରନ୍ତି, ସେ ସମ୍ପର୍କରେ ଡିଏଲ୍‌ଏସ୍ ତାଙ୍କ ସାମ୍ନାରେ ୱାର୍ଡରଙ୍କୁ ଡାକି ପଚରାଉଚରା କରନ୍ତି । ଆବଶ୍ୟକ ହେଲେ ସେହି କାଗଜପତ୍ରକୁ ଡିଏଲ୍‌ଏସ୍ କୋର୍ଟକୁ ପଠାଇ ଦିଅନ୍ତି । ଯାହା ଫଳରେ ୱାର୍ଡରମାନେ ଜେଲ୍ ମଧ୍ୟରେ ବିଚାରାଧୀନ ବନ୍ଦୀଙ୍କ ଦ୍ୱାରା ଏକପ୍ରକାର ନିର୍ଯାତିତ ହେଉଛନ୍ତି । ବିଚାରାଧୀନ ବନ୍ଦୀମାନେ ୱାର୍ଡର ଓ ଜେଲରଙ୍କ ବିରୋଧରେ ମିଛସତ ଅଭିଯୋଗ ଆଣି ସେମାନଙ୍କୁ ହଇରାଣ କରୁଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ନଣ୍ଟୁ ଓ ତା'ର ଗ୍ୟାଙ୍ଗ୍ ଛୁରି ବୁଲାଇ ଭିଡିଓ ପ୍ରସ୍ତୁତ କରିବା ସହ ତାହାକୁ ବାହାରକୁ ପଠାଇ ଧମକଚମକ ଦେଉଛନ୍ତି । ସେହି ଘଟଣା ପରେ ତାଙ୍କୁ ସେଲ୍‌ରେ ରଖାଯାଇଥିବାରୁ ସେମାନେ ଉତ୍‌କ୍ଷିପ୍ତ ହୋଇ ଶୁକ୍ରବାର ଜେଲର ଓ ଦୁଇ ୱାର୍ଡରଙ୍କୁ ଗାଳିଗୁଲଜ କରି ତାଙ୍କ ଶରୀରକୁ କାଟି ପକାଇ ଭୟ ସଞ୍ଚାର କରାଇଲେ । ଝାରପଡା ଜେଲ୍ ମଧ୍ୟରେ ବନ୍ଦୀ, କଏଦୀ ଓ କର୍ମଚାରୀମାନେ କ'ଣ ସବୁ କରୁଛନ୍ତି, ତାହାର ସଠିକ୍ ତଦନ୍ତ ହେବା ଆବଶ୍ୟକ । କାରଣ ବାରମ୍ବାର ଜେଲ୍ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବିଚାରାଧୀନ ବନ୍ଦୀ ବୋଲି ଅଭିଯୋଗ ହେଉଛି ।

### ଦାନା ଛଡ଼ାଇ ନେଲା ଚାଷୀଙ୍କ ଦାନା

ଆଗରପଡ଼ା, (ସବ୍ୟୁ): ବାତ୍ୟା ଦାନା ପ୍ରଭାରେ ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବାର ଜଣାପଡ଼ିଛି । ଏଠାରେ ଅଧିକାଂଶ ଲୋକ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି।ବିଶେଷ କରି ଧାନଚାଷ ଲୋକମାନଙ୍କର ମୁଖ୍ୟ ଚାଷ ଅଟେ ବର୍ତ୍ତମାନ ଧାନରେ ଥୋଡ଼ ଆସି ଯାଇଥିଲା।ପବନ ଯୋଗୁଁ ଧାନ ଗଛଗୁଡ଼ିକ ପାଣିରେ ପଡ଼ିଯାଇଛ। ।ପନିପରିବା ଚାଷୀଙ୍କ ଅବସ୍ଥା ତଦ୍ରୁପ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବିଟିପୁର ବାହାଳୀ ଜମିରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି।କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ଏହି ଗ୍ରାମର ଅନେକ ଲୋକଙ୍କର ଏଠାରେ ଥିବା ଜମି ଗୁଡ଼ିକ ଏହି ସମସ୍ୟା ପାଇଁ ଚାଷ ହୋଇ ନ ପାରି ପଡ଼ିଆ ପଡୁଥିବାର ଦେଖିବାକୁ ମିଳୁଛି।

# ଖଇରବଣି ଆଶ୍ରମ ବିଦ୍ୟାଳୟ କୁ ପଞ୍ଚମ ଜାତୀୟ ଜଳ ପୁରସ୍କାର

ବେତନଟୀ (ସବ୍ୟୁ) : ଭାରତ ସକାରଙ୍କର ଜଳ ଶକ୍ତି ମନ୍ତ୍ରାଣାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚମ ଜାତୀୟ ଜଳ ପୁରସ୍କାର ଓଡ଼ିଶାରୁ ଏକମାତ୍ର ବିଦ୍ୟାଳୟ ଭାବେ ବେତନଟୀ ବ୍ଲକ ଅଧୀନ ଖଇରିବଣି ଆଶ୍ରମ ବିଦ୍ୟାଳୟକୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ମିଳିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଗହଣର ଖୁସିର ଲହରୀ ଖେଳିଯାଇଛି । ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭ ଉଦଘାଟନ କରିଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲ , ଜଳ ଶକ୍ତି ଏବଂ ରେଳବିଭାଗର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ବି ସୋମନ୍ନା ଏବଂ ଜଳ ଶକ୍ତି ମନ୍ତ୍ରଣାଳାୟ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ରାଜ ଭୂଷଣ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଜଳ ହିଁ ଜୀବନ ଉକ୍ତିର ସାର୍ଥକତା ପାଇଁ ଜଳର ସୁପରିଚାଳନା, ସଂରକ୍ଷଣ, ତଥା ଉତ୍ତମ ବ୍ୟବହାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରାଜ୍ୟ, ଜିଲ୍ଲା, ଅନୁଷ୍ଠାନ, ପୌରାଞ୍ଚଳ, ଗ୍ରାମ ପଂଚାୟତ, ବିଦ୍ୟାଳୟ /ମହାବିଦ୍ୟାଳୟ ଏହିପରି ଆଠଟି ବର୍ଗରେ ଏହି ପୁରସ୍କାର ଭାରତର ଜଳ ଶକ୍ତି ବିଭାଗ ଦ୍ୱାରା ପ୍ରଦାନ କରା ଯାଇଥିଲା । ୨୦୧୮ ମସିହା ଠାରୁ ଏହି ପୁରସ୍କାର ଆୟୋଜନ କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ଅତ୍ୟନ୍ତ ଖୁସିର ବିଷୟ ଯେ ଏହି ସମାରୋହରେ ଓଡିଶା ଶ୍ରେଷ୍ଠ ରାଜ୍ୟ, ବଲାଙ୍ଗୀର ଜିଲ୍ଲା ପୂର୍ବାଞ୍ଚଳ ର ଶ୍ରେଷ୍ଠ ଜିଲ୍ଲା, ପୁରୀ ଶ୍ରେଷ୍ଠ ସହରାଞ୍ଚଳ ତଥା ବେତନଟୀ ବ୍ଲକ ଅନ୍ତର୍ଗତ ଖଇରବଣି ଆଶ୍ରମ ବିଦ୍ୟାଳୟ ଓଡିଶାରୁ ଏକମାତ୍ର ବିଦ୍ୟାଳୟ ଭାବରେ ଏହି ଜାତୀୟ ପୁରସ୍କାର ପାଇଛି । ଭାରତ ସରକାରଙ୍କର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ମାନନୀୟ ସି. ଆର. ପାଟିଲ ମହୋଦୟ ଙ୍କ ଠାରୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିନୀତା ଦାଶ ଟ୍ରଫି, ମାନପତ୍ର ଗ୍ରହଣ କରିଛନ୍ତି । ପୁରସ୍କାର ରାଶି ବାବଦରେ ବିଦ୍ୟାଳୟ କୁ ଏକ ଲକ୍ଷ ଟଙ୍କା ମିଳିଛି । ଏହି ଅନୁଭୂତି ଅବିସ୍ମରଣୀୟ ଓ ବିରଳ ଅଟେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ରେ ଚାରିଟି ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଭୁତଳ ଜଳ ସଂରକ୍ଷଣ ରେ ସହାୟକ ହେଉଛି । ତରଳ ବର୍ଜ୍ୟ ବସ୍ତୁ ର ସୁପରିଚାଳନା, ଉତ୍ତମ ପାନୀୟ ଜଳର ବ୍ୟବହାର, ପିଲାମାନଙ୍କର ବ୍ୟବହାରିକ ପରିବର୍ତ୍ତନ କୁ ଗୁରୁତ୍ୱ ଦିଆ ଯାଉଛି । ଏହି ପୁରସ୍କାର ବିଦ୍ୟାଳୟ ର ଗୌରବମୟ ଇତିହାସ ରେ ଆଉ ଏକ ପୃଷ୍ଠା ଯୋଡି



ହୋଇ ଯାଇଛି । ସମସ୍ତଙ୍କର ନିଷ୍ଠା, ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗ ରେ ଏହି ବିଦ୍ୟାଳୟ ପୂର୍ବରୁ ଦୁଇ ଥର ରାଜ୍ୟ ସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି । ଏହି ସଫଳତା ର ଶ୍ରେୟ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ, ସଦସ୍ୟ, ଗ୍ରାମବାସୀ, ଶୁଭେଚ୍ଛୁ, ପରିଚାଳନା କମିଟି, ବିଭାଗୀୟ ଅଧିକାରୀ ଓ ଗୁରୁଜନଙ୍କୁ ଦେଇଛନ୍ତି । ଏହି ଖବର ଅଂଚଳବାସୀ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି । ମୟୁରଭଞ୍ଜ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ବିଦ୍ୟାଳୟ ର ସମସ୍ତ ଙ୍କୁ ଶ୍ରେୟ ଦେଇଛନ୍ତି ।

# ଡ. କେ.ସି ଶତପଥୀଙ୍କୁ ଅସାଧାରଣ ଶିକ୍ଷା ଦୂରଦ୍ରଷ୍ଟା ସମ୍ମାନ




ଭୁବନେଶ୍ବର -(ସବ୍ୟୁ): ବିଦ୍ୟାଳୟ ଶିକ୍ଷାପ୍ରଦାନ କ୍ଷେତ୍ରରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟିକରି ଡିଏଭି ଶିକ୍ଷାନୁଷ୍ଠାନ ସମୂହ, ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡ.କେଶବ ଚନ୍ଦ୍ର ଶତପଥୀ ସଂପ୍ରତି ସମ୍ମାନଜନକ ଅସାଧାରଣ ଶିକ୍ଷା ଦୂରଦ୍ରଷ୍ଟା ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଟାଇମ୍ସ ଗ୍ରୁପ ତରଫରୁ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ.ଶତପଥୀଙ୍କୁ ସମ୍ମାନଫଳକ, ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଗଣ ମଞ୍ଚାସୀନ ଥିଲେ । ଓଡିଶାରେ ଡିଏଭି ଆନ୍ଦୋଳନକୁ ପ୍ରସାରଣଶୀଳ ଓ ଲୋକାଭିମୁଖୀ କରାଇବାରେ ଅନନ୍ୟ ଅବଦାନ ରଖିଥିବା ବିଶିଷ୍ଟ ଶିକ୍ଷାବିତ ଡ. ଶତପଥୀ ଇତିପୂର୍ବରୁ ଜାତୀୟ ଶିକ୍ଷକ ପୁରସ୍କାର, ମହାତ୍ମା ହଂସରାଜ ସମ୍ମାନ, ଭବନ ସମ୍ମାନ, କମ୍ପ୍ୟୁଟର ସାକ୍ଷରତା ଉତ୍କର୍ଷ ପୁରସ୍କାର, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ସମ୍ମାନ, ଶ୍ରେଷ୍ଠ ଅଧକ୍ଷ ସମ୍ମାନ ସମେତ ଶତାଧିକ ଉଲ୍ଲେଖନୀୟ ସମ୍ମାନରେ ଗୌରବମଣ୍ଡିତ ହୋଇଛନ୍ତି। ଏହି ପୁରସ୍କାର ତାଙ୍କୁ ଅଧିକ ସମର୍ପିତ ଭାବରେ ଶିକ୍ଷାସେବାରେ ନିୟୋଜିତ କରିବାରେ ପ୍ରୋତ୍ସାହକ ହେବ ବୋଲି ପ୍ରତିକ୍ରିୟାରେ ଡ. ଶତପଥୀ ଜଣାଇବା ସହ ପ୍ରିୟ ଛାତ୍ର ସମାଜକୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

# ପୁରୀରେ ପର୍ଯ୍ୟଟକଙ୍କ ପାଇଁ ଥିବା କଟକଣା ପ୍ରତ୍ୟାହୃତ



ପୁରୀ, (ସବ୍ୟୁ): ବାତ୍ୟା ଦାନା ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ପୁରୀ କୁ ପର୍ଯ୍ୟଟକ ମାନଙ୍କୁ ସରକାର ଓ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା । ତେବେ ବାତ୍ୟା ଲ୍ୟାଣ୍ଡ ଫଲ କରି ସାରିଥିବା ବେଳେ ପୁରୀକୁ ଏତେ ଅଧିକ ପ୍ରଭାବିତ କରିନାହିଁଛତେଣୁ ବର୍ତ୍ତମାନ ପର୍ଯ୍ୟଟକ ମାନଙ୍କ ପାଇଁ ଥିବା କଟକଣାକୁ ପ୍ରଶାସନ ପ୍ରତ୍ୟାହାର କରିନେଇଛନ୍ତି । କୋଣାର୍କ ସୂର୍ଯ୍ୟ ମନ୍ଦିର କୁ ମଧ ରହିଥିବା ଦର୍ଶନ କଟକଣାକୁ ପ୍ରତ୍ୟାହାର କରି ନିଆଯାଇଛି । ବର୍ତ୍ତମାନ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାନେ ପୂର୍ବ ଭଳି ମହାପ୍ରଭୁଙ୍କ ଦର୍ଶନ,ସୂର୍ଯ୍ୟ ମନ୍ଦିର ଦର୍ଶନ କରିପାରିବେ ଓ ସମୁଦ୍ର କୂଳ ଇତ୍ୟାଦି ବୁଲି ପାରିବେ । ତେବେ ସମୁଦ୍ର ଏବେବି ଅଶାନ୍ତ ରହିଥିବାରୁ ପର୍ଯ୍ୟଟକ ମାନେ ସମୁଦ୍ର ମଧ କୁ ନ ଯିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜିଲ୍ଲାରେ ବାତ୍ୟା ର ପ୍ରଭାବ ଏତେ ବ୍ୟାପକ ହୋଇ ନାହିଁ କିମ୍ବା ଅଧିକ ବର୍ଷା ମଧ ହୋଇ ନାହିଁ । କିନ୍ତୁ ଆଗକୁ ବର୍ଷାର ସୂଚନା ରହିଥିବାରୁ ଜନସାଧାରଣ ଓ ପର୍ଯ୍ୟଟକ ସତର୍କ ରହିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ସୁବର୍ଣ୍ଣରେଖାରେ ଭାସିଗଲେ ଦଶମ ଶ୍ରେଣୀ ଛାତ୍ର

ବାଲେଶ୍ବର,(ସବ୍ୟୁ) : ସାଙ୍ଗମାନଙ୍କ ସହ ହସଖୁସିରେ ସୁବର୍ଣ୍ଣରେଖାକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ହଠାତ୍ ଖସିଗଲା ଗୋଡ଼ ଓ ପାଣିର ସୁଅରେ ଭାସିଗଲେ ଛାତ୍ର। ଏପରି ଏକ ଅଭାବନୀୟ ଘଟଣା ବାଲେଶ୍ବର ଜିଲ୍ଲା ଜଳେଶ୍ବର ବ୍ଲକ ଗଡ଼ସାହିବାଲିଆପାଳ ପଞ୍ଚାୟତରେ ଘଟିଛି। ଭାସି ଯାଇଥିବା ନାବାଳକ ଜଣକ ହେଲେ ମନୋରଞ୍ଜନ ଦାସଙ୍କ ୧୫ ବର୍ଷୀୟ ପୁଅ ସାହିଲ ଦାସ। ଗୁରବାର ଅପରାହ୍ନ ସମୟରେ ସାହିଲ ନିଜର ଦୁଇ ସାଙ୍ଗଙ୍କ ସହ ଗାଧୋଇବାକୁ ସୁବର୍ଣ୍ଣରେଖା ନନୀକୁ ଯାଇଥିଲେ।ଦୀର୍ଘ ସମୟ ପରେ ଅନ୍ୟ ଦୁଇ ଜଣ ଫେରିଥିବା ବେଳେ ସାହିଲ ଦାସ ଏନେଇ ସ୍ଥାନୀୟ ସରପଞ୍ଚ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ମାତ୍ର ଦମକଳ ବାହିନୀ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ନଦୀରେ ଜାଲ ପକେଇ ବହୁ ଖୋଜା ଖୋଜି କରିଥିଲେ। ମାତ୍ର ସାହିଲଙ୍କ ପତ୍ତା ପାଇ ପାରି ନଥିଲେ ।ଏହାପରେ ଆଜି ସକାଳେ ଅଗ୍ନିଶମ କର୍ମଚାରୀ ସୁବର୍ଣ୍ଣରେଖା ନଦୀରେ ଖୋଜାଖୋଜି ଆରମ୍ଭ କରିଛନ୍ତି।ତେବେ ରିପୋର୍ଟ ଲେଖା ହେବା ବେଳକୁ ସାହିଲଙ୍କ ପତ୍ତା ମିଳି ପାରି ନ ଥିବା ଜଣାଯାଇଛି।

## ଦୀପାବଳୀକୁ ଆଉ ୭ଦିନ

# ଆରମ୍ଭ ହେଲା ଲାଇସେନ୍ସ ଆବେଦନ ପ୍ରକ୍ରିୟା, ସହରର ୯ ଟି ସ୍ଥାନରେ ଖୋଲିବ ବାଣ ଦୋକାନ

କଟକ, (ସବ୍ୟୁ): ବାତ୍ୟା 'ଦାନା'ର ପ୍ରଭାବରେ ସହରରେ ପ୍ରବଳ ବର୍ଷା ଜାରି ରହିଥିବା ସତ୍ତ୍ୱେ ବାଣଦୋକାନୀ କିନ୍ତୁ ନିଜ ବ୍ୟବସାୟ କରିବାକୁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛନ୍ତି । କମିଶନରେଟ୍ ପୁଲିସ ପକ୍ଷରୁ ବାଣ ଲାଇସେନ୍ସ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଦୋକାନୀମାନେ ଡିସିପିଙ୍କ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଫର୍ମ ନେଇ ୫ ଟି ଭିନ୍ନ କାର୍ଯ୍ୟାଳୟରେ ଦାଖଲ କରୁଛନ୍ତି । ଏହା ପରେ ସ୍ଥାନୀୟ ଥାନାରୁ ଲାଇସେନ୍ସ ନେବା ପରେ ଦୋକାନ ଖୋଲିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ତହସିଲ୍ କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ, ଫାୟର୍ ଅଫିସ୍ ଏବଂ ଟ୍ରାଫିକ୍ ପୁଲିସ କାର୍ଯ୍ୟାଳୟରୁ ଅନୁମତି ଆଣିବା ପରେ ସ୍ଥାନୀୟ ଥାନାରେ ସମସ୍ତ କାଗଜପତ୍ର ଦେବାକୁ ହେବ । ଏହାପରେ ସମ୍ପୃକ୍ତ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ । ସହର ମଧ୍ୟରେ କୌଣସି ବାଣ ବ୍ୟବସାୟୀ ପ୍ରଚଣ୍ଡ ଶବ୍ଦକାରୀ ବମ୍ ବିକ୍ରୟ କରି ପାରିବେ ନାହିଁ । କେବଳ ଗ୍ରୀନ୍ କ୍ରାକର୍କୁ ଅନୁମତି ଦିଆଯିବ । ଥାନାୱାରୀ ଆଇଆଇସିମାନେ ବାଣ ଦୋକାନକୁ ଯାଞ୍ଚ କରିବେ । ଯଦି କୌଣସି ଦୋକାନୀ ପ୍ରଚଣ୍ଡ ଶବ୍ଦକାରୀ ବମ୍ ତଥା ହେଭି ସାଉଣ୍ଡ ବମ୍ ବିକ୍ରୟ କରୁଥାଆନ୍ତି, ତୁରନ୍ତ ସେମାନଙ୍କ ଦୋକାନକୁ ସିଲ୍ କରାଯିବ ବୋଲି ଏଡିସିପି ଦେବବ୍ରତ କର ସୂଚନା ଦେଇଛନ୍ତି ।

ଅସ୍ଥାୟୀ ବାଣ ଦୋକାନ ପାଖରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ରଞ୍ଜକ ଭଳି ସାମଗ୍ରୀକୁ ଆଦୌ ବିକ୍ରୟ ନକରିବା, ଯେଉଁ ଧାଡିରେ ବାଣ ଦୋକାନ ଗୁଡ଼ିକ ଖୋଲିବ, ସେଠାରେ ନିର୍ଦ୍ଦିଷ୍ଟ ଦୂରତା ଅବଲମ୍ବନ କରିବା ଏବଂ ଆଦୌ ବିପଦପୂର୍ଣ୍ଣ ବାଣ ବିକ୍ରୟ ନକରିବା ଉପରେ ପୁଲିସ ଗୁରୁତ୍ୱ ଦେଉଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି)ର ସମସ୍ତ ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବାକୁ କୁହାଯାଇଛି । ଚଳିତ ବର୍ଷ ଏହାକୁ କଡାକଡି ଭାବେ ପାଳନ କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଚଳିତ ବର୍ଷ କଟକ ସହରର ୯ଟି ସ୍ଥାନରେ ବାଣ ଦୋକାନ ଖୋଲାଯିବାକୁ ସ୍ଥିର କରାଯାଇଛି । ଏହା ଉପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ସ୍ୱତନ୍ତ୍ର ନଜର ରଖିବେ । ପ୍ରତ୍ୟେକ ବାଣ ଦୋକାନୀ ନିଜ ଦୋକାନ ଭିତରେ ୨ଟି ଅଗ୍ନି ନିର୍ବାପକ ଯନ୍ତ୍ର , ବାଲି ଓ ପାଣି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା କାଲି ଠାରୁ ଅସ୍ଥାୟୀ ବାଣ ଦୋକାନର ତମ୍ବୁ ଓ ସ୍ଥାନ ଗୁଡ଼ିକୁ ଯାଞ୍ଚ କରାଯିବ ବୋଲି ଫାୟାର୍ ଅଫିସର ସଞ୍ଜିବ୍ କୁମାର ବେହେରା କହିଛନ୍ତି । ଦେବୀଗଡ଼ା , ପୁରୁଣା ଜେଲ୍ ପଡ଼ିଆ, ଖାନନଗର କାଳୀମନ୍ଦିର ସମ୍ମୁଖସ୍ଥ ଖୋଲା ସ୍ଥାନ(ସିଏନ୍‌ବିଟି ସମ୍ମୁଖସ୍ଥ ଜାଗା), ପଞ୍ଚମୁଖି ମନ୍ଦିର ନିକଟସ୍ଥ ପଡ଼ିଆ, ଚାଉଳିଆଗଞ୍ଜ ଖେଳପଡ଼ିଆ ଏବଂ ନେତାଜୀ ଖେଳ ପଡ଼ିଆ, ବାଲିଯାତ୍ରା ତଳ ଓ ଉପର ପଡ଼ିଆ, କୃଷକ ବଜାର, ସିଡିଏ ସେକ୍ଟର-୯ ଅଞ୍ଚଳରେ ବାଣ ଦୋକାନ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି ଛ ବ୍ୟବସାୟ ନିୟମକୁ ଉଲ୍ଲଘଂନ କଲେ, ଲାଇସେନ୍ସକୁ ରଦ କରାଯିବା ସହିତ ସମ୍ପୃକ୍ତ ବାଣ ବ୍ୟବସାୟୀକୁ ଗିରଫ କରାଯିବ ବୋଲି ପୁଲିସ ଆଜି ଲାଇସେନ୍ସ ସେକ୍ସନରେ ନୋଟିସ୍ ଲଗାଇଛି ।

## ବାତ୍ୟା ବେଳେ ରକ୍ତ ପାଇଁ ଅନେକ ହେଲେ ଡହଳ ବିକଳ

# ବିନା ଡୋନରରେ ରକ୍ତ ଦେଲାନି ଏସସିବି ବ୍ଲଡ଼ ବ୍ୟାଙ୍କ

କଟକ,(ସବ୍ୟୁ): ବାତ୍ୟା ସମୟରେ ରୋଗୀ କିପରି ହଇରାଣ ନହେବେ ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଘୋଷଣା କରିଥିଲେ । ନିଜସ୍ୱ ଉଦ୍ୟମରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ କର୍ମଚାରୀଙ୍କୁ ୨୪ ଘଣ୍ଟିଆ ଡ୍ୟୁଟି କରିବାକୁ ନିର୍ଦ୍ଦେଶ ରହିଥିଲା । ଏପରିକି ବିଦ୍ୟୁତ ସେବା ବ୍ୟାଘାତ ନଘଟିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ହେଲେ ଏହା ଭିତରେ ରକ୍ତ ପାଇବା ପାଇଁ ରୋଗୀ ନାହିଁ ନଥିବା ସମସ୍ୟା ଭୋଗିଥିବା ଜଣାପଡ଼ିଛି । ବାତ୍ୟା ବେଳେ ବି ରକ୍ତ ୟୁନିଟ ଦେବା ପାଇଁ ଡୋନର ଖୋଜିଥିଲେ ଏସ୍‌ସିବି ରକ୍ତଭଣ୍ଡାରର କର୍ମଚାରୀ । ବିନା ଡୋନରରେ ରକ୍ତ ଦେଇ ହେବ ନାହିଁ ବୋଲି କହି ଫେରାଇ ଦେଇଥିଲେ । କେତେକ ରୋଗୀ ସମ୍ପର୍କୀୟ ଏଭଳି ଅଭିଯୋଗ ଉଠାଇଥିବା ବେଳେ ଏସ୍‌ସିବି ମେଡିକାଲର ବାତ୍ୟା ମୁକାବିଲା ଭେଳିକି ବୋଲି ପ୍ରମାଣିତ ହୋଇଛି ।

ମିଳିଥିବା ସୂଚନା ଅନୁସାରେ, ଏସ୍‌ସିବି ମେଡିକାଲର ଭେଷଜ ବିଭାଗରେ ଯାଜପୁର ମଙ୍ଗଳପୁର ଅଞ୍ଚଳର ୪୫ ବର୍ଷୀୟ କାଞ୍ଚନ ଜେନା ଭର୍ତ୍ତି ହୋଇଛନ୍ତି । କାଞ୍ଚନଙ୍କୁ ରକ୍ତର ଆବଶ୍ୟକ ଥିବା ବିଭାଗରେ ଡାକ୍ତର କହିଥିଲେ । ଗୁରୁବାର କାଞ୍ଚନଙ୍କ ସମ୍ପର୍କୀୟ ମେଡିକାଲ ପରିସରରେ ଥିବା ରକ୍ତଭଣ୍ଡାରକୁ ଯାଇଥିଲେ । କିନ୍ତୁ ରକ୍ତଭଣ୍ଡାରରେ ଉପସ୍ଥିତ କର୍ମଚାରୀ ରକ୍ତ ୟୁନିଟ ପାଇବାକୁ ହେଲେ ଡୋନର ଆବଶ୍ୟକ ବୋଲି କହିଥିଲେ । ବାତ୍ୟା ସମୟରେ ଡୋନର ଯୋଗାଡ କରିବା ସମ୍ଭବ ନୁହେଁ । ଏଣୁ ଗୋଟିଏ ରକ୍ତ ୟୁନିଟ ଦେବାକୁ ସେ ନିବେଦନ କରିଥିଲେ । ହେଲେ ସେଠାରେ କର୍ମଚାରୀ ତାଙ୍କୁ ଫେରାଇ ଦେଇଥିଲେ । କାଞ୍ଚନଙ୍କ ସମ୍ପର୍କୀୟ ଭଳି ଅନେକ ରୋଗୀଙ୍କ ସମ୍ପର୍କୀୟ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି । ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ କହିଛନ୍ତି ଯେ, ବାତ୍ୟା ସମୟରେ ରୋଗୀଙ୍କୁ ତୁରନ୍ତ ରକ୍ତ ୟୁନିଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା । ଯଦି ଏଭଳି ଘଟଣାର ସତ୍ୟତା ଥାଏ, ତାହେଲେ ତଦନ୍ତ ହେବ ବୋଲି ସେ କହିଛନ୍ତି ।

## ବାତ୍ୟା ପବନ ଓ ବର୍ଷାରେ ଗଛରୁ ଖସି ପଡିଥିବା

# ଶହଶହ ବିଦେଶୀ ପକ୍ଷୀଙ୍କୁ ସୁରକ୍ଷା ଦେଲା ଜଙ୍ଗଲ ବିଭାଗ

ଚଣ୍ଡିଖୋଲ,(ସବ୍ୟୁ) ବାତ୍ୟା ଦାନା ଜନିତ ପବନ ଓ ଲଗାଣ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଧାନମଣ୍ଡଳ ବଜାର ଅଞ୍ଚଳରେ ବଷାବାନ୍ଧି ରହୁଥିବା ବିଦେଶୀ ଗେଣ୍ଡାଳିଆ ପ୍ରଜାତିରଙ୍କୁ ଜଙ୍ଗଲ ବିଭାଗ କର୍ମଚାରୀ ମାନେ ସୁରକ୍ଷା ଦେଇଥିବା ଦେଖାଯାଇଛି । ଲଗାଣ ବର୍ଷା ଓ ପବନ ପ୍ରକୋପ ଯୋଗୁଁ ଗଛ ଉପରୁ ଶହଶହ ସଂଖ୍ୟାରେ ପକ୍ଷୀ ତଳକୁ ଖସି ପଡି ଆହତ ହୋଇଥିଲେ । ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ପକ୍ଷୀ ମାନଙ୍କୁ ଏକ କୋଠରୀରେ ରଖି ସୁରକ୍ଷା ଯୋଗାଇ ଦେବା ସହିତ ଗତ ଦୁଇଦିନ ହେବ ସେହି ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦେଇଥିବା ଦେଖାଯାଇଛି । ସୂଚନା ମୁତାବକ କାହିଁ କେଉଁ କାଳରୁ ସାଇବେରିଆ ସହ ବିଦେଶର ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଏହି ଗେଣ୍ଡାଳିଆ ପ୍ରଜାତିର ପକ୍ଷୀ ଆସି ଧାନମଣ୍ଡଳ ବଜାର ନିକଟ ବଡ଼ ବଡ଼ ଗଛ ମାନଙ୍କରେ ବଷାବାନ୍ଧି ରହିଥାନ୍ତି। ପ୍ରତ୍ୟେକ ବର୍ଷ ମୌସୁମୀ ଆଗମନ ପୂର୍ବରୁ ଅର୍ଥାତ ଜୁନ ଏହି ପକ୍ଷୀମାନେ ଏଠାକୁ ଆସିଥାନ୍ତି । ଏଠାରେ ଅଣ୍ଡାଦେଇ ସାବକ ଜନ୍ମକରିଥାନ୍ତି! ପରେ ସାବକ ମାନେ ଉଡିବା ସିଖୀଗଲା ପରେ ଡିସେମ୍ବର ମାସରେ ପୁଣି ନିଜ ଦେଶକୁ ଫେରିଯାଆନ୍ତି । ଦୀର୍ଘ ବର୍ଷ ଧରି ଏମାନେ ପ୍ରତିବର୍ଷ ଏମିତି ଏଠାକୁ ଆସି ପୁଣି ଫେରି ଯାଇଥାନ୍ତି । ତେବେ ଏହି ପକ୍ଷୀମାନେ ଏଠାରେ ଏହି ରହଣି ମଧ୍ୟରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ପ୍ରଖର ଖରା ଓ ବର୍ଷା ବାତ୍ୟା ସମୟରେ ଏମାନେ ସବୁଠୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ମହାବାତ୍ୟା ସମୟରେ ଏଠାରେ ବହୁ ଗେଣ୍ଡାଳିଆ ମୃତ୍ୟୁ ମୁଖରେ ପଡ଼ିଥିଲେ । ତଥାପି ଏହି ଜନ୍ମ ମାଟିକୁ ଏମାନେ ଭୁଲି ନଯାଇ ପ୍ରତିବର୍ଷ ଏଠାକୁ ଆସି ଛୁଆଙ୍କୁ ଉଡାଣ ଶିଖାଇ ପୂର୍ବ ପରି ଫେରି ଯାଇଥାନ୍ତି । ତେବେ ଗତ ୨୪ ତାରିଖ ବର୍ଷା ଓ ପବନରେ ବହୁ ସଂଖ୍ୟକ ପକ୍ଷୀ ଗଛ ଉପରୁ ତଳକୁ ଖସି ପଡ଼ିଥିଲେ । ଖବର ପାଇ ଚଣ୍ଡିଖୋଲ ବନପାଳ କୃଷ୍ଣଚନ୍ଦ୍ର ଟୁଡୁଙ୍କ ନେତୃତ୍ୱରେ ବନରକ୍ଷି ମନୋଜ କୁମାର ନାୟକ,ଆସିନ ଆଜମ ଖାଁ ଓ ସୁରେଶଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ମାନଙ୍କ ସହଯୋଗରେ ତଳେ ପଡି ଛଟପଟ ହେଉଥିବା ପକ୍ଷୀମାନଙ୍କୁ ଉଦ୍ଧାର କରି ଏକ କୋଠରୀରେ ରଖି ଚିକିତ୍ସା କରିବା ସହ ସେମାନଙ୍କୁ ଖାଦ୍ୟ ଓ ପାଣି ଦେଇଥିଲେ । ପକ୍ଷୀମାନେ ସୁସ୍ଥ ହେବା ପରେ ଓ ବର୍ଷା ଛାଡିଲେ ସେମାନଙ୍କୁ ଗଛ ଉପରକୁ ଛାଡି ଦିଆଯିବ ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



## ଶ୍ରୀମନ୍ଦିର ସୁପରଭାଇଜରଙ୍କୁ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଗତ ୧୮ ତାରିଖ ସନ୍ଧ୍ୟାରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖ ପରିକ୍ରମା ମାର୍ଗ ନିକଟରେ ଘଟିଥିବା ଶ୍ରୀମନ୍ଦିର ସୁପର ଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ହତ୍ୟା ଉଦ୍ୟମ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତକୁ ସିଂହଦ୍ୱାର ଥାନା ପୋଲିସ ଖୋର୍ଦ୍ଧା ଭୂସୁଣ୍ଡ ପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାର ପରିଚୟ ହେଲା ବାସୁ ଓରଫ ବସେଦେବ ମଣ୍ଡଳ(୨୪) । ତାର ଘର ବଳିଆ ପଣ୍ଡା ଥାନା ଅନ୍ତର୍ଗତ ଗୌଡବାଡ ସାହି ଗ୍ରାମ୍ୟ ବ୍ୟାଙ୍କ୍ ଲେନ ଅଟେଛ ସେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ଥିବା କାଳିଆ ଖୁଣ୍ଟିଆ ଭୋଗ ଦୋକାନରେ ସେ ସେଲ୍ସ ମ୍ୟାନ ରୂପେ କାର୍ଯ୍ୟ କରେ ବୋଲି ଏହି ସୂଚନା ଦେଇଛନ୍ତି ପୁରୀ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର । ସେ ମୁଖ୍ୟତଃ ମଗଜ ଲଡୁ, ଖିରା, ରାବିଡି ବିକ୍ରି କରେ । ପୂର୍ବରୁ ପୋଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ହେଲେ ଟାଉନ ଥାନା ଅଧୀନ ବରେହୀ ଲେନର ଦାମୋଦର ସାମନ୍ତରାଙ୍କ ଦୁଇ ପୁତ୍ର ଚନ୍ଦନ ଓରଫ ସୁମନ କୁମାର ସାମନ୍ତରା (୩୨) ଓ ଜୁଝୀ ଓରଫ ଅମ୍ରିତାନଂଶୁ ସାମନ୍ତରା (୨୪) ଅଟନ୍ତି



। ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୁରୀ ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର । ଶ୍ରୀ ମିଶ୍ର ଗଣମାଧ୍ୟମକୁ କହିଥିଲେ ଅଭିଯୁକ୍ତ ଚନ୍ଦନର ଶ୍ରୀମନ୍ଦିର ଭିତର ଆନନ୍ଦ ବଜାର ଭିତରେ ଏକ ଭୋଗ ଦୋକାନ ଅଛି । ସେ କେତେକ ବାହାର ଲୋକଙ୍କୁ ନିୟୋଜିତ କରି ଦୋକାନ ସମ୍ମୁଖରେ ମିଠା ରାବିଡି ବିକ୍ରି କରୁଥିଲା । ଏହା ଦେଖି ମନ୍ଦିର ଭିତର ଭୋଗ ବ୍ୟତୀତ ବାହାର ମିଠା ନ ବିକ୍ରି କରିବା ପାଇଁ ବକ୍ସି ଚନ୍ଦନଙ୍କୁ ବାରଣ କରି ଥିଲେ । ଯାହା ଫଳରେ ଚନ୍ଦନ ମନରେ ରାଗ ସୃଷ୍ଟି ହୋଇଥିଲା । ପ୍ରତିଶୋଧ ନେବା ପାଇଁ ଚନ୍ଦନ ଓ ତାର ସାନ ଭାଇ ଯୁଜି ଓ ମୁଖ୍ୟ ଅଭିଯୁକ୍ତ ବାସୁ ୧୮ ତାରିଖ ସନ୍ଧ୍ୟାରେ ବକ୍ସି ମନ୍ଦିର ପଶ୍ଚିମ ଦ୍ୱାର ପରିକ୍ରମା ମାର୍ଗ ନିକଟରେ ଥିବା ତାଙ୍କ ବାଇକ ଚାବି ଖୋଲିବା ବେଳେ ହଠାତ ଅଭିଯୁକ୍ତମାନେ ତାଙ୍କୁ ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ଥିଲେ । ଏହି ଘଟଣାରେ ପୋଲିସ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ କଡ଼ା ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଆଜି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସିଟି ଡିଏସ୍ପି ଆରଏନ୍ ଭଞ୍ଜ, ସିଂହ ଦ୍ୱାର ଥାନା ଅଧିକାରୀ ଓ ଟାଉନ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଉପସ୍ଥିତ ଥିଲେ ।

# ଯାତ୍ରୀ ଆପ୍ ବିକଶିତ ଓଡ଼ିଶା ପାଇଁ ଭବିଷ୍ୟତ ଗତିଶୀଳତା ପଥପ୍ରଦର୍ଶକ

ଭୁବନେଶ୍ବର, (ସବ୍ୟୁ): ନିରବଛିନ୍ନ ଏବଂ ସ୍ଥାୟୀ ସହରୀ ଗତିବିଧିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ ପରିବର୍ତ୍ତନଶୀଳ ମୋବିଲିଟି ଆପ୍ 'ଓଡ଼ିଶା ଯାତ୍ରୀ' ର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟର 'ବିକଶିତ ଓଡ଼ିଶା' ଦୃଷ୍ଟିକୋଣ ସହିତ ମେଳ ଖାଉଛି, ଯାହାର ଉଦ୍ଦେଶ୍ୟ ହେଉଛି ଡ୍ରାଇଭରମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଏବଂ ସାରା ରାଜ୍ୟରେ ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବ । ଏହି ପରିପ୍ରେକ୍ଷୀରେ ନମ୍ମା ଯାତ୍ରୀଙ୍କ ମୂଳ କମ୍ପାନୀ ଓଏନଡିସିର ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (ସିଆରୟୁଟି) ମୁଭିଂ ଟେକ୍ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । (ଓଆରଏସଏସ). ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ଡିଜିଟାଲ୍ ବାଣିଜ୍ୟ ପାଇଁ ଓପନ୍ ନେଟୱାର୍କ (ଓଏନଡିସି) ହେଉଛି ଏକ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ଏକ ଆନ୍ତଃ-କାର୍ଯ୍ୟକ୍ଷମ ମୁକ୍ତ ନେଟୱାର୍କ ପ୍ରତିଷ୍ଠା କରି ଡିଜିଟାଲ୍ ବାଣିଜ୍ୟର ଗଣତାନ୍ତ୍ରିକରଣ କରିବା, ଯାହା ସାମଗ୍ରୀ ଏବଂ ସେବାରେ ଡିଜିଟାଲ୍ କାରବାରକୁ ସକ୍ଷମ କରିଥାଏ । ଏହି ସମନ୍ୱିତ ଗତିଶୀଳତା ପ୍ଲାଟଫର୍ମ ସମଗ୍ର ଓଡ଼ିଶାରେ ଯାତ୍ରୀମାନଙ୍କୁ ଏକ ନିରବଛିନ୍ନ ଏବଂ ସୁବିଧାଜନକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ସହିତ ଡ୍ରାଇଭରମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା, ଯାହାର ଅଧ୍ୟକ୍ଷତା କରିଥିଲେ ପ୍ରମୁଖ ସଚିବ ଶ୍ରୀମତୀ. ଉଷା ପାଢ଼ୀ । ସେ ସଫଳ କାର୍ଯ୍ୟକାରିତା ପାଇଁ ରଣନୈତିକ ରୋଡମ୍ୟାପକୁ ରେଖାଙ୍କିତ କରିଛନ୍ତି । ସ୍ୱଚ୍ଛତା ଏବଂ ଗୋଷ୍ଠୀ ପରିଚାଳିତ ନବସୃଜନ ନୀତି ଉପରେ ଆଧାରିତ ଓଡ଼ିଶା ଯାତ୍ରୀ, ସମ୍ପ୍ରସାରିତ ଶେଷ ମାଇଲ ସଂଯୋଗ ସହିତ ସହରାଞ୍ଚଳ ପରିବହନରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ । ଡିଜିଟାଲ୍ ବାଣିଜ୍ୟ ପାଇଁ ଏକ ଖୋଲା ନେଟୱାର୍କ ଦ୍ୱାରା ପରିଚାଳିତ, ଏହା ଡ୍ରାଇଭରମାନଙ୍କ ପାଇଁ ଏକ ସବସ୍କ୍ରିପସନ୍ ମଡେଲରେ କାର୍ଯ୍ୟ କରିବ, ଏହା ସୁନିଶ୍ଚିତ କରିବ ଯେ ସେମାନେ ସେମାନଙ୍କର ଅଧିକାର ୧୦୦% ରଖିବେ । ଦୀର୍ଘସ୍ଥାୟୀ ବିକାଶକୁ ପ୍ରାଥମିକତା ଦେଉଥିବା ଦୂରଦୃଷ୍ଟିସମ୍ପନ୍ନ ନୀତି ମାଧ୍ୟମରେ ଓଡ଼ିଶା ଯାତ୍ରୀ ହଜାର ହଜାର ଡ୍ରାଇଭରଙ୍କ ଜୀବିକା ବୃଦ୍ଧି କରିବା ସହିତ ନାଗରିକମାନଙ୍କୁ ସୁଲଭ, ପରିବେଶ ଅନୁକୂଳ ପରିବହନ ସମାଧାନ ପ୍ରଦାନ କରିବ । ଓଡ଼ିଶା ଯାତ୍ରୀର ଏକ ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଏକ ସନ୍ତୁଳିତ ଇକୋସିଷ୍ଟମ୍ ସୃଷ୍ଟି କରିବା ଯେଉଁଠାରେ ଡ୍ରାଇଭରମାନେ ଅଧିକ ରୋଜଗାର କରିପାରିବେ ଏବଂ ଗ୍ରାହକମାନେ କମ୍ ଦେୟ ଦେବେ ।

ଓଡିଶା ଯାତ୍ରୀ ଏକ ଶୂନ କମିଶନ ମଡେଲରେ କାର୍ଯ୍ୟ କରିବା, ମଧ୍ୟସ୍ଥିମାନଙ୍କୁ ହଟାଇବା ଏବଂ ସମସ୍ତ କାରବାର ପାଇଁ ନୋ-କମିଶନ ଆଧାରରେ ନିଶ୍ଚିତ କରିବା ।ଏହି ଢାଞ୍ଚା ଡ୍ରାଇଭରମାନଙ୍କୁ ପ୍ରତ୍ୟକ୍ଷ ଦେୟ ପ୍ରଦାନ, ସ୍ୱଚ୍ଛତା ବୃଦ୍ଧି ଏବଂ ସେମାନଙ୍କ ପାଇଁ ଆୟରେ ଉଲ୍ଲେଖନୀୟ ବୃଦ୍ଧି ସୁନିଶ୍ଚିତ କରିଥାଏ । ଗ୍ରାହକମାନଙ୍କ ପାଇଁ, ପ୍ଲାଟଫର୍ମ ହେଉଛି ସୁଲଭ ମୂଲ୍ୟ ପ୍ରଦାନ କରିବା, ଉଚିତ ଏବଂ ସ୍ୱଚ୍ଛ ହାର ପ୍ରଦାନ କରିବ । ଏହା ବ୍ୟତୀତ, ଓଡ଼ିଶା ଯାତ୍ରୀ ଏକ ଏକକ, ବ୍ୟବହାରକାରୀ-ଅନୁକୂଳ ପ୍ଲାଟଫର୍ମରେ ବିଭିନ୍ନ ପରିବହନ ବିକଳ୍ପକୁ ଏକତ୍ର କରି ସମନ୍ୱିତ ଗତିଶୀଳତାକୁ ପ୍ରୋତ୍ସାହିତ କରିବଛ ସୁରକ୍ଷା ମଧ୍ୟରେ ଏକ ସର୍ବୋଚ୍ଚ ପ୍ରାଥମିକତା ଏହି ପଦକ୍ଷେପ ସ୍ଥାନୀଯ ପୋଲିସ ଏବଂ ପରିବହନ ବିଭାଗ ସହିତ ସହଯୋଗ କରି ଉନ୍ନତ ସୁରକ୍ଷା ପଦକ୍ଷେପ ପ୍ରଦାନ କରିଥାଏ, ଯାହା ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏକ ସୁରକ୍ଷିତ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିଥାଏ । ଅନ୍ୟମାନଙ୍କ ମଧ୍ୟରେ, ପରିବହନ କମିଶନର ଅମିତାଭ ଠାକୁର ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

## ୧୭ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କ ଠାରୁ ୧୭ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଗୌତମୀ ଗ୍ରାମର ଏସ. ଲୁଲୁ କୁମାର ଦୋରା(୩୧) ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୂର୍ବରୁ ଅଭିଯୁକ୍ତ ଜଣଙ୍କ ଗ୍ରାମାବାସୀଙ୍କ ଉପସ୍ଥିତି ଏହି ଟଙ୍କା ଧାର ନେଇଥିବା ବେଳେ ପରବର୍ତ୍ତୀ ସମୟରେ ଟଙ୍କା ଫେରାଇନଥିଲେ । ମାମଲା ନମ୍ବର ୩୫୬/୨୪ ରେ ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

ଘଟଣାରୁ ପ୍ରକାଶ ଯେ, ଏସ. ଲୁଲୁ ଦୋରା ଓ ତାଙ୍କ ବାପା ଏସ ମୁକୁନ୍ଦ ଦୋରାଙ୍କ ଟଙ୍କା ଆବଶ୍ୟକ ଥିବାରୁ ସେ କିଛି ଗ୍ରାମାବସୀଙ୍କୁ ସାଙ୍ଗରେ ନେଇ ଉକ୍ତ ଟିକିନା ବେହେରାଙ୍କ ଘରକୁ ଯାଇ ୧୭ଲକ୍ଷ ଟଙ୍କା ଧାର ମାଗିଥିଲେ । ୨ ମାସ ମଧ୍ୟରେ ଧାର ଟଙ୍କା ଫେରସ୍ତ କରିଦେବାକୁ ଲୁଲୁ ଦୋରା ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯେହେତୁ ଗ୍ରାମାବସୀ ଏବଂ ଲୁଲୁ ମିଳିତଭାବେ ଟଙ୍କା ମାଗୁଛନ୍ତି ସେହିକ୍ରମରେ ଟିକିନା ମଧ୍ୟ ୧୭ ଲକ୍ଷ ଟଙ୍କା ଧାର ତାଙ୍କୁ ଦେଇଥିଲେ । ଏ ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ଲୁଲୁ ୨ ଟି ବ୍ୟାଙ୍କ ଚେକ ମଧ୍ୟ ଦେଇଥିଲେ । ହେଲେ ୨ ମାସ ପୁରିବା ପରେ ଟିକିନା ଟଙ୍କା ଫେରସ୍ତ କରିବାକୁ କହିବାରୁ ଲୁଲୁ ତାଙ୍କ କଥାକୁ କର୍ଣ୍ଣପାତ କରିନଥିଲେ । ବାରମ୍ବାର ଟଙ୍କା ମାଗିବା ପରେ ଲୁଲୁ ଟଙ୍କା ନଫେରାଇବାରୁ ଟିକିନା ଗ୍ରାମାବସୀଙ୍କୁ ସାଙ୍ଗରେ ଧରି ସଦର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ସେତେବେଳେ ଥାନାରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା । ଠିକ ସମୟରେ ଟଙ୍କା ନଫେରାଇଲେ ମୁକୁନ୍ଦଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତି ଟିକିନା ନାମରେ ଲେଖାଇଦେବେ ବୋଲି ଲୁଲୁ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ।

ହେଲେ ତା' ପରେ ମଧ୍ୟ ଅଭିଯୁକ୍ତମାନେ ଟଙ୍କା ଫେରାଇବା କିମ୍ବା ସମ୍ପତ୍ତି ଟିକିନା ନାମରେ ପଞ୍ଜିକରଣ ଦିଗରେ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ ଟିକିନା ପୂର୍ବରୁ ଅଭିଯୁକ୍ତମାନେ ଦେଇଥିବା ଚେକ ଦୁଇଟିକୁ ନେଇ ବ୍ୟାଙ୍କରେ ଜମା କରିବା ପରେ ଆକାଉଣ୍ଟରେ ଟଙ୍କା ନଥିବାରୁ ତାହା ବାଉନ୍ସ ହୋଇଯାଇଥିଲା । ଏ ବିଷୟରେ ଟିକିନା ଅଭିଯୁକ୍ତ ଲୁଲୁ ଓ ମୁକୁନ୍ଦଙ୍କୁ ପଚାରିବାରୁ ସେମାନେ ତାଙ୍କୁ ନାନାପ୍ରକାର ଧମକ ଦେଇଥିଲେ ।ଘଟଣାକୁ ନେଇ ଟିକିନା ପୁଣି ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଲୁଲୁ ଦୋରାଙ୍କୁ ଗିରଫ କରିଥିଲା ।

## ଦିନ ସାରା ଝିପିଝିପି ବର୍ଷା

ବୁଗୁଡା ,(ସବ୍ୟୁ) ବଙ୍ଗୋପ ସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା 'ଦାନା' ପ୍ରଭାବରେ ବର୍ଷା ଓ ପବନ ଦ୍ୱାରା ଫସଲ ହାନିର ଆଶଙ୍କା କରି ବୁଗୁଡା ଅଞ୍ଚଳର ଚାଷୀକୁଳ ଆତଙ୍କିତ ହୋଇପଡିଥିବା ବେଳେ ସେଭଳି କୌଣସି କ୍ଷୟକ୍ଷତି ନଘଟିବା ସାଙ୍ଗକୁ ଫସଲ ପାଇଁ ଆବଶ୍ୟକ ଥିବା ବର୍ଷା ଯୋଗୁଁ ସେମାନେ ଆଶ୍ୱସ୍ତି ଲାଭ କରିଥିବା ଜଣାଯାଇଛି। ବାତ୍ୟା ପ୍ରଭାବରୁ ଆଜି ବଡି ସକାଳୁ ହିଁ ମେଘୁଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା ଅନବରତ ଲାଗି ରହିଥିବାରୁ ଜନ ଜୀବନ ସାମାନ୍ୟ ଅସ୍ତବ୍ୟସ୍ତ ହୋଇପଡିଥିଲାଛ ବିଭିନ୍ନ କାର୍ଯ୍ୟାଳୟ ସମେତ ବସଷ୍ଟାଣ୍ଡ ଓ ବଜାର ଆଦି ସ୍ଥାନରେ ଲୋକଙ୍କ ଗହଳି ଚହଳି ନଥିଲା ବେଳେ ଏବଂ ରାସ୍ତାଘାଟରେ ମଧ୍ୟ ବହୁଳ ଲୋକଙ୍କ ଯାତାୟାତ ଦେଖିବାକୁ ମିଳିନଥିଲା । ବାତ୍ୟା ଜନିତ ବିପର୍ଯ୍ୟୟର ସାମନା କରିବାକୁ ପ୍ରଶାସନ ପ୍ରସ୍ତୁତ ଥିବାବେଳେ ଅଞ୍ଚଳବାସୀ ସେଭଳି କୌଣସି ବିପର୍ଯ୍ୟୟର ସମ୍ମୁଖୀନ ହୋଇନଥିବା ଜଣାଯାଇଛି।

### ସଫଳତା ସହ 'ଦାନା'ର ମୁକାବିଲା କରୁଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ

## ପ୍ରଶାସନକୁ ସମସ୍ତେ ସହଯୋଗ କରନ୍ତୁ : ମନ୍ତ୍ରୀ



ବାରିପଦା, (ସବ୍ୟୁ) : ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ ହୋଇସାରିଥିଲେ ମଧ୍ୟ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ବିକ୍ଷିପ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଅପରପକ୍ଷରେ, ବାତ୍ୟାର ପ୍ରଭାବରେ କ୍ଷତିଗ୍ରସ୍ତ ଅବା ବାଧାପ୍ରାପ୍ତ ହୋଇଥିବା ଅଂଚଳ ମାନଙ୍କରେ ପୁନରୁଦ୍ଧାର ଏବଂ ଜନସାଧାରଣ ମାନଙ୍କର ପୁନଃ ଥଇଥାନର ବ୍ୟବସ୍ଥା ପାଇଁ ଜିଲ୍ଲାପ୍ରଶାସନ ତତ୍ପରତା ଦେଖାଇଛି । ଏଠି ନିମନ୍ତେ ରାଜ୍ୟ ମୁଖ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥାପିତ ସମସ୍ତ ବରିଷ୍ଠ ଅଧିକାରୀ ମାନେ ନିଜ ନିଜ ବିଭାଗୀୟ ବିଶେଷ କରି ଜରୁରୀକାଳୀନ ବିଭାଗୀୟ କାର୍ଯ୍ୟ ନିର୍ବାହ କରୁଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନା ଅନୁଯାୟୀ ୨୫ ଓ ୨୬ର ପୂର୍ବାହ୍ନ ପର୍ଯ୍ୟନ୍ତ ମୟୂରଭଞ୍ଜ ପାଇଁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ୨୬ ଓ ୨୭ ତାରିଖ କ୍ରମାଗତ ଭାବେ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଛି । ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ନିର୍ଦ୍ଦେଶକ ଓ ଅତିରିକ୍ତ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ, ସ୍ୱଚ୍ଛତା ବିଭାଗ ବିନୀତ ଭରଦ୍ୱାଜଙ୍କ ସଂଚାଳନରେ ଏକ ସ୍ୱତନ୍ତ୍ର ଉପ-ବିଭାଗୀୟ କାର୍ଯ୍ୟକାରିଣୀ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

ବାତ୍ୟା ପୂର୍ବର ସମ୍ପାଦିତ କାର୍ଯ୍ୟ ଗୁଡିକର ସମୀକ୍ଷା କରି, ଏହି ବିପର୍ଯ୍ୟୟ ସମୟର ପରିସ୍ଥିତିକୁ ସଫଳତାର ସହିତ ମୁକାବିଲା କରି ଜନଜୀବନର ସୁରକ୍ଷା କରିଥିବାରୁ ମନ୍ତ୍ରୀ ଡଃ ମହାପାତ୍ର, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ସମତେ ସମସ୍ତ ବରିଷ୍ଠ ଓ ବିଭାଗୀୟ ଅଧିକାରୀଙ୍କୁ ସାଧୁବାଦ ଦେଇଥିଲେ । ଆଗାମୀ ପଦକ୍ଷେପ କିଭଳି ନିଆଯିବ ଏବଂ କଣ କଣ କରାଯିବ ସେ ବିଷୟରେ ନିର୍ଦ୍ଦେଶକ ଶ୍ରୀ ଭରଦ୍ୱାଜ ସମସ୍ତ ସମ୍ବେଦନଶୀଳ ବ୍ଲକ (ବାରିପଦା, ଗୋପବନ୍ଧୁ ନଗର, କୁଳିଅଣା, କପ୍ତିପଦା, ଉଦଳା, ରାସଗୋବିନ୍ଦପୁର, ବଡ଼ସାହି, ଠାକୁରମୁଣ୍ଡା)ର ବିଡ଼ିଓ ମାନଙ୍କୁ ଆଭାସୀ ମାଧ୍ୟମରେ ପଚାରି ବୁଝିଥିଲେ । ଏହି ପରିପ୍ରେକ୍ଷୀରେ ସ୍ଥାନାନ୍ତରଣ, ବିଦ୍ୟୁତ୍ ସରବରାହ, ଖାଦ୍ୟ ସାମଗ୍ରୀ ଯୋଗାଣ, ପାନୀୟଜଳ ଯୋଗାଣ, ଫସଲର ଅବସ୍ଥା, ଅଧିବାସୀଙ୍କ ଘରର ଅବସ୍ଥା ଇତ୍ୟାଦି ବିଷୟରେ ଅଧିକାରୀ ମାନେ ରିପୋର୍ଟ ପ୍ରଦାନ କରିଥିଲେ । ବାତ୍ୟା ପ୍ରଭାବରେ ବିଚ୍ଛେଦ ବିଦ୍ୟୁତ୍ ସରବରାହ ଯଥା ଶୀଘ୍ର କାର୍ଯ୍ୟକ୍ଷମ ହେଉଛି । ଟିପିଏନ୍ଓଡିଏଲ୍ ଅଗ୍ନିଶମ ବାହିନୀ, ପୋଲିସ କର୍ମକର୍ତ୍ତା, ଓଡ୍ରାଫ ଦଳ ତୁରନ୍ତ ବାତ୍ୟା ପ୍ରଭାବରେ ବିଚ୍ଛେଦ ହୋଇଥିବା ବିଦ୍ୟୁତ୍ ପ୍ରବାହକୁ ମରାମତି କରିବା ସହିତ ପବନରେ ଉପୁଡି ପଡିଥିବା ଗଛ ଗୁଡିକୁ ବିଦ୍ୟୁତ ତାରରୁ କାଟି ବାହାର କରି ପୁନର୍ବାର ବିଦ୍ୟୁତ୍ ସରବରାହ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରୁଛନ୍ତି । ସୂଚନା ଅନୁସାରେ ୨୬ଟି ବ୍ଲକରୁ ୧୫ଟି ବ୍ଲକରେ ବାଧାପ୍ରାପ୍ତ ହୋଇଥିବା ବିଦ୍ୟୁତ ସରବରାହକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ୮ଟି ବ୍ଲକରେ ଆଂଶିକ ରୂପରେ ବିଦ୍ୟତ କାର୍ଯ୍ୟ ବାକି ଅଛି ଯାହା ସନ୍ଧ୍ୟା ୭ଟା ସୁଦ୍ଧା ସମାପ୍ତ ହୋଇଯିବ ବୋଲି ଅଧିକାରୀ ଜଣାଇଛନ୍ତି । ଉଦ୍ଧାର ଓ ସ୍ଥାନାନ୍ତରୀକରଣ କାର୍ଯ୍ୟରେ ଅଗ୍ରଣୀ ଜିଲ୍ଲା ଭାବେ ମୟୂରଭଞ୍ଜ କାର୍ଯ୍ୟ କରୁଛି ।

ସୂଚନା ଅନୁସାରେ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୭୯୨ଟି କାର୍ଯ୍ୟକ୍ଷମ ବାତ୍ୟା ଆଶ୍ରୟସ୍ଥଳୀ ହୋଇଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ସେବା ଯୋଗାଉଛି । ସେହି ଆଶ୍ରୟସ୍ଥଳୀ ମାନଙ୍କରେ ୧,୧୫,୦୦୦ ଲୋକଙ୍କର ସୁରକ୍ଷିତ ସ୍ଥାନାନ୍ତରୀକରଣ ହୋଇଛି ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆହୁରି ବାତ୍ୟା ଆଶ୍ରୟସ୍ଥଳୀ ଖୋଲିବା ଏବଂ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛନ୍ତି । ଜିଲ୍ଲାର ପ୍ରମୁଖ ନଦୀ, ବୁଢ଼ାବଳଙ୍ଗ ବିପଦ ସଂକେତର ଅନେକ ତଳେ ଥିବା ବେଳେ ସୁବର୍ଣ୍ଣରେଖାରେ ମଧ୍ୟ ସେଭଳି କିଛି ବିପଦ ସୃଷ୍ଟି ହେବା ଭଳି ଜଳସ୍ତର ବୃଦ୍ଧି ପାଇନାହିଁ । ଆଜି ଅପରାହ୍ନ ରେ କାଳ ଡ୍ୟାମର ଦୁଇଟି ନୋ-ସ୍ପିଲୱେ ଗେଟ୍ ଖୋଲାଯାଇଥିବା ବେଳେ, ଏହାଦେଇ ୧ ମିଟର ଏଟ୍ଟି ଅତିରିକ୍ତ ଜଳଭଣ୍ଡାରର ଜଳମୁକ୍ତ ହେଉଛି । ମନ୍ତ୍ରୀଙ୍କ ସମୀକ୍ଷା ଓ କାର୍ଯ୍ୟକାରିତା ନିର୍ଦ୍ଦେଶ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ନୀରିକ୍ଷଣରେ ଯାଇ ମନ୍ତ୍ରୀ ଡଃ ମହାପାତ୍ର ମଧ୍ୟ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅନୁଧ୍ୟାନ କରିଛନ୍ତି ସମ୍ଭାବ୍ୟ ବନ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବାଅଂଚଳର କଚ୍ଚା ଘରୁ ଜନସାଧାରଣଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ପ୍ରଶାସନ ଜନସାଧାରଣଙ୍କୁ ଭୟଭୀତ ନହୋଇ ପ୍ରଶାସନ ସହିତ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

ବର୍ଷାର ପରିମାଣ, ପବନର ବେଗକୁ ଏବଂ ଲୋକମାନଙ୍କ ଯୋଗାଯୋଗକୁ ଦୃଷ୍ଟିରେ ରଖି ସନ୍ଧ୍ୟା ୬ଟା ପରେ ବାସ ଚଳାଚଳ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ, ଆବଶ୍ୟକତା ଦୃଷ୍ଟିରୁ ଭାରୀଯାନ ଚଳାଚଳ ମଧ୍ୟ ଆରମ୍ଭ ହେବା ନେଇ ଜିଲ୍ଲା ପ୍ରଶାସନ ସବୁଜ ସଂକେତ ଦେଇଛି । ଚାଷର ବିଶେଷ କ୍ଷୟ କ୍ଷତି ଆକଳନ କରିବା ନେଇ ପ୍ରଶାସନ ଦେଖାଇଛି ତତ୍ପରତା ପ୍ରାରମ୍ଭିକ ସୂଚନା ଅନୁସାରେ, ବାତ୍ୟାର ପବନ ପ୍ରଭାବରେ ୬୭୨ ହେକ୍ଟର ଧାନ ଫସଲ ନଇଁ ପଡିଥିବା ବେଳେ ଏହାର ସମ୍ପୂର୍ଣ୍ଣ ଆକଳନ ହେବାପାଇଁ କିଛି ସମୟ ଲାଗିପାରେ । ସେହିଭଳି ଉଦ୍ୟାନ କୃଷିରେ ବିଶେଷ କ୍ଷତି ଦେଖିବାକୁ ମିଳିନାହିଁ ଏବଂ ସମସ୍ତ କ୍ଷୟ କ୍ଷତିର ଆକଳନ କରି ସାରିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ପରିଶେଷରେ, ବାତ୍ୟାର ସ୍ଥିତି ଏବଂ ବୃଷ୍ଟିପାତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସମସ୍ତ କାର୍ଯ୍ୟ କରିବ ଏଣୁ ବର୍ତ୍ତମାନ ସ୍ଥିତିରେ ବାତ୍ୟାଶ୍ରୟ ସ୍ଥଳୀରେ ଅଧିବାସୀ ମାନଙ୍କ ଉପସ୍ଥିତି, ସମୁଦାୟ ୨୬ଟି ବ୍ଲକରେ ଅଗ୍ନିଶମ ବିଭାଗ କାର୍ଯ୍ୟରତ ଥିବା ବେଳେ ସମସ୍ତ ସିଏଚ୍ସି ଓ ପିଏଚ୍ସି ରେ ଡାକ୍ତରଙ୍କ ସମେତ ଅଙ୍ଗନବାଡି କେନ୍ଦ୍ରରେ ଆଣ୍ଟି ଭେନମ, ଡାଇରିଆ, ଥଣ୍ଡା, ଜର ମେଡ଼ିସିନ ମହଜୁଦ ରହିଛି । ଜିଲ୍ଲାପାଳଙ୍କ ସୂଚନା ଅନୁସାରେ ଆସନ୍ତା ୨୬ତାରିଖ ଦିନ, ବାଲେଶ୍ୱର ସହିତ ନିକଟ ସଂଯୋଗ କରୁଥିବା ବାରିପଦା ଉପଖଣ୍ଡ ଓ ଉଦଳା ଅଂଚଳ, ସମ୍ଭାବିତ ବୃଷ୍ଟିପାତ ଦ୍ୱାରା ପ୍ରଭାବିତ ହୋଇପାରେ ଏଣୁ ଏହି ସ୍ଥାନ ମାନଙ୍କରେ ୨୦ ସେ.ମି ପର୍ଯ୍ୟନ୍ତ ବର୍ଷ ହେବାର ସମ୍ଭାବନା ଅଛି ।

ଏଥିନିମନ୍ତେ, ସମ୍ବେଦନଶିଳ ତହସିଲ, ବ୍ଲକ ଏବଂ ଗ୍ରାମ ପଂଚାୟତ ଯଥା ବଡ଼ସାହି, ବେତନଟୀ, ଗୋପବନ୍ଧୁ ନଗର, ମାଣତ୍ରୀ ପଂଚାୟତ, ଖୁଣ୍ଟା, ରାସଗୋବିନ୍ଦପୁର, ସାରସକଣା, କପ୍ତିପଦା, ଉଦଳା ଅଂଚଳର ବିଭିନ୍ନ ସ୍ଥାନ ପାଇଁ ଜିଲ୍ଲାପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବାବେଳେ ସମ୍ଭାବିତ ବର୍ଷାରେ ବନ୍ୟା ପ୍ଲାବିତ ହେବାକୁ ଥିବା ଅଂଚଳରେ ମଧ୍ୟ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସମସ୍ତ ପ୍ରଭାବିତ ଜନସାଧାରଣଙ୍କୁ କଚ୍ଚାଘର ମାନଙ୍କୁ ପକ୍କା ଘର ଗୁଡିକୁ ସ୍ଥାନାନ୍ତର ବ୍ୟବସ୍ଥା କରିବା ସହ ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ପୁରୁଷ/ମହିଳା ଭାବରେ ବିଭକ୍ତିକରଣ କରିବା ପାଇଁ ପ୍ରଶାସନ କାର୍ଯ୍ୟ କରୁଥିବା ବେଳେ, ସେଠାରେ ଗରମ ରନ୍ଧା ଖାଦ୍ୟ, ମେଡ଼ିସିନ, ସହିତ ରାତ୍ରିଯାପନ ସମୟରେ ଟେଲିଭିଜନ ପ୍ରସାରଣର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏଥିସହିତ ମାନ୍ୟବର ମନ୍ତ୍ରୀ ସମସ୍ତ ଗଣମାଧ୍ୟମକୁ ପ୍ରଶାସନ ସହିତ ସହଯୋଗ କରିବାକୁ ଏବଂ ଲୋକମାନଙ୍କ ନିକଟରେ ସଠିକ ତଥ୍ୟ ପହଞ୍ଚାଇବାକୁ ମଧ୍ୟ ଅନୁରୋଧ କରିଛନ୍ତି ।

## ଓପିଏସସି ପରୀକ୍ଷାରେ ସଫଳତା : ରଚିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



ଆସିକା, (ସବ୍ୟୁ) : ଆସିକା ଏନ ଏ ସି ଅନ୍ତର୍ଗତ ବାଣୀବିହାର ଝିଅ ରଚିତା ମହାପାତ୍ର ପ୍ରଥମ ଉଦ୍ୟମ ରେ ହିଁ ଓପିଏସସି ପରୀକ୍ଷାରେ ୬୮ତମ ସ୍ଥାନ ରଖି କୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରୁ ସ୍ୱଗତ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଯାଇଛି।ରାଜ୍ୟ ଅମଲା ସଂଘ ପକ୍ଷରୁ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ,କିରଣ କୁମାର ପାଢ଼ୀ ପ୍ରମୁଖ ଙ୍କ ନେତୃତ୍ୱରେ ରଚିତାଙ୍କ ବାସଭବନ ରେ ବାପା ମିହୀରକାନ୍ତ ମହାପାତ୍ର ଏବଂ ମାତା ସବିତା ତ୍ରିପାଠୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ।ସେହିଭଳି ସେ ଅଧ୍ୟୟନ କରିଥିବା ଆରୀୟନ୍ ପବ୍ଲିକ ସ୍କୁଲ,ଶିକ୍ଷକ ସଂଘ ସମେତ ଅନ୍ୟାନ୍ୟ ବହୁ ସଂଗଠନ ର କର୍ମକର୍ତ୍ତା ଓ ସଭ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଏବେ ସୁଶ୍ରୀ ରଚିତା ବାଣିଜ୍ୟ କର ବିଭାଗରେ ସହକାରୀ ବାଣିଜ୍ୟ କର ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଜଣା ଯାଇଛି।

## ସାମାଜିକ କର୍ମୀ ହେମନ୍ତ ଜେନାଙ୍କ ପରଲୋକ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସହର ଅନ୍ତର୍ଗତ ବୈରାମ ନଗର ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ହେମନ୍ତ ଜେନା(୭୦)ଙ୍କର ଗୁରୁବାର ସନ୍ଧ୍ୟା ସମୟରେ ପରଲୋକ ହୋଇଯାଇଛି । ଗୁରୁବାର ସନ୍ଧ୍ୟାରେ ସ୍ୱର୍ଗତଃ ଜେନାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ସେଠାରେ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ପରଲୋକ ଘଟିଥିଲା । ସ୍ୱର୍ଗତଃ ଜେନା ଭାରତୀୟ ସାମରିକ ବିଭାଗରେ ଚାକୀରି କରି ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ରାଜନୀତିରେ ମଧ୍ୟ ଯୋଗଦେଇଥିଲେ । ସେ ଷ୍ଟାର ସିକ୍ୟୁରିଟି ଏଜେନ୍ସି ନାମରେ ଏକ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ସ୍ୱର୍ଗତଃ ଜେନାଙ୍କ ବିୟୋଗରେ ତାଙ୍କ ଭଣଜା ତଥା ଗଞ୍ଜାମର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବଡ଼ଭଉଣୀ କଟକର ବିଦ୍ୟାଧରପୁର ଠାରେ ଥିବା ଜାତୀୟ ଧାନ ଗବେଷଣା କେନ୍ଦ୍ରର ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ମାୟାବିନି ଜେନା ପ୍ରମୁଖ ବାଲେଶ୍ୱରରେ ପହଞ୍ଚି ଅନ୍ତିମ ସଂସ୍କାରରେ ଯୋଗଦେଇଛନ୍ତି । ସ୍ୱର୍ଗତଃ ଜେନାଙ୍କ ବିୟୋଗରେ ସାମାଜିକ ସଂଗଠନ ମାସର ସଭାପତି କବି ଅଭୟ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତଃ ଜେନାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

## ସଦସ୍ୟଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷାଙ୍କ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧକ୍ଷା ଏବଂ ପରିଷଦର ସଦସ୍ୟ ବୃନ୍ଦ ଜିଲ୍ଲାର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହିତ ଲୋକଙ୍କ ଦୁଃଖ ପଚାରି ବୁଝିଥିଲେ । ଜିଲ୍ଲାର ବେତନଟୀ ବ୍ଲକସ୍ଥ ବେଲାଣପୁର। ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହିତ ବିଭିନ୍ନ ଅସ୍ଥାୟୀ ଆଶ୍ରୟସ୍ଥଳ ଯଥା ଡେମ୍ପଉଦା, ଦେଓପଡା, ଖଣ୍ଡଦେଓଳ, ବାଲକା, ଗଡଦେଉଳିଆ ଆଦି ଆଶ୍ରୟସ୍ଥଳକୁ ଯାଇ ଲୋକଙ୍କ ଦୁଃଖ ବୁଝିଥିଲେ । ଡେମ୍ପଉଦା, ଦେଓପଡା, ଖଣ୍ଡଦେଉଳ। ଆଶ୍ରୟସ୍ଥଳରେ ବହୁଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇନଥିବାରୁ ସଙ୍ଗେ ସଙ୍ଗେ ବେତନଟୀ ବିଡିଓ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ହାଁସଦାଙ୍କ ସହିତ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଦୁର୍ଗା ମାରାଣ୍ଡି, ମଧୁସୂଦନ ସିଂ, ପାଟଳିପୁରା ସମିତି ସଭ୍ୟା ମମତା ଗଚ୍ଛାୟତ, ଗଡଦେଉଳିଆ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସିଂ, ରାଜେନ୍ ଦାସ, ରାଜୀବ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଦାନା ପ୍ରଭାବ : ବାଲେଶ୍ୱରରେ ଲଗାଣ ବର୍ଷା ସହ ପବନ ଜାରି

ବାଲେଶ୍ୱର, (ସବ୍ୟୁ): ସାମୁଦ୍ରିକ ବାତ୍ୟା ଦାନା ପ୍ରଭାବରେ ଗୁରୁବାର ସକାଳ ଠାରୁ ଶୁକ୍ରବାର ରାତି ପର୍ଯ୍ୟନ୍ତ ପବନ ସହ ବର୍ଷା ଲାଗି ରହିଛି । ପବନ ଯୋଗୁଁ ବାଲେଶ୍ୱର ସହରାଞ୍ଚଳରେ ସେଭଳି କିଛି କ୍ଷୟକ୍ଷତି ଘଟିନଥିବା ବେଳେ ବର୍ଷାଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ।

ଗୁରୁବାର ସକାଳ ସମୟରେ ବାଲେଶ୍ୱର ସହରରେ କାଁ ଭାଁ କେଉଁଠି କେମିତି ଦୋକାନ ଖୋଲାଥିବା ବେଳେ ଶୁକ୍ରବାର ପ୍ରାୟ ଅଧିକାଂଶ ସ୍ଥାନରେ ଦୋକାନ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା । ଲୋକମାନେ ପନିପରିବା କିଣିବା ପାଇଁ ବଜାରକୁ ଆସିଥିବା ବେଳେ ସେମାନେ କିଣିବାକୁ ଚାହୁଁଥିବା ସାମଗ୍ରୀ ନପାଇ ଫେରିଯାଉଥିଲେ । ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି କେତେକ ଦୋକାନୀ ଆଳୁ, ପିଆଜ, ଅଟା ଆଦି ସାମଗ୍ରୀର ଦର କିଲୋପିଛା ୫ଟଙ୍କା ଲେଖାଏଁ ବଢାଇ ଦେଇଥିଲେ । ଲୋକମାନେ ମଧ୍ୟ ବାଧ୍ୟ ହୋଇ ସେହିସବୁ ସାମଗ୍ରୀ ଚଢାଦରରେ କିଣୁ ଥିବାର ପରିଲକ୍ଷିତ ହୋଇଥିଲା । ଲଗାଣ ବର୍ଷା ଯୋଗୁଁ ସହର ତଳି ଅଞ୍ଚଳରେ ବର୍ଷାଜଳ ମାଡ଼ି ଯାଇଥିବା ଜଣାଯାଏ । ବର୍ଷା ପବନ ସତ୍ତ୍ୱେ ବିଦ୍ୟୁତ ସରବରାହ ଓ ଜଳଯୋଗାଣ ସ୍ୱଭାବିକ ରହିଥିବାରୁ ଲୋକମାନେ ବିଶେଷ ଭାବେ ଅସୁବିଧାର ସମ୍ମୁଖିନ ହୋଇ ନଥିଲେ ।

ଶୁକ୍ରବାର ସନ୍ଧ୍ୟାଠାରୁ ବର୍ଷାର ମାତ୍ରା ବୃଦ୍ଧି ପାଇଥିବା ଯୋଗୁଁ କେତେକ ନଦୀରେ ବନ୍ୟାଜଳ ଆସିବାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ଖବର ମିଳିଛି ।

## ଷୋଳମପୁର ବୌଦ୍ଧବିହାରକୁ ମିଳିବ ଐତିହ୍ୟସ୍ଥଳୀ ମାନ୍ୟତା

ଭଣ୍ଡାରିପୋଖରୀ,(ସବ୍ୟୁ):ଷୋଳମପୁର ବୌଦ୍ଧବିହାରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମଳିବ। କଣ୍ଟିଘାଇ ସମସ୍ୟାର ଫଳପ୍ରଦ ସମାଧାନ ହେବ। ଷୋଳମପୁର ବୌଦ୍ଧବିହାର ସ୍ଥାନୀୟ ବୌଦ୍ଧମଣ୍ଡଳର ସ୍ମାରକୀ ଭାବେ ଦଣ୍ଡାୟମାନ। ଏହି ବୌଦ୍ଧବିହାରର ଲୁପ୍ତ ଓ ବିକ୍ଷିପ୍ତ ଦୁର୍ମୂଲ୍ୟ କିର୍ତ୍ତିରାଜିକୁ ସଂରକ୍ଷଣ କରାଯିବା ସହ ଐତୀୟସ୍ଥଳୀର ମାନ୍ୟତା ଦେବା ପାଇଁ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର ଦୁଃଖ ଭାବେ ପରିଚିତ ବୈତରଣୀ ନଦୀର କଣ୍ଟିଘାଇ ସମସ୍ୟାର ଫଳପ୍ରଦ ସମାଧାନ ହେବ ବୋଲି ମାଳଦା ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ସୋମବାର ସନ୍ଧ୍ୟା ଉତ୍ସବରେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଘୋଷଣା କରିଛନ୍ତି। ସୁରେଶ ସାମଲ, ଅଜୟ ରାଉତ, ଜଗନ୍ନାଥ ଦାସ, ଲଳିତ ନାୟକ, ନରନାରାୟଣ ଜେନା, ଭୀମସେନ ନାୟକ, ଅମୂଲ୍ୟ ସେଠୀ, ରବି ମହାପାତ୍ର, ପ୍ରକାଶ ମହାପାତ୍ର, ଅବିନାଶ ନାୟକ, ବିକାଶ ନାୟକ, ଦିପୁ ରାଉତ ପ୍ରମୁଖ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ଉତ୍ସବ ସ୍ଥଳୀକୁ ପାଛୋଟି ଆଣିଥିଲେ। 'ଅଞ୍ଜଳୀ' ପ୍ରତ୍ରିକା ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ଉଦଘାଟନ କରି ମହୋତ୍ସବ ସରକାରୀ ସ୍ୱୀକୃତିପ୍ରାପ୍ତ ହେଲେ ସୁବିଧା ହାସଲ କରିପାରିବ ବୋଲି କହିଥିଲେ। ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ, ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ମହୋତ୍ସବ କମିଟି ସଂଯୋଜକ ତଥା ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ରହଣିଆ ସେବା ସମବାୟ ସମିତି ସଭାପତି ସାଗର ଲେଙ୍କା, କବୟତ୍ରୀ ତପସ୍ୱିନୀ ମହାପାତ୍ର, ଜଗନ୍ନାଥ ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, ଦେବାଶିଷ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଫେସର ଦେବେନ୍ଦ୍ରନାଥ ରାଉତ, ଡା ରବିନ୍ଦ୍ର କୁମାର ନାୟକ, ଶିକ୍ଷାବିତ ଦେବେନ୍ଦ୍ର କୁମାର ମହାନ୍ତି, ଆଦିକନ୍ଧ ମହାନ୍ତି, ଭଦ୍ରକ ପିଲା ଗଣେଶ କମିଟି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଅତିଥି ପରିଚୟ ଓ ବଜାର କମିଟି ସମ୍ପାଦକ ରାଜେନ୍ଦ୍ର ଶତପଥି ଧନ୍ୟବାଦ ଦେଇଥିଲେ। ସିନେ ଅଭିନେତ୍ରୀ ପୁନମ ମିଶ୍ର ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗାୟିକା ରାଜଲକ୍ଷ୍ମୀ ଦଳାଇ ଓ ସାଥି ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ବଜାର ବଣିକ ସଂଘ ସଦସ୍ୟମାନେ ପରିଚାଳନା କରିଥିଲେ।

## ରେମୁଣା ବିଧାୟକଙ୍କ ଆଶ୍ରୟସ୍ଥଳୀ ପରିଦର୍ଶନ

ବାଲେଶ୍ୱର, (ସବ୍ୟୁ) : ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସାଳପୁର, ବର୍ଦ୍ଧନପୁର, ଜୟଦେବକସବା, ହିଡିଗାଁ, ରଣସାହି ଆଦି ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ବୁଲି ଦେଖିବାସହ ସେଠାକାର ବ୍ୟବସ୍ଥା ବିଷୟରେ ତଦାରଖ କରିଥିଲେ । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଯୋଗାଯୋଗ , ବିଦ୍ୟୁତ ସେବା, ସ୍ୱାସ୍ଥ୍ୟସେବା, ଖାଦ୍ୟ ପାନୀୟ ଜଳର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସବୁ ସମୟରେ ଜନସାଧାରଣଙ୍କୁ ସହଯୋଗ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ତତ୍ପର ରହିଛନ୍ତି ବୋଲି ଲୋକମାନଙ୍କୁ ବୁଝାଇଥିଲେ ।

## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ଖାଉଟି କଲ୍ୟାଣ ମନ୍ତ୍ରୀ



କେନ୍ଦୁଝର, (ସ୍ୱପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନ ଦାନା ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ଓଡିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପରିଦର୍ଶନ କରିବା ସହିତ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଲୋକ ମାନଙ୍କୁ ଭେଟିଛନ୍ତି । ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆନନ୍ଦପୁର ସବଡିଭିଜନର ଆନନ୍ଦପୁର ମୁନିସିପାଲିଟି ଅନ୍ତର୍ଗତ ଆନନ୍ଦପୁର କଲେଜ, ବି.ଏନ୍. ହାଇସ୍କୁଲ ଓ ହାଟଡିହି ବ୍ଲକ ଅନ୍ତର୍ଗତ ସୁନ୍ଦରିଆପାଲ ଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ମାନଙ୍କରେ ଖୋଲା ଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ପରିଦର୍ଶନ କରିବା ସହିତ ବାତ୍ୟା ବିପନ୍ନଙ୍କୁ ଭେଟି ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ବିଜେପି ଘସିପୁରା ବିଧାୟକ ପ୍ରାର୍ଥୀ ଡକ୍ଟର ଶମ୍ଭୁନାଥ ରାଉତ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ, ନାରୀ ନେତ୍ରୀ ସୁଶ୍ରୀ ଝାନସୀରାଣୀ ଦାସ,ଯଜ୍ଞ ପ୍ରସାଦ ସାହୁ, ଶରତ କୁମାର ସେଠୀ, ରାମଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରାଣବନ୍ଧୁ ସାହୁ, ନିରାକାର ଦଳେଇ, ହରେକୃଷ୍ଣ ପାତ୍ର, ଟୁକୁନା ମହାନ୍ତି, ତପନ କୁମାର ଧୀର, ମଧୁସୂଦନ ରାଉତ, ଧବଳେଶ୍ୱର ସାହୁ, ଯଜ୍ଞ ଦତ୍ତ ପଣ୍ଡା, ରଘୁନାଥ ନାହାକ, ରାଜା ମାହାତୋ, ନରହରି ପଣ୍ଡା, ଅସିମା ମିଶ୍ର ପ୍ରମୁଖ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ ।

## ଅଧ୍ୟାପକ ବିନୋଦ କୁମାର କର ସମ୍ବର୍ଦ୍ଧିତ

ବୁଗୁଡ଼ା , (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା ସମିତି ସଭାପତି ରଜନୀକାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଜୟରାମ ବିଷୋୟୀ ଓ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ ।

ଏ ଅବସରରେ ପିଏଚଡି ଡିଗ୍ରୀ ହାସଲ ପୂର୍ବକ କଲେଜର ଗୌରବ ବୃଦ୍ଧିରେ ସହାୟକ ହେତୁ ଅଧ୍ୟାପକ ବିନୋଦ କୁମାର କରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ଅତିଥିଗଣ ଅଧ୍ୟାପକଙ୍କ ଗବେଷଣା ଲବ୍ଧ ଜ୍ଞାନ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପ୍ରଦାନ କ୍ଷେତ୍ରରେ ସହାୟକ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ସମ୍ବର୍ଦ୍ଧିତ ଅଧ୍ୟାପକ ନିଜର ପିଏଚଡି ଡିଗ୍ରୀ ହାସଲ ଦିଗରେ ନିରବିଚ୍ଛିନ୍ନ ଅଧ୍ୟବସାୟ ସମ୍ପର୍କେ ଅବଗତ କରାଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ପରିଶେଷରେ ଦ୍ୱିତୀୟ ବର୍ଷ ଛାତ୍ରୀ ରୁପାଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଟ୍ରକ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜୟନ୍ତପୁର ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ଫାଟକ ଅଞ୍ଚଳର ରାମସୁନ୍ଦର ଠାକୁର(୬୪) ବୋଲି ଜଣାପଡିଛି । ଏନେଇ ୨୮୧/୨୪ରେ ଏକ ମାମଲା ରୁଜୁ କରାଯାଇ ଟ୍ରକ ଓ ସ୍କୁଟିକୁ ଜବତ କରାଯାଇଛି । ସେହିପରି ଶବକୁ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନା ଯୋଗ୍ୟ, ଟ୍ରକ ଗାଡି ନମ୍ବର(ସିଜି୦୪ଏଲ୍‌ଡି-୯୧୫୫) ଦେବଗଡ ଅଭିମୁଖେ ଯାଉଥିବା ବେଳେ ସ୍କୁଟି ଗାଡି ନମ୍ବର(ଓଡି୧୫ଏନ୍-୨୬୧୦)କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ରାମସୁନ୍ଦର ତଳେ ପଡି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଟ୍ରକଟି ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଉଥିବା ବେଳେ ଦେବଗଡରୁ ଏହାକୁ ଜବତ କରି ଅଣାଯାଇଛି ।

# ରେଲୱେ ଓଭର ବ୍ରିଜ୍ ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ହରଭଙ୍ଗା,(ସବ୍ୟୁ) : ଖୋର୍ଦ୍ଧା – ବଲାଙ୍ଗିର ରେଳପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି । ବଲାଙ୍ଗିର ପଟୁ ବୌଦ୍ଧ ଜିଲ୍ଲା ପୁରୁଣାକଟକ ରେଳ ଷ୍ଟେସନ ପର୍ଯ୍ୟନ୍ତ ଟ୍ରାଏଲ ଇଂଜିନ ରେଳ ମଧ ଗଡି ସାରିଛି । କିନ୍ତୁ ବିଭିନ୍ନ ଗ୍ରାମକୁ ଯିବାକୁ ଥିବା ରାସ୍ତା ରେଳ ଲେବୁଲ କ୍ରସ କରୁଥିବା ବେଳେ ଓଭର ବ୍ରିଜ କାର୍ଯ୍ୟ ବିଭିନ୍ନ ସ୍ଥାନରେ ଚାଲିଛି । କେତେକ ସ୍ଥାନରେ ଓଭର ବ୍ରିଜ ରେଳ ପଥ ଯିବାପାଇଁ ହୋଇଥିବା ବେଳେ ଗାଁ କୁ ଯିବା ରାସ୍ତା ବହୁ ଖାଲୁଆ ଥିବାରୁ ପାଣି ଜମି ରହିବା ସହିତ ଦୁର୍ଘଟଣା ହେବାର ଦେଖାଯାଉଛି । ଶୁକ୍ରବାର ଜିଲ୍ଲାର ହରଭଙ୍ଗା ବ୍ଲକ ବିରନରସିଂହପୁର ପଞ୍ଚାୟତ ଚମ୍ପାମାଳି ଗ୍ରାମ ନିକଟରେ ରେଲୱେ ଓଭର ବ୍ରିଜ ନିର୍ମାଣ ଦାବିରେ ଶତାଧିକ ଜନତା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣା ପଡିଛି । ସୂଚନା ଅନୁଯାଇ ୫୭ନଂ ଜାତୀୟ ରାଜପଥ ନୂଆପଡା ଛକ ଠାରୁ ହାଟଗାଁ ଜଗନ୍ନାଥ ସଡ଼କକୁ ଗ୍ରାମ୍ୟ ଉନ୍ନୟନ ରାସ୍ତା ସଂଯୋଗ ହୋଇଛି । ଏହି ରାସ୍ତା ଉପରେ ନୂଆପଡା, ହାଟଗାଁ, ମଙ୍ଗଳପୁର, ଚମ୍ପାମାଳୀ ଆଦି ୪ ଖଣ୍ଡ ଗ୍ରାମର ବାସୀନ୍ଦା ନିର୍ଭର କରନ୍ତି । ଏହି ରାସ୍ତାରେ ଓଭର ବ୍ରିଜ କରିବାକୁ ଆଗରୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦେଇଥିବା ବେଳେ ରେଳ ଧାରଣା ତଳେ ରାସ୍ତା କରିଥିବାରୁ ପାଣି ଜମି ରହିବା ସହିତ ଅନ୍ୟ ସ୍ଥାନରେ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣା ଘଟୁଛି । ତେଣୁ ୪ଖଣ୍ଡ ମୌଜାର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଓଭର ବ୍ରିଜ ନିର୍ମାଣ ଦାବିରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଅଭିଯାନ

ଭବାନୀପାଟଣା,(ସବ୍ୟୁ): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଜିଲ୍ଲାରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଚେତା ପାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାପାଳ, ବିଭିନ୍ନ ବିଭାଗର ଜିଲ୍ଲା ତଥା ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣେଇବା ସହିତ ଏହି ଅଭିଯାନ ସମ୍ବନ୍ଧେ ଓ ତମାଖୁର କୁପ୍ରଭାବ ଓ ଏହାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ଉପରେ ସମ୍ୟକ ସୂଚନା ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାକେଶ କୁମାର ସାହୁ ଏହି ଯୁବ ଅଭିଯାନର ମୂଳ ଉଦ୍ଦେଶ୍ୟ, ଗତ ଅଭିଯାନରେ କଳାହାଣ୍ଡି ଜିଲ୍ଲାରେ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ତଥା ଏହି ବର୍ଷ ଅଭିଯାନର ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର- ଅଣସଂକ୍ରମଣ ରୋଗ, ହିମାଂଶୁ ଶେଖର ବାରିକ ଏହି ଅଭିଯାନରେ ଥିବା ବିଭିନ୍ନ ବିଭାଗର ଦାୟିତ୍ୱ ଭୂମିକା, ଜିଲ୍ଲା ସ୍ତରୀୟ ଯୋଜନା ଓ ଅଭିଯାନର ଅନଲାଇନ ଡାଟା ଏଣ୍ଟ୍ରି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅଭିଯାନରେ ୫ ଟି ମୂଳ କାର୍ଯ୍ୟକ୍ରମ ଅଛି ଯଥା: ତମାଖୁର କୁପ୍ରଭାବ ଉପରେ ଜନ ସଚେତନତା ସୃଷ୍ଟି କରିବା, ଜିଲ୍ଲାର ୧୬୦ଟି ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା, ୨୦ ଟି ଗାଁକୁ ତମାଖୁମୁକ୍ତ କରିବା, ୧୬ ଟି କୋଟପା ପେକା ଏନ୍ଫୋର୍ସମେଣ୍ଟ ଡ୍ରାଇଭ କରିବା ଓ ସବୁ କାର୍ଯ୍ୟକ୍ରମକୁ ଅନଲାଇନ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକର୍ମରେ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ନାୟକ-ସୁପରିଟେଣ୍ଡେଣ୍ଟ ଅବକାରୀ ବିଭାଗ, ଡ. ରଞ୍ଜନ ମିତ୍ର- ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡିଏଚଏଚ,ବିଚିତ୍ରାନନ୍ଦ ସେଠି ପୋଲିସ ଡ଼ିଏସପି,ହଳଧର ନିଆଲ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁଶାନ୍ତ କୁମାର ଚୋପଦାର ଜିଲ୍ଲା ଶିକ୍ଷା ଅଧିକାରୀ, ନିହାର ରଞ୍ଜନ ଠାକୁର, ଏପିଡେମିଓଲୋଜିଷ୍ଟ ତଥା ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, ବ୍ଲକ ସ୍ତରୀୟ ବିପିଏଚଓ, ବିପିଏମ , ଆଶା ଓ ବିଏସଏ ଏନଜିଓର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ବୈଠକ ମଧ ହୋଇଥିଲା ଓ ପୂର୍ବ କାର୍ଯ୍ୟକ୍ରମ ଉପରେ ଆଲୋଚନା ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଏନ. ଏଚ. ଏମ, ଭବାନୀ ଶଙ୍କର ସାହୁ କାର୍ଯ୍ୟକ୍ରମରେ ଉପସ୍ଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ : ଜିଲ୍ଲା ଚେସ ପ୍ରତିଯୋଗିତା ଆରମ୍ଭ

ବରଗଡ,(ସବ୍ୟୁ): ଅକ୍ଟୋବର ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ପଞ୍ଚମ ବରଗଡ ଜିଲ୍ଲା ଚେସ ପ୍ରତିଯୋଗିତା- ୨୦୨୪, ସହର ସନ୍ନିକଟ ଇମ୍ପେରୀୟଲ ମହାବିଦ୍ୟାଳୟ ରେ ଅନୁଷ୍ଠିତ ହେବ । ଫିଡେ ନିୟମ ଅନୁସାରେ ତଥା ସ୍ୱିସ ପଦ୍ଧତିରେ ଖେଳା ଯିବାକୁ ଏହି ପ୍ରତିଯୋଗିତାରେ କେବଳ ବରଗଡ ଜିଲ୍ଲାର ଖେଳାଳୀ ମାନେ ଅଂଶ ଗ୍ରହଣ କରୁଛନ୍ତି । ଏଥି ସକାଶେ ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ନିଜର ରେଜିଷ୍ଟ୍ରେସନ୍ କରି ସାରିଥିବା ଜିଲ୍ଲା ଚେସ ଏସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାକ୍ତନ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରତିଯୋଗିତାକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ୧୧ ବର୍ଷ ରୁ କମ ବୟସ ବିଭାଗ ର ଚାମ୍ପିଅନ ନୈନିକା ସାହୁ ଙ୍କୁ ଉଦଯାପନୀ ଉତ୍ସବ ରେ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଛି। ବରଗଡ ସହର ବାହାରୁ ଆସୁଥିବା ପ୍ରତିଯୋଗୀ ମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି ବୋଲି ଏସୋସିଏସନ୍ ପକ୍ଷରୁ ସମ୍ପାଦକ କେଶ ରଞ୍ଜନ ପ୍ରଧାନ ଏବଂ ସଭାପତି ଅରୁଣ କୁମାର ମହାନ୍ତି ଜଣାଇଛନ୍ତି ।

# ବୌଦ୍ଧ ଜିଲ୍ଲା ଟ୍ରେଜେରୀରେ ମିଳୁନି ଷ୍ଟାମ୍ପ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଟ୍ରେଜେରୀରେ ଷ୍ଟାମ୍ପ ମିଳୁନଥିବାରୁ କୋର୍ଟ କାର୍ଯ୍ୟରେ ବହୁ ଅସୁବିଧା ହେଉଥିବା ନେଇ ଓକିଲ କ୍ଲାର୍କଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ଗୁରୁବାର ଦିନ ଓକିଲ କ୍ଲାର୍କମାନେ ଜିଲ୍ଲା ଓକିଲ ସଂଘ ସଭାପତିଙ୍କୁ ଜଣାଇବା ସହ ଜିଲ୍ଲା ଟ୍ରେଜେରୀ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲା ଟ୍ରେଜେରୀ ଅଧିକାରୀଙ୍କୁ ଦାବୀ ଜଣାଇଥିଲେ । କୋର୍ଟ କାର୍ଯ୍ୟରେ ସବୁ ସମୟରେ ବିଭିନ୍ନ ମୂଲ୍ୟର ଷ୍ଟାମ୍ପ ଦରକାର ପଡୁଥିବାବେଳେ ବୌଦ୍ଧ ଜିଲ୍ଲାରେ ଦୀର୍ଘ ଛଅ ମାସ ହେବ ୧ଟଙ୍କିଆ ଓ ୨ ଟଙ୍କିଆ ଷ୍ଟାମ୍ପ ମିଳୁନଥିବାରୁ କୋର୍ଟ କାର୍ଯ୍ୟରେ ଓକିଲ କ୍ଲାର୍କ ଓ ସାଧାରଣଲୋକ ଅଧିକ ଦରର ଷ୍ଟାମ୍ପ ଲଗାଇବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସାଧାରଣଲୋକ କ୍ଷତିରେ ରହୁଥିବା ଅଭିଯୋଗ କରିଛନ୍ତି । ଏପଟେ ଷ୍ଟାମ୍ପଗୁଡିକ ୪ ଜଣ ଷ୍ଟାମ୍ପ ଭେଣ୍ଡରଙ୍କ ଜରିଆରେ ବିକ୍ରୟ ହେଉଥିବା ବେଳେ ସେମାନେ ଅଳ୍ପ ମୂଲ୍ୟର ଷ୍ଟାମ୍ପଗୁଡିକ କଳାବଜାରୀ କରି ବାହାର ଜିଲ୍ଲାରେ ବିକ୍ରୟ କରୁଥିବା କିମ୍ବା ଲୋକଙ୍କୁ ଅଧିକ ମୂଲ୍ୟରେ ବିକ୍ରୟ କରୁଥିବା ନେଇ ଅଭିଯୋଗ ହେଉଅଛି। ଜିଲ୍ଲା ଟ୍ରେଜେରୀ ଅଧିକାରୀ ଏନେଇ ପଦକ୍ଷେପ ନେବାକୁ କ୍ଲାର୍କ ମାନଙ୍କୁ ପ୍ରତିଶୃତି ଦେଇଥିବା ଜଣାଯାଇଛି । ଦାବୀ ଜଣାଇବା ସମୟରେ ବିରେନ୍ଦ୍ର କୁମାର ସେଠି, ଜିତେନ ସାହୁ, ବିଜୟ ପ୍ରଧାନ, ହୃଷିକେଶ ତରିଆ, ସୁରଜ କୁମାର ବେହେରା,ଇନ୍ଦୁ ଭୂଷଣ ମିଶ୍ର, ଶମ୍ଭୁ ପ୍ରସାଦ ବେହେରା,ପ୍ରଭାତ ସାହୁ , ପଙ୍କଜ ମେହେର, ଶଶାଙ୍କ ଶେଖର ମିଶ୍ର, ସୁବୋଧ କୁମାର ସାହୁ ପ୍ରମୁଖ ସାମିଲ ଥିଲେ ।

# ଡ. ବିଶ୍ୱରଞ୍ଜନ ହେଲେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଦସ୍ୟ

ସମ୍ବଲପୁର,(ସବ୍ୟୁ): ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି, ଆନ୍ଧ୍ରପ୍ରଦେଶର ସମ୍ମାନ ଜନକ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଭାବେ ସମ୍ବଲପୁରର ଡ. ବିଶ୍ୱରଞ୍ଜନ ପୂଜାରୀ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସେ ଏହି ପଦବୀରେ ତିନି ବର୍ଷ ପାଇଁ ରହିବେ। ସ୍ଥାନୀୟ ମୁଦିପଡ଼ା ନିବାସୀ ଡ. ପୂଜାରୀ ବର୍ତ୍ତମାନ ବରଗଡ଼ ଜିଲ୍ଲା ଅତାବିରା କଲେଜରେ ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଭାବେ ଅବସ୍ଥାପିତ ଅଛନ୍ତି। ସେ ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଓ ସିନେଟ୍ ସଭ୍ୟ ପଦବୀକୁ ନିର୍ବାଚିତ ହୋଇଥିଲେ। ଶିକ୍ଷାବିତ୍ ଡ. ପଞ୍ଚାନନ ପୂଜାରୀଙ୍କ ପୁଅ ଓ ଶିକ୍ଷାବିତ୍ ଡ. ସୁଦର୍ଶନ ପୂଜାରୀଙ୍କ ପୁତୁରା ଡ. ବିଶ୍ୱରଞ୍ଜନ ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲରେ ସ୍କୁଲ ଶିକ୍ଷା ଗ୍ରହଣ ପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ଉଚ୍ଚଶିକ୍ଷା ହାସଲ କରିଥିଲେ । ସେ ଅନେକ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର ବିଭିନ୍ନ ପଦ ପଦବୀରେ ଅଛନ୍ତି।

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ କୌତୁକ କ୍ରୀଡା

ଝାରସୁଗଡ଼ା,(ସବ୍ୟୁ) ଝାରସୁଗୁଡ଼ା ପୌରାଞ୍ଚଳ ବୁରୋମାଲ ବୁଡାପଡା ଉପକଣ୍ଠରେ ଥିବା ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କୌତୁକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅତିଥି ଭାବରେ ଜାତୀୟ କରାଟେ ଫାଉଣ୍ଡେସନର ମୁଖ୍ୟ ସେନସୁଇ ସୁଶାନ୍ତ ଗୁପ୍ତା ପୋଲୋ ବଲ ପ୍ରତିଯୋଗିତାର ଫିତା କାଟି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୱାଟର କଏନ ପ୍ରତିଯୋଗିତାକୁ କାର୍ଯ୍ୟକାରୀ କମିଟି ସଭ୍ୟ ଗୁଣନିଧି ଭଇଁସା ଉଦ୍ଘାଟନ କରିଥିଲେ। ପୋଲୋ ବଲ ପ୍ରତିଯୋଗିତାରେ ଅମନ ପାଣ୍ଡେ ପ୍ରଥମ, ଚନ୍ଦନ ଓରାମ ଦ୍ୱିତୀୟ, ରୂପେଲି ରଞ୍ଜିତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ୱାଟର କଏନ ପ୍ରତିଯୋଗିତାରେ ରଜତ ଭୋଇ ପ୍ରଥମ, ଦିବ୍ୟ ମାଝୀ ଦ୍ୱିତୀୟ, ସ୍ୱାତି ନେଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସ୍ୱତନ୍ତ୍ର ପ୍ରଶିକ୍ଷିକା ସୁଲୋଚନା ସାହୁ ସଂଯୋଜନା କରିଥିବାବେଳେ ସ୍ୱତନ୍ତ୍ର ପ୍ରଶିକ୍ଷିକା ପୁଷ୍ପିତା ମହାକୁଡ,ସାଇ ଶ୍ୱେତା ଜ୍ୟୋତିଷ, ସିତାରାମ ସେଲମା, ଲିପିସ୍ମିତା ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ଅଧ୍ୟକ୍ଷ ଉପେନ୍ଦ୍ର ଭଇଁଶା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଦିବାସୀ ସମାଜର ଜରୁରୀ ବୈଠକ




ରାୟଗଡା,(ସବ୍ୟୁ): ରାୟଗଡ଼ ସହର ସ୍ଥାନୀୟ ଏକ ହୋଟେଲରେ ଜିଲ୍ଲା ଆଦିବାସୀ ସମାଜ ପକ୍ଷରୁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡା ବ୍ଲକ ଓ ପୌରାଞ୍ଚଳର ଆଦିବାସୀ ସମାଜର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗ ଦେଇଥିବା ବେଳେ ଜିଲ୍ଲାର ଆଦିବାସୀ ଯୁବକ ଯୁବତୀ ଶିକ୍ଷା ସମେତ ଆଦିବାସୀଙ୍କୁ ସରକାରଙ୍କ ସମସ୍ତ ସୁବିଧା କିପରି ପାଇବେ ଆଲୋଚନା କରିଥିଲେ। ବୈଠକରେ ଲ୍ୟାମ୍ପ ସଭାପତି ଚକ୍ରଧର ବିଡ଼ିକା, ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ଦୁର୍ଗା ଚରଣ ମାଣ୍ଡାଙ୍ଗି, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ଜିଲ୍ଲା କଂଗ୍ରେସ୍ ସଭାପତି ଶଙ୍କର ଜିଲ୍ଲାକାରା, ମୀନାରାଓ, ହିମିରିକା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବସନ୍ତ ଉଲ୍ଲାକା, ରୱାଲା ମାଝି, ଦୋରା କଣ୍ଡାଗରୀ, ସତ୍ୟବାନ୍ ମାଣ୍ଡାଙ୍ଗି, ମୀରାବାଲି ସରପଞ୍ଚ ଆଶୋକ ପୁଆଲା ସହଯୋଗ କରିଥିବା ବେଳେ ଏବିସକେପି ଡ଼ିଗ୍ରୀ କଲେଜ ଉପାଧ୍ୟକ୍ଷ ବିଜୟ କୁମାର ମେଲାକା ଶପଥ ପାଠ କରାଇଥିଲେ । ଶେଷରେ ମୀରାବାଲି ସରପଞ୍ଚ ଆଶୋକ ପୁଆଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଶ୍ୱିନୀ ଭୋଇଙ୍କୁ ଦେବଗିରି ସମାଜସେବା ସମ୍ମାନ ଲୋକକଳା ସମ୍ମାନ ପାଇବେ ଲୋକନାଥ ସା

ନର୍ଲା,(ସବ୍ୟୁ): ଉଦୀୟମାନ ଯୁବ ପ୍ରତିଭା ଅଶ୍ୱିନୀ ଭୋଇଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଦେବଗିରି ସମାଜସେବା ସମ୍ମାନ' ପ୍ରଦାନ କରାଯିବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁାଁପଦରଠାରେ ନଭେମ୍ବର ୧୩ରୁ ୧୫ ତାରିଖ ଯାଏଁ ଆୟୋଜିତ ହେବାକୁଥିବା ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର 'ଗୋସିଙ୍ଗ ଦୈତ୍ୟ ଦରବାର'ରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ରହିଛି। ନର୍ଲା ବ୍ଲକ ଅନ୍ତର୍ଗତ ଶାନ୍ତପୁର ଗ୍ରାମର ସୁଦେଷ୍ଣା ଭୋଇ ଓ ନାରାୟଣ ଭୋଇଙ୍କ ସୁପୁତ୍ର ଅଶ୍ୱିନୀ କେୟାର ଇଣ୍ଡିଆ, ନାବାର୍ଡ ଓ ଏକ୍ସଆଇଏମବି ସହ ଜଡ଼ିତ ରହି ନର୍ଲା, କେସିଙ୍ଗା ଏବଂ ଲାଞ୍ଜିଗଡ଼ ବ୍ଲକର ଦୁର୍ଗତ ମାନବଙ୍କ ବନ୍ଧୁ ସାଜାଛନ୍ତି। ୨୦୧୨ ରୁ ସେ ସନ୍ଧାନ ନାମରେ ଏକ ଏନଜିଓ ଖୋଲି ଏହା ମାଧ୍ୟମରେ ଜନତାଙ୍କ ସେବା କରି ଆସୁଛନ୍ତି। ରୁପ୍ରାରୋଡର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଡ଼ଃ ସାଧୁରାମ ଅଗ୍ରୱାଲ ଓ ତାଙ୍କ ପୂର୍ବଜଙ୍କ ସ୍ମୃତିରେ ଡ଼ଃ ଅଗ୍ରୱାଲଙ୍କ ସୁପୁତ୍ର ସୁନୀଲ ଅଗ୍ରୱାଲ ଓ ସୁମିତ ଅଗ୍ରୱାଲଙ୍କ ଦ୍ୱାରା ଅଶ୍ୱିନୀ କୁମାର ଭୋଇଙ୍କୁ ଦେବଗିରି ସମାଜସେବା ସମ୍ମାନ-୨୦୨୪ ପ୍ରଦାନ କରାଯିବ।

ସେହିପରି ଭାବେ ବିଶିଷ୍ଟ କଳାକାର, ବାଦ୍ୟକାର ତଥା ଲୋକନୃତ୍ୟ ଓ ନାଟକ ନିର୍ଦ୍ଦେଶକ ଲୋକନାଥ ସା ଚଳିତ ବର୍ଷ ପାଇଁ 'ଦେବଗିରି ଲୋକକଳା ସମ୍ମାନ' ପାଇବେ। ସେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଶାନ୍ତପୁର ଗ୍ରାମର ଚିନ୍ତାମଣି ସାଙ୍କ ସୁପୁତ୍ର ଅଟନ୍ତି। ଜୀବନବ୍ୟାପୀ ଲୋକକଳା ଓ ଲୋକନାଟକ ପ୍ରତି ସମର୍ପିତ ଲୋକନାଥ ଏବେ ମଧ ଅଭିନୟ କରିବା ସହ ନାଟକର ନିର୍ଦ୍ଦେଶନା ଦେଇ ଆସୁଛନ୍ତି। ରାଧାକୃଷ୍ଣ ନାଟ୍ୟ କଳା ପରିଷଦ ଏବଂ ଶାନ୍ତପୁର ଯୁବକ ସଂଘର ସଭାପତି ଥିବା ସମୟରେ ସେ ଘୁମୁରା, ନାଟକ ଓ ପାଲାକୁ ରାଜ୍ୟର କୋଣ ଅନୁକୋଣରେ ପରିବେଷିତ କରି ଏହି ଅନନ୍ୟ ଲୋକକଳାର ପ୍ରଚାର ପ୍ରସାର କରିଛନ୍ତି। ଓଡ଼ିଶାର ତତକାଳୀନ ରାଜ୍ୟପାଳ ଏମ୍.ଏମ୍ ରାଜେନ୍ଦ୍ରନ ତାଙ୍କୁ ସମ୍ମାନିତ କରିଥିବାବେଳେ ଅନେକ ମହୋତ୍ସବରେ ନିଜର କଳା ପ୍ରଦର୍ଶନ କରି ସେ ସମ୍ମାନିତ ହୋଇଛନ୍ତି। ସେ ୯୦ରୁ ଊର୍ଦ୍ଧ୍ୱ ନାଟକର ନିର୍ଦ୍ଦେଶନା ଦେବାସହ ୨୭ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ସମ୍ମାନ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି।

# ଘରୋଇ ଅର୍ଥ ଲଗାଣ ସଂସ୍ଥାର ଅର୍ଥ ହଡପ, ଜଣେ ଗିରଫ

ବୌଦ୍ଧ,(ସବ୍ୟୁ) : ବୌଦ୍ଧଜିଲ୍ଲାରେ ଥିବା ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର ଟଙ୍କା ହଡପ ଅଭିଯୋଗରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ବୌଦ୍ଧ ପୁଲିସ । ପୁଲିସ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥା ବୌଦ୍ଧ ଜିଲ୍ଲା ବୁଟୁପାଲିଠାରେ ଏକ ଶାଖା ଖୋଲି ବିଭିନ୍ନ ଗୋଷ୍ଠୀ ସଦସ୍ୟାଙ୍କୁ ଟଙ୍କା ଋଣ ଦେଇ କାରବାର କରିଆସୁଥିଲା । ଏହି ସଂସ୍ଥାର ତିନି ଜଣ କର୍ମଚାରୀ ବିଭିନ୍ନ ଗୋଷ୍ଠିର ସଦସ୍ୟାଙ୍କୁ ଠାରୁ ବିଭିନ୍ନ ସମୟରେ ସଂଗ୍ରହ କରିଥିବା ୨ ଲକ୍ଷ ୪୬ ହଜାର ୮୫୪ ଟଙ୍କା ହଡପ କରିଥିବା ନେଇ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଶମ୍ଭୁ ପ୍ରସାଦ ସେଠୀ ଗତ ୨୩.୧୦ ୨୪ରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଏହି ଘଟଣାରେ ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗା ଥାନାର କନ୍ଦାଝୁରୀ ଗ୍ରାମର ଜଣେ ଅଭିଯୁକ୍ତ ମାନଭଞ୍ଜନ ତାଣ୍ଡିଙ୍କୁ ଗିରଫ କରି ଗୁରୁବାର ଦିନ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏହି ମାମଲାରେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି ।

# ମୋବାଇଲ ଫୋନ ଲୁଟିଆ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଟାଉନ ଥାନା ପୋଲିସ ମୋବାଇଲ ଲୁଟିଆଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଲୁଟ ମୋବାଇଲ, ଟଙ୍କା ଓ ଆବଶ୍ୟକୀୟ କାଗଜପତ୍ର ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ସହରର ଅନୁଗୁଲିଆପଡା ଅଞ୍ଚଳର ନୁରୁଉଦ୍ଦିନ୍ ଗତ ୨୩ତାରିଖ ରାତି ପ୍ରାୟ ୧୦ଟା୪୫ରେ ମୁଦିପଡାକୁ ଫେରୁଥିବା ବେଳେ ଫାଟକ ନିକଟରେ ୩ଜଣ ଯୁବକ ଆସି ତାଙ୍କ ଠାରୁ ବଳପୂର୍ବକ ମୋବାଇଲ ଫୋନ, ୪୦୦ଟଙ୍କା, ଆଧାରକାର୍ଡ, ପାନକାର୍ଡ ଆଦି ଲୁଟି ନେଇଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ କାଲିବାଡିର ରୋନିତ୍ ଦୀପ, ସାଲିଆବଗିଚାର ରାମକୁମାର ସାଗରଙ୍କ ସମେତ ଜଣେ ନାବାଳକଙ୍କୁ ଗିରଫ କରିଛି ।

# ୧ରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷଙ୍କ ଉପରେ ଅନାସ୍ଥା ପ୍ରସ୍ତାବ

କେସିଙ୍ଗା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧ୍ୟକ୍ଷଙ୍କ ପାଇଁ ଆସିଥିବା ଅନାସ୍ଥା ପ୍ରସ୍ତାବ । ଇତି ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଗୋଷ୍ଠୀଙ୍କୁ ମିଳିଛି ଆଶ୍ୱସ୍ତି। ଏଥି ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନୋଟିସ ବାହାରି ସାରିଛି । ନୋଟିସରେ ଆସନ୍ତା ନଭେମ୍ବର ୧ ତାରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ କେସିଙ୍ଗା ପଞ୍ଚାୟତ ସଭା ଗୃହ ଠାରେ ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ର ବିଭିନ୍ନ ଧାରାରେ ଥିବା ବ୍ୟବସ୍ଥା ଅନୁଯାୟୀ ଆଲୋଚନା କରାଯିବା ସହିତ ଆବଶ୍ୟକ ସ୍ଥଳେ ଅପରାହ୍ନ ୧୨.୩୦ ମିନିଟ ସମୟରେ ଗୁପ୍ତ ମତଦାନ କରାଯିବ ବୋଲି ଉଲ୍ଲେଖ ରହିଛି ।

# ଅପପୁଷ୍ଟିର ମୁକାବିଲା ପାଇଁ ସାମ୍-ଏସ୍ଏମ୍ ପରିଚାଳନା ଉପରେ ଗୁରୁତ୍ୱାରୋପ




ବଲାଙ୍ଗିର,(ସବ୍ୟୁ): ୟୁନିସେଫ୍ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ(ଡିଏସ୍‌ଡବ୍ଲୁ) ମିଳିତ ସହଯୋଗରେ ଅପପୁଷ୍ଟିର ମୁକାବିଲା ପାଇଁ ବଲାଙ୍ଗିରରେ ଏକ ମିଡିଆ ରାଉଣ୍ଡ ଟେବୁଲର ଆୟୋଜନ କରାଯାଇଥିଲା। ଏହି ରାଉଣ୍ଡ ଟେବୁଲ୍‌ରେ ବଲାଙ୍ଗିର ଅଞ୍ଚଳରେ ଅତିଶୟ ଅପପୃଷ୍ଟି (ସାମ୍-ଏସ୍ଏମ୍)ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଅସୁରକ୍ଷିତ ଜନସାଧାରଣଙ୍କ ପାଇଁ ସଚେତନତା ସୃଷ୍ଟି ପ୍ରକଳ୍ପର ଫଳାଫଳକୁ ଉନ୍ନତ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସହଯୋଗ ଏବଂ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରାଯାଇଥିଲା।

ବଲାଙ୍ଗିର ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷମା ମହାପାତ୍ର, ଅପପୃଷ୍ଟି ମୁକାବିଲା ପାଇଁ ଜିଲ୍ଲାରେ ଦେଖାଦେଇଥିବା ସମସ୍ୟା ଏବଂ ପ୍ରଭାବଶାଳୀ ସାମ୍-ଏସ୍ଏମ୍ ପରିଚାଳନା ପାଇଁ ଏହି ଅଞ୍ଚଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ଓ ମା'ମାନଙ୍କୁ ଜରୁରୀ ପୋଷଣ ସେବା ଯୋଗାଇବାରେ ଅଙ୍ଗନବାଡି କର୍ମୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ। ଅପପୃଷ୍ଟି ଏକ ଚିନ୍ତାର ବିଷୟ ହୋଇ ରହିଛି। କିନ୍ତୁ ଆମ ଦକ୍ଷତା ଉପରେ ଆମର ବିଶ୍ୱାସ ଅଛି ଯେ ସ୍ଥାନୀୟ ସଂଗଠନ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହଯୋଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିପାରିବା। ଏହି ସମସ୍ୟାଗୁଡିକର ସମାଧାନ ପାଇଁ ସମ୍ପ୍ରଦାୟର ଯୋଗଦାନ ପ୍ରମୁଖ ଭୂମିକା ଗ୍ରହଣ କରେ। ତୃଣମୂଳ ସ୍ତରର ପ୍ରୟାସକୁ ମଜବୁତ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ।

ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ଅପପୁଷ୍ଟି ଏବଂ ସାମ୍-ଏସ୍ଏମ୍ ପରିଚାଳନାର ସମୀକ୍ଷା କରି କହିଥିଲେ, ବଲାଙ୍ଗିରରେ ପାୟ ୪୦% ପିଲାଙ୍କର ବୟସ ଅନୁଯାୟୀ ଉଚ୍ଚତା କମ୍ ଏବଂ ୧୫% ପିଲାଙ୍କର ବୟସ ଅନୁଯାୟୀ ଓଜନ କମ୍। ସ୍ୱାସ୍ଥ୍ୟ ସେବା, ପରିମଳ ଏବଂ ଶିକ୍ଷାକୁ ଅର୍ନ୍ତଭୁକ୍ତ କରି ସାମ୍-ଏସ୍ଏମ୍ ପରିଚାଳନା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଆବଶ୍ୟକ। ପ୍ରଭାବଶାଳୀ ସାମ୍-ଏସ୍ଏମ୍ ପରିଚାଳନା କେବଳ ଜୀବନ ରକ୍ଷା କରେ ନାହିଁ ବରଂ ପିଲାମାନଙ୍କ ଦୀର୍ଘସ୍ଥାୟୀ ସୁସ୍ଥତା ଏବଂ ଜ୍ଞାନର ବିକାଶରେ ମଧ ସହାୟକ ବୋଲି ସେ ମତ ପ୍ରଦାନ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅପପୃଷ୍ଟିର ବ୍ୟାପକ ମୁକାବିଲା ପାଇଁ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମର କଭରେଜ୍‌ର ପ୍ରୟାସକୁ ପ୍ରୋତ୍ସାହିତ କରିବା। ପିଲାମାନଙ୍କୁ ପ୍ରଭାବିତ କରୁଥିବା କାରଣଗୁଡିକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଶକ୍ତି ରହିଛି ବୋଲି ସେ କହିଥିଲେ।

ଅପପୃଷ୍ଟି ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନର ସମାଧାନ କରିବା ପାଇଁ ବିସ୍ତୃତ ଆଲୋଚନା ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ଅନ୍ତର୍ନିହିତ ମତ ଆଦାନ ପ୍ରଦାନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ସଚେତନତା ବୃଦ୍ଧି ପାଇଁ ସହଯୋଗର ହାତ ବଢେଇବା ଉପରେ ଗୁରୁତ୍ୱାରୋପ ସହିତ ସର୍ବସାଧାରଣଙ୍କ ଆଲୋଚନାରେ ସାମ୍-ଏସ୍ଏମ୍ କୁ ପ୍ରାଥମିକତା ଦେବା ପାଇଁ ଧ୍ୟାନ ବଜାୟ ରଖିବାକୁ ସଂକଳ୍ପ ନେଇଥିଲେ। ଗଣମାଧ୍ୟମ ରାଉଣ୍ଡ ଟେବୁଲ୍ ଭବିଷ୍ୟତର ପଦକ୍ଷେପ ପାଇଁ ଭିତ୍ତିପ୍ରସ୍ଥର ପ୍ରଦାନ କରିଥିଲା। ଯାହାକି ବଲାଙ୍ଗିରରେ ଶିଶୁ ଏବଂ ମା'ମାନଙ୍କ ନିକଟରେ ନିରନ୍ତର ଭାବରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ଫଳାଫଳ ଆଣିବାରେ ବହୁ କ୍ଷେତ୍ରର ଗୁରୁତ୍ୱର୍ଣ୍ଣ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଦ୍ୱିପାକ୍ଷିକ ଆନ୍ତର୍ଜାତୀୟ ସଂଗୋଷ୍ଠୀ ଉଦ୍‌ଯାପିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ବିଭାଗ ଏବଂ ଭାରତୀୟ ସଙ୍ଗଠନ-ଏସୀୟ ଓ ପ୍ରଶାନ୍ତ ମହାସାଗରୀୟ ଅଧ୍ୟୟନ ଦ୍ୱାରା ପରିଚାଳିତ ଦ୍ୱାଦଶ ଦ୍ୱିପାକ୍ଷିକ ଆନ୍ତର୍ଜାତୀୟ ସଂଗୋଷ୍ଠୀ ଉଦ୍‌ଯାପିତ ହୋଇଯାଇଛି । ଇତିହାସ ବିଭାଗର ସହଯୋଗୀ ଅଧ୍ୟାପିକା ଡ. ସସ୍ମିତାରାଣୀ ଶାସିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଦେଶ ଓ ବିଦେଶରୁ ଆସିଥିବା ୫୦ରୁ ଅଧିକ ଗବେଷକ ମାନେ ନିଜ ନିଜର ରୁଚିର ଗବେଷଣାଧର୍ମୀ ପ୍ରବନ୍ଧ ପାଠ କରିଥିଲେ । ପ୍ରବନ୍ଧରେ ଏସୀୟ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଇତିହାସ, ସଂସ୍କୃତି ଓ ବାଣିଜ୍ୟ ତାର ଅତୀତ ଏବଂ ବର୍ତ୍ତମାନ ବିଷୟରେ ନୂଆଁ ନୂଆଁ ତଥ୍ୟ ଉପସ୍ଥାପନ ମାଧ୍ୟମରେ ଛାତ୍ରଛାତ୍ରୀ, ଗବେଷକଗବେଷିକା, ବୁଦ୍ଧିଜୀବୀ ମାନଙ୍କର ନୂତନ ବିଷୟବସ୍ତୁ ଉପରେ ଅବଧାରଣା ପ୍ରାପ୍ତ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଚିନ୍ତାମଣି ମହାପାତ୍ର ଓ ପ୍ରଫେସର ଅଶ୍ୱିନୀ ମହାପାତ୍ର, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ରେଖା ପାଣ୍ଡେ ସମ୍ମିନଳୀର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଅର୍ଥଶାସ୍ତ୍ର ବିଭାଗର ଡ. ପ୍ରିୟଦର୍ଶୀ ଯୋଶୀ ଓ ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗର୍ଭବତୀଙ୍କୁ ବିରଳ ରକ୍ତ ଦେଲେ କହ୍ନେୟାଲାଲ



ସମ୍ବଲପୁର, (ସବ୍ୟୁ) : ନିୟମିତ ରକ୍ତଦାତା କହ୍ନେୟାଲାଲ ସୋନି ବିରଳ ରକ୍ତ ଏବି ନେଗେଟିଭ ଦେଇ ଜଣେ ଗର୍ଭବତୀଙ୍କୁ ବଞ୍ଚାଇଛନ୍ତି । ରକ୍ତ ଲାଗିବା ପରେ ଗର୍ଭବତୀ ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଯାହାକୁ ନେଇ ତାଙ୍କ ପରିବାରରେ ଖୁସିର ଲହରୀ ଖେଳି ଯାଇଛି । ସୂଚନାଯୋଗ୍ୟ, ବରଗଡ ଅଞ୍ଚଳର ଜଣେ ଗର୍ଭବତୀ ମାଁଙ୍କୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ଅତ୍ୟନ୍ତ ବିରଳ ରକ୍ତର ଆବଶ୍ୟତା ପଡିଥିଲା । ରକ୍ତ ଅଭାବରୁ ମହିଳାଙ୍କୁ ଓଟିରୁ ଫେରିବାକୁ ପଡିଥିଲା । ଏହା ଜଣାପଡିବା ପରେ ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ ରକ୍ତ ଯୋଗାଡ ପାଇଁ ସମ୍ବଳ ପରିବାରକୁ ଯୋଗାଯୋଗ କରିଥିଲେ । ସ୍ୱେଚ୍ଛାସେବୀ ରାମଦାସ ପଣ୍ଡା ତୁରନ୍ତ ଏହି ବର୍ଗର ରକ୍ତଦାତା କହ୍ନେୟାଲାଲଙ୍କୁ ନେଇ ରକ୍ତଭଣ୍ଡାରରେ ପହଞ୍ଚିଥିଲେ ।

# ଶିଶୁ ମହୋତ୍ସବ 'ଉତ୍ସାହ' ଓ 'ମହକ' ଉଦ୍‌ଯାପିତ



ଝାରସୁଗୁଡ଼ା,(ସବ୍ୟୁ): ବେଲପାହାଡ଼ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଠକ୍କର ବାପା ସେବା ସଦନ ପରିସରରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ୨୦୨୪ ଉଦଯାପିତ ହୋଇଯାଇଛି । ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା । ପ୍ରଥମ ଦିନ ଶିଶୁମାନଙ୍କ ପାଇଁ ଉତ୍ସାହ ନାମରେ ବିଭିନ୍ନ କ୍ରୀଡ଼ା ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ହୋଇଥିଲା । ଗିରିଧର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତ୍ରିଲୋଚନ କାଣ୍ଡରା , ବେଲପାହାଡ଼ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ହେମନ୍ତ ପଧାନ ଓ ପିପିଲିମାଲ୍ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଟାଜନ ବିଶ୍ୱାଳ କ୍ରୀଡା ସମୂହ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବ 'ମହକ'ରେ ବେଲପାହାଡ଼ ପୌରପାଳିକା ଅଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ବଣ୍ଟନ କରିବା ସହ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପ୍ରତିଯୋଗୀ ମାନଙ୍କର କ୍ରୀଡ଼ା ସହ ଅନ୍ୟ ସମସ୍ତ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସମସ୍ତେ ଆନ୍ତରିକ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା,ଜିଲ୍ଲା ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ) ଚୂଡ଼ାମଣି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେବା ସଦନର ସମ୍ପାଦକ ନିରାକାର କିସାନ ଧନ୍ୟବାଦ ଅର୍ପଣ କରିଥିଲେ । ସେବା ସଦନ ପରାମର୍ଶଦାତା ମାନସ କୁମାର ମଲ୍ଲିକ, ଜିଲ୍ଲା ପରାମର୍ଶଦାତା ସମୀର କୁମାର ମିଶ୍ର , ମନୋରଞ୍ଜନ ହରପାଲ, ଧରିତ୍ରୀ ସାହୁ,ସତ୍ୟବ୍ରତ ପଧାନ, ରସାନନ ମହାପାତ୍ର, କସ୍ତୁରୀ ପିଙ୍ଗ, ସଚିଦାନନ୍ଦ ପଧାନ, ଶୁଭମ୍ ପ୍ରତାପ ସିଂହ, ପ୍ରଶ୍ନଜିତ ସାହୁ,ତ୍ରିତୀୟା ଭର୍ଏଁସାଲ, କୌଶଲ୍ୟା କର୍ଣ୍ଣା ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ




ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହର ସ୍ଥିତ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇ ଯାଇଛି । ଉଦଯାପନୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ପୁଅ ଝିଅ ସମସ୍ତ ଶିଶୁ ସମାନ, ସମସ୍ତେ ଭଲ ପାଠ ପଢିବା, ସ୍ବାବଲମ୍ବୀ ହେବା, ଅନୁଶାସନ ପାଳନ କରି ସମୟାନୁବର୍ତ୍ତିତା ସହିତ ପରମ୍ପରାକୁ ବଜାୟ ରଖିବା, ହାତଧୋଇ ଖାଇବା, ମଶାରୀ ଟାଣି ଶୋଇବା ଓ ନିଜ ନିଜର ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅନିରୁଦ୍ଧ ପ୍ରଧାନ, ବାଲ୍ୟବିବାହ ନିରାକରଣ ଜିଲ୍ଲା ସଂଯୋଜିକା ପ୍ରବିଜ୍ଞା ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ ପ୍ରମୁଖ ବାଳିକା ମାନଙ୍କ ବିକାଶ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଉଦଘାଟନ କରିଥିଲେ । ଅତିଥି ଭାବରେ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ କୁଜୁର, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଅତିଥି ଭାବେ ଉକ୍ତ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଉକ୍ତ ବାଳିକା ଦିବସ ଅବସରରେ ଜୁନିଅର ଓ ସିନିଅର ଦୁଇଟି ବିଭାଗରେ ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସ୍ଲୋଗାନ ଲିଖନ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଜିଲ୍ଲାର ୧୨୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଦଳଗତ ନୃତ୍ୟରେ ଜନତା ହାଇସ୍କୁଲ ବିଳାସପୁର ଛାତ୍ରୀ ମାନେ ପ୍ରଥମ, ବାଲାସିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ପୁରୁଣାକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ରାଜ୍ୟ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ବ୍ରୋଞ୍ଚ ପଦ ପାଇଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ଓ ଯୁଗ୍ମ ସ୍ୱର୍ଣ୍ଣ ପଦକ ପାଇଥିବା ପ୍ରାଚୀ ପ୍ରଭା ମେହେରଙ୍କୁ ସମ୍ମାନୀତ କରାଯାଇଥିଲା । ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ । ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା,ଶିକ୍ଷକ ରାଜକୁମାର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର କରଡ଼ିଆ, ଗୋପାଳ ଅମାତ, ହୃଦାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର, ନିରଞ୍ଜନ ମେହେର, ରେଣୁବାଳା ବେହେରା, ସ୍ମିତି ମଧୁସ୍ମିତା ସାହୁ, ଗୀତାଞ୍ଜଳି ଅଚାରୀ ପ୍ରମୁଖ ବିଭିନ୍ନ ବିଭାଗର ପ୍ରତିଯୋଗିତା ଗୁଡିକ ପରିଚାଳନା କରିଥିଲେ ।

# ସାମାଜିକ ଗଣମାଧ୍ୟମକୁ ଆଶାଳୀନ ମନ୍ତବ୍ୟ
# ଥାନାର ଦ୍ୱାରସ୍ଥ ସାମ୍ବାଦିକ




ସିନାପାଲି,(ସବ୍ୟୁ): ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମାଜିକ ଗଣମାଧ୍ୟମରେ ଆଶାଳୀନ ମନ୍ତବ୍ୟ ନେଇ ସିନାପାଲି ସାମ୍ବାଦିକ ସଂଘ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନୂଆପଡା ଜିଲ୍ଲା ସିନାପାଲି ଅଞ୍ଚଳରେ ଆମର ସିନାପାଲି ନାମକ ଏକ ସାମାଜିକ (ୱାଟସପ ଗ୍ରୁପ) ରହିଛି। ଏହି ଗ୍ରୁପ ରେ ସିନାପାଲି ଅଞ୍ଚଳର ବିଭିନ୍ନ ସମସ୍ୟା ତଥା ସୁଚନା ଆଦାନପ୍ରଦାନ କରିବାର ମାଧ୍ୟମ ସାଜିଛି। ଏହି ଗ୍ରୁପରେ ସିନାପାଲି ସହରର ଅରୁଣ ମେହେର ନାମକ ବ୍ୟକ୍ତି ଗତ ୨୩ ତାରିଖ ସାମ୍ବାଦିକ ମାନଙ୍କୁ ଆକ୍ଷେପ କରି ଆଶାଳୀନ ମନ୍ତବ୍ୟ ପୋଷ୍ଟ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବିଭିନ୍ନ ସମୟରେ ୱାଟସପ ଗ୍ରୁପ ମାଧ୍ୟମରେ ଆରୋପ ପ୍ରତ୍ୟାରୋପ ଓ ଆଶାଳିନ ମନ୍ତବ୍ୟ ପୋଷ୍ଟ କରି ଅଞ୍ଚଳରେ ବିଶୃଙ୍ଖଳା ବାତାବରଣ ସୃଷ୍ଟି କରୁଛି। ଏଭଳି ଅନ୍ୟାୟ ଓ ଅବିଚାର ମନ୍ତବ୍ୟ ରଖୁଥିବା ବ୍ୟକ୍ତି ଅରୁଣ ନାମରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶୁକ୍ରବାର ସିନାପାଲି ସାମ୍ବାଦିକ ସଂଘ ପକ୍ଷରୁ ସିନାପାଲି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କୁ ଭେଟି ଆଲୋଚନା କରିବା ସହିତ ଏହାର ବିଧିବଧ ତଦନ୍ତ କରି ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକ ସଂଘ ପକ୍ଷରୁ ଅଜିତ ଯୋଶୀ, ଶୁଭ୍ରାଂଶୁ କୁମାର ନାଏକ ବିକାଶ ଖର୍ସେଲ, ଶନ୍ତୋସ ବାଗ, ବିହାରି ଲାଲ ଜଗତ, ରାହୁଲ ରଣା, ଜଗନ୍ନାଥ ସାଗର,ହେରାମ୍ବ ମେହେର, ମନଫୁଲ ମେହେର, ରମେଶ ମେହେର, ଗୟାରାମ ମେହେର, ପତ୍ରବନ୍ଧୁ ବାଗ, ଧର୍ମେନ୍ଦ୍ର ଗହିର, ରମେଶ ଜଗତ ପ୍ରମୁଖ ସମେତ ଅନେକ ସାମ୍ବାଦିକ ସାମିଲ ଥିଲେ। ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କୁ ପଚାରିବାକୁ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

# ମାଛ ଚାଷରେ ଚଞ୍ଚକତାକୁ ନେଇ
# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

କଣ୍ଠାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଠାମାଳ ବ୍ଲକ ସଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡିଆଜୋର ଗ୍ରାମର ମୁଡାବନ୍ଧରେ ସ୍ଥାନୀୟ ଗ୍ରାମବାସୀଙ୍କ ବିନା ସହମତିରେ ଚଞ୍ଚକତା ପୂର୍ବକ ଜନୈକ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା କରାଯାଇଥିବା ମାଛ ଚାଷକୁ ବିରୋଧ କରି ଗଡିଆଜୋର ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଏହା ସହ ବିଧାୟକ କଣ୍ଠାମାଳ, ବିଡ଼ିଓ କଣ୍ଠାମାଳ, ଜିଲ୍ଲା ମତ୍ସ୍ୟଚାଷ ଅଧିକାରୀ,ବ୍ଲକ ଭାରପ୍ରାପ୍ତ ମତ୍ସ୍ୟଚାଷ ଅଧିକାରୀ, ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମବାସୀଙ୍କ ଉଦ୍ୟମରେ ସରକାରଙ୍କ ଯୋଜନାରୁ ଉକ୍ତ ବନ୍ଧ ଖନନ କାର୍ଯ୍ୟ କରି ମୁଡାବନ୍ଧ ନାମରେ ଏହି ବନ୍ଧର ନାମକରଣ କରିଥିଲେ । ପ୍ରତିବର୍ଷ ଏହି ମୁଡାବନ୍ଧରେ ଗଡିଆଜୋର ଗ୍ରାମବାସୀ କ୍ରମାଗତ ଭାବେ ମାଛ ଚାଷ କରିଆସୁଛନ୍ତି । ଏପରିକି ଚଳିତବର୍ଷ ମୁଡାବନ୍ଧରେ ଘାଇ ହୋଇଥିଲା । ଗ୍ରାମବାସୀ ଜେସିବି ଦ୍ୱାରା ଉକ୍ତ ଘାଇକୁ ମାଟିପକାଇ ସମତୁଲ କରିବାସହ ଏଥିରେ ଯାଆଁଳା ମାଛ ଛାଡିଥିବା ଅଭିଯୋଗ ହୋଇଛି । ତେବେ ଗଡିଆଜୋର ଗାଁ କମିଟିର ବିନା ସହମତିରେ ମାଁ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ଗତ ତା ୨୨.୧୦.୨୦୨୪ରିଖ ଦିନ ମାଛ ଜାଆଁଳ ଛାଡିଥିବା ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ବିଧାୟକଙ୍କ ନିକଟରେ ଗୁହାରି କରିଛନ୍ତି । ଚଞ୍ଚକତା କରି ଗାଁ କମିଟିର ବିନା ସହମତିରେ ମାଛ ଯାଆଁଳା ଛାଡ଼ିଥିବାରୁ ଏହାର ବିଚାର କରି ଉକ୍ତ ଏସଏଚଜି ଗ୍ରୁପକୁ ଉଚ୍ଛେଦ କରିବାପାଇଁ ଦୃଢ଼ ଦାବି କରିଛନ୍ତି ଗଡ଼ିଆଯୋର ଗାଁ କମିଟିର ସୁରେନ୍ଦ୍ର କୁଦେଇ,ଦାଶ ଦୀପ, ଲକ୍ଷ୍ମୀଧର ଜାଲ ସମେତ ସମସ୍ତ ଗ୍ରାମ୍ୟ କମିଟି ସଦସ୍ୟ ସଦସ୍ୟା । ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଗାଁ କମିଟି ପକ୍ଷରୁ କୁହାଯାଇଛି ।

# ଆଦିମ ଅଧିବାସୀ ଏକତା ମଞ୍ଚର ବ୍ଲକସ୍ତରୀୟ କମିଟି ଗଠନ

ବୌଦ୍ଧ, (ସବ୍ୟୁ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର କିଟାଙ୍ଗପଡ଼ା ଠାରେ ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ହରଭଙ୍ଗା ବ୍ଲକ୍‌ର ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ବୈଠକରେ ୧୧ଗୋଟି ଗ୍ରାମ ପଞ୍ଚାୟତର ସଭ୍ୟ ସଭ୍ୟା ଯୋଗ ଦେଇ ୧୧ ଜଣିଆ କମିଟି ଗଠନ କରାଯାଇଛି। ନୂତନ ଭାବେ କମିଟିର ସଭାପତି ଦାଶରଥି ନାଏକ,ଉପ ସଭାପତି ମମତା ପ୍ରଧାନ,ଓ ସମ୍ପାଦକ ଅଶୋକ କୁମାର ନାୟକଙ୍କୁ ମନୋନୀତ କରାଯାଇଥିଲା । କମିଟିକୁ ସୁଚାରୁରୁପେ ଗଠନ କରିବା ପାଇଁ ସାଙ୍ଗଠନର କର୍ମୀ ପ୍ରଦୀପ କୁମାର କହଁର, କୁଶ ମହକୁଡ ଓ ବ୍ଲକ୍ ସଂଯୋଜକ ନିରଞ୍ଜନ ବିଶି ସହଯୋଗ କରିଥିଲେ।

# ବିଲେଇସର୍ଡା ହାଇସ୍କୁଲରେ ପ୍ରାଚୀର ଚିତ୍ର ଅନାବରଣ

ବଲାଙ୍ଗିର,(ସବ୍ୟୁ): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସ୍ୱାଧିନ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରାଚୀର ଚିତ୍ର ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲୁମିନି ସଭାପତି ଅନନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପ୍ରାଚୀର ଚିତ୍ରକୁ ଅନାବରଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିଜ ବକ୍ତବ୍ୟରେ ସୃଜନ ଅଭିବ୍ୟକ୍ତି ର ଅନ୍ୟତମ କୌଶଳ ଚିତ୍ର ବୋଲି କହିବା ସହ ଏକାଗ୍ରତା, ଶିକ୍ଷା ପ୍ରତି ଅଭିରଚି ବଢାଇବାରେ ଏହା ସାହାଯ୍ୟ କରିଥାଏ ବୋଲି କହିଥିଲେ । ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ, ପଙ୍କଜ ମେହେର ଓ ଶିକ୍ଷୟତ୍ରୀ ପ୍ରତିଶା ମିଶ୍ର ଚିତ୍ରାଙ୍କନକୁ ନେଇ ସ୍ୱଅନୁଭୁତି ପ୍ରକାଶ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ଚିତ୍ର ଅଙ୍କନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ଶିକ୍ଷକ କାହ୍ନୁ ଚରଣ ସାହୁ, ପ୍ରଦୀପ ଦଣ୍ଡସେନା, ସଂଜିବ ମିଶ୍ର, ସୁଜିତ ଦେହୁରି, ମୁରାରି ମୋହନ ପର୍ଡିଆ, ଶିକ୍ଷୟତ୍ରୀ ସୁବାସିନୀ ସେଠୀ, ନିରୋତ୍ତମା ବିଶ୍ୱାଲ, ସୁମିତ୍ର ସୁତାର, ସୁଷମା ମେହେର ପ୍ରମୁଖ ପିଲା ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହିତ ଚିତ୍ର ଆଙ୍କିବା ଦିଗରେ ଉଦବୋଧନ ଦେଇଥିଲେ । ଏହି ପ୍ରାଚୀର ଚିତ୍ର ରେ ଗୁଣାତ୍ମକ ଶିକ୍ଷା, ପିଏମ୍ ପୋଷଣ, ପ୍ଲାଷ୍ଟିକ ବର୍ଜନ, ଧୂମ୍ରପାନ ନିଷେଧ, ସ୍ୱଚ୍ଛ ଭାରତ, ପରିବହନ ନିୟମ ସଚେତନତା, ପରିବେଶ ସଚେତନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିତ୍ର ସ୍ଥାନ ପାଇଛି । କାର୍ଯ୍ୟକ୍ରମର ସଂଯୋଜନା ରଂଜିତ ମିଶ୍ର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପଧାନ ।

# ଓଏଏସ ଅମ୍ବିକା ଭାରତୀ ଛତ୍ରିଆଙ୍କୁ ସମ୍ବର୍ଦ୍ଧନା

ଧର୍ମଗଡ଼, (ସବ୍ୟୁ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୪୬୩ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଥିବା ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ସ୍ୱର୍ଗତ ଦିଲ୍ଲୀପ ଛତ୍ରିଆ (ପୋଲିସ କର୍ମଚାରୀ ଓ ଅଙ୍ଗନବାଡି କର୍ମୀ ) ପ୍ରତିମା ଛତ୍ରିଆଙ୍କ ଏକ ମାତ୍ର ଝିଅ ଅମ୍ବିକା ଭାରତୀ ଛତ୍ରିଆଙ୍କୁ ନିଜ ଗ୍ରାମରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ବାଣ ଫୁଟାଇ, ବାଜା ବଜାଇ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିବା ସହ ଗାଁ ପରିକ୍ରମା କରାଇଥିଲେ । ତରାପୁର ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇଥିବା ପରିକ୍ରମା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲିଥିଲା । ବିଭିନ୍ନ ବର୍ଗର ଲୋକେ ତାଙ୍କୁ ଫୁଲତୋଡ଼ା, ଉପଢୌକନ, ଫୁଲମାଳ, ଟଙ୍କାମାଳ, ଚନ୍ଦନ ଆଦିଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ତରାପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ପହଁଚିଲା ସମୟରେ ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରାମ ପରିକ୍ରମା ସମୟରେ ଗାଁ ଗୌନ୍ତିଆ କୁମୁଦ ରଞ୍ଜନ ଚଳାନ, ତାରାପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିପଦ ଜେନା, ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଦୁରିଆ, ସହକାରୀ ଶିକ୍ଷକ ରମାର ଛତ୍ରିଆ, ରଘୁମଣୀ ଭର୍ତ୍ତିଆ, ବିପ୍ଳବ ପଣ୍ଡା, ନମିଶ ସରାପ, ସୌରଭ ଗୋପାଳ, ପ୍ରମୋଦିନ ସାହୁ, ଲଳିତା ଦୁରିଆ, ରମେଶ ଅଗ୍ରୱାଲ, ରୋହିତ ସ୍ୱାଇଁ ସମେତ ଗ୍ରାମବାସି ସାମିଲ ଥିବା ଦେଖାଯାଇଥିଲା ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ

କଳମପୁର,(ସବ୍ୟୁ):କଳମପୁର ବ୍ଲକ ଅନ୍ତର୍ଗତ ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ ଧନପୁର ଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଦାତା ଗଣେଶଙ୍କ ସମୀପରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪ ସୁଶ୍ରୀ ମଧୁସ୍ମିତା ନାଏକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀ ଆନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିବା ସହ ନବ ନିର୍ମିତ ଏକ ବିଦ୍ୟାଳୟ କୋଠାକୁ ଲୋକାର୍ପିତ କରିଥଲେ। କାର୍ଯ୍ୟକ୍ରମରେ ଦୁହିତା ମାଝୀ ଜିଲ୍ଲା ପରିଷଦ ସଦସ୍ୟା, ନିହାରିକା ବେହେରା ସରପଞ୍ଚ ମୀନଗୁର,ପ୍ରିୟ ରଞ୍ଜନ ମାଝୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ପ୍ରଭାକର ଲହଜଲ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ, ହେମନ୍ତ କୁମାର ପଣ୍ଡା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ, ସୁଶିଲ କୁମାର ମୁଣ୍ଡ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ଦ୍ୱିତୀୟ ଅଧିବେଶନ ଅପରାହ୍ନରେ ଆରମ୍ଭ ହୋଇଥିଲା। ସୁଶ୍ରୀ ମଧୁସ୍ମିତା ନାଏକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ସଭାପତିତ୍ୱରେ ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ବିଜୟ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟ ନାରାୟଣ ମୁଣ୍ଡଛିନା ଅଧକ୍ଷ ମାଁ ମାଣିକେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଥୁ.ରାମପୁର ,ସମ୍ମାନିତ ଅତିଥି ଭାବେ ସମ୍ବିତ ରଞ୍ଜନ ସାହୁ ଡିଗ୍ରୀ କଲେଜ ଥୁଆମୂଳ ରାମପୁର,ହେମନ୍ତ କୁମାର ପଣ୍ଡା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ, ସୁଶିଲ କୁମାର ମୁଣ୍ଡ ସହଗୋଷ୍ଠୀ ଶିକ୍ଷା ଅଧିକାରୀ, ସନାତନ ଭଞ୍ଜ, ମୋହନ ସୁନ୍ଦର ମୁଣ୍ଡ,ପ୍ରଭାକର ଲହଜଳ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ, ଜିତେନ୍ଦ୍ର ପ୍ରସାଦ ନାଏକ ପ୍ରଧାନ ଶିକ୍ଷକ ମୀନଗୁର ଉ.ପ୍ରା ବିଦ୍ୟାଳୟ ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ବ୍ଲକ ଅନ୍ତର୍ଗତ ୬ ଗୋଟି କ୍ଲଷ୍ଟରର ଛାତ୍ରଛାତ୍ରୀ 'ସୁରଭି'ଓ କଳା ଉତ୍ସବ କାର୍ଯ୍ୟକ୍ରମରେ କଣ୍ଠ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା, ବିତର୍କ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ୍, ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି କଳା ଉତ୍ସବ ଅନ୍ତର୍ଗତ ଏକକ ଓ ଦଳଗତ କଣ୍ଠ ସଂଗୀତ, ନୃତ୍ୟ, ଅଭିନୟ ଚାରୁକଳା, ପାରମ୍ପରିକ ଗଳ୍ପ କଥନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବେ ବୋଲି ଜଣାପଡିଛି।

# ପୂର୍ବତନ ଶିକ୍ଷକ ରାମଭକ୍ତ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ରାଧାଚରଣ ମେହେରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସ୍କୁଲର ପୂର୍ବତନ ଶିକ୍ଷକ ରାମଭକ୍ତ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲତିକା ଦାଶଙ୍କ ସମେତ ବହୁ ଶିକ୍ଷକଶିକ୍ଷୟତ୍ରୀ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । ଏଥିରେ ମିତ୍ରଭାନୁ ମହାପାତ୍ର, ଦୋଳଗୋବିନ୍ଦ ସାହୁ, ହୃଷିକେଶ ବଡାଇ, ଭାଗିରଥି ପ୍ରଧାନ, ବିହାରୀଲାଲ ମହାନ୍ତି, ପ୍ରହଲ୍ଲାଦ ସାହୁ, ସିଭିଲ ନାଏକ, ପ୍ରଦ୍ୟୋତ ମିଶ୍ର, ଶ୍ୟାମାପ୍ରସାଦ ପଣ୍ଡା, ଅଚ୍ୟୁତାନନ୍ଦ ପଟେଲ, ଦିଲ୍ଲୀପ ପ୍ରଧାନ, ଶାନ୍ତିଲତା ନାଏକ, ପ୍ରତାପ କେଶରୀ ତ୍ରିପାଠୀ, ବିଶେଶ୍ୱର ପାଣିଗ୍ରାହୀ ଓ କୁଳମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ସଫଳ କୃତୀ ଓଏଏସଙ୍କୁ ସମ୍ବର୍ଦ୍ଧନା



ରେଢାଖୋଲ,(ସବ୍ୟୁ): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ସଫଳ କୃତିଙ୍କୁ ନାକଟିଦେଉଳ ସ୍ନାତକ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସରାପାଲି ଗ୍ରାମର ବିଶ୍ୱକଶେନ ପୁରୋହିତ ଓ ଟାଙ୍ଗିଆନିଶାର ନରହରି ବେହେରାଙ୍କୁ ସମ୍ବର୍ଦ୍ଧଦା ପ୍ରଦାନ କରାଯାଇଥିବା ବେଳେ କୁଟାସିଂହା ଗ୍ରାମର ବର୍ଷାରାଣୀ ମୁଣ୍ଡା ବ୍ୟକ୍ତିଗତ ଅସୁବିଧା ହେତୁ ଆସିପାରିନଥିଲେ । କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ,ଭଜମୋହନ ପ୍ରଧାନ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ, ଜୟନ୍ତୀ ସାହୁ, ଶ୍ୱେତାଶ୍ରୀ ପ୍ରଧାନ ଓ ଗ୍ରନ୍ଥଗାରିକ ବିଭୁତି ଭୁଷଣ ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱକେଶନ ଓ ନରହରିଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବିଶ୍ୱକେଶନ ଓ ନରହରି ସେମାନଙ୍କ ସଫଳତା ପଛରେ ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଞ୍ଚଳବାସୀ ଶୁଭେଚ୍ଛୁ ମାନଙ୍କର ଭୁମିକା ବିଷୟରେ ଆଲୋକପାତ କରିବା ସହିତ ଛାତ୍ରୀ ମାନଙ୍କୁ ଶୃଙ୍ଖଳା ସଞ୍ଜମତା ସହିତ ପରିଶ୍ରମ କରି ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ । ବିଶ୍ୱକେଶନ ନାକଟିଦେଉଳ ମହାବିଦ୍ୟାଳୟର ପୁର୍ବତନ ଛାତ୍ର ଭାବେ ଗର୍ବ ଅନୁଭବ କରିଥିଲେ । ଅଧ୍ୟାପିକା ଡକ୍ଟର ପୁଷ୍ପାଞ୍ଜଳି ରବନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖପ୍ରାଖୋଲରେ ମନରେଗା ଯୋଜନାର ଅର୍ଦ୍ଧବାର୍ଷିକୀ ଜନଶୁଣାଣି




ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ୍ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଦ୍ଧ ବାର୍ଷିକୀ ଜନଶୁଣାଣୀ ଶୁକ୍ରବାର ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜନଶୁଣାଣୀରେ ନୋଡାଲ ଅଧିକାରୀ ଭାବେ ପାଟଣାଗଡ ସହକାରୀ ଉପ ଜିଲ୍ଲାପାଳ ନିରୁପମା ଟେଟେ, ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ୍ ଉପାଧ୍ୟକ୍ଷ ସୁଖିରାମ୍ ସାଣ୍ଡ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସରପଞ୍ଚ ସୀମାଞ୍ଚଳ ପୁରୋହିତ ପ୍ରମୁଖ ମଞ୍ଚାସିନ ଥିଲେ। ବିଡ଼ିଓ ଷଡ଼ଙ୍ଗୀ ଅକ୍ଟୋବର ୨୦୨୩ ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ଅର୍ଦ୍ଧ ବାର୍ଷିକୀ ବ୍ୟୟବରାଦ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ତାଙ୍କ ବ୍ୟୟ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ସୋସିଆଲ ଅଡିଟ ୟୁନିଟ ଦ୍ୱାରା ଯୋଜନାର ବ୍ୟତିକ୍ରମ ଓ ସମସ୍ୟା ଉପସ୍ଥାପନ କରାଯାଇଥିଲା। ନିର୍ଦ୍ଧାରିତ ୬ମାସ ମଧ୍ୟରେ ବ୍ଲକ୍‌ରେ ମୋଟ୧୭ କୋଟି ୨୬ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୪ ହଜାର୨୬୩ ପରିବାର ଶହେ ଦିନର କାମ ପାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ କେତେକ ହିତାଧିକାରୀ ତାଙ୍କ ସମସ୍ୟା ଉପସ୍ଥାପନ କରିଥିବା ବେଳେ ସପ୍ତାହେ ମଧ୍ୟରେ ସମସ୍ୟା ସମାଧାନ ଉପରେ ନୋଡାଲ ଅଧିକାରୀ କହିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଶେଷ ଦେବ ମେହେର, ଜଙ୍ଗଲ ବିଭାଗରୁ ରାଜେନ୍ଦ୍ର ଧରୁଆ, କନିଷ୍ଟ ଯନ୍ତ୍ରୀ, ପି ଇ ଓ, ଜି ଆର ଏସ, ଭି ଆର ପି, ଗାଁ ସାଥି ଓ ଶ୍ରମିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏ ପି ଓ ପ୍ରଶାନ୍ତ କୁମାର ସାହୁ, ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ଭାନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୨୮)
–ବିଭୂତିଯୋଗଃ–
( ଶ୍ରୀଭଗବାନୁବାଚ )

**ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।**
**ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ॥୨୮॥**

ମୁଁ ଅସ୍ତ୍ରମାନଙ୍କ ମଧ୍ୟରେ ବଜ୍ର, ଧେନୁମାନଙ୍କ ମଧ୍ୟରେ କାମଧେନୁ, ମୁଁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତିର ହେତୁ କନ୍ଦର୍ପ ଓ ସର୍ପମାନଙ୍କର (ରାଜା) ବାସୁକି ॥୨୮॥

# ସାର୍ବଭୌମାଃ ମହାବ୍ରତମ୍

**ସମ୍ପାଦକୀୟ**

ଆର୍ଯ୍ୟ ସଂସ୍କୃତିରେ ଅହିଂସା, ସତ୍ୟ, ଅସ୍ତେୟ ପ୍ରଭୃତି ସାର୍ବତ୍ରିକ ଓ ସାର୍ବଭୌମ ସିଦ୍ଧାନ୍ତ ଅଟେ । ଯୋଗଦର୍ଶନରେ ଏଗୁଡ଼ିକ 'ସାର୍ବଭୌମାଃ ମହାବ୍ରତମ୍' କୁହାଯାଏ । ଏଗୁଡ଼ିକ ସାଧାରଣ ବ୍ରତ ନୁହନ୍ତି– ସାର୍ବଭୌମିକ ମହାବ୍ରତ । ଏଥିମଧ୍ୟରୁ କୌଣସି ଗୋଟିଏ ମହାବ୍ରତର ଉଲ୍ଲଂଘନ କଲେ ଅଧର୍ମ ହୁଏ । ଏହି ଦୃଷ୍ଟିରୁ ଆର୍ଯ୍ୟ ରାଷ୍ଟ୍ରନୀତିରେ ଉଚ୍ଚ ଆଦର୍ଶ ପ୍ରାପ୍ତି ନିମିତ୍ତ ନୀଚ ଉପାୟ ତ୍ୟାଗ କରିବା ସର୍ବଥା ଉଚିତ । ସାଧ୍ୟସିଦ୍ଧି ନିମନ୍ତେ ଉଚିତ ବା ଅନୁଚିତ ଯେକୌଣସି ସାଧନ ପ୍ରୟୋଗ କରିବା ଆଧୁନିକ ସଭ୍ୟତାର ନିଦର୍ଶନ । କାର୍ଯ୍ୟକାରଣର ଅଟଳ ନିୟମକୁ ଆଧାର କରି ଏହି ସଂସ୍କୃତିରେ କର୍ତ୍ତବ୍ୟଗୁଡ଼ିକ ସମ୍ପାଦିତ ହୁଏ । ସାଧନ ଯଦି ଅସତ୍ ହୁଏ, ତାହାର ଫଳ ମଧ୍ୟ ଅସତ୍ ହେବ । ସୁତରାଂ ସ୍ୱାର୍ଥସିଦ୍ଧି ପାଇଁ ଉଚିତ–ଅନୁଚିତ ଯେ କୌଣସି ସାଧନ ପ୍ରୟୋଗ କରିବାରେ ବାଧା ନାହିଁ ବୋଲି କହିବା ଅନୁଚିତ । ଯେଉଁ ସଂସ୍କୃତିରେ ଅହିଂସା, ସତ୍ୟ ଆଦିକୁ ସାର୍ବଭୌମ ମହାବ୍ରତ ରୂପେ ସିଦ୍ଧ କରାଯାଇଛି, କର୍ମଫଳ ନିୟମର ଅଟଳତାକୁ ସ୍ୱୀକାର କରାଯାଇଛି, ସେଭଳି ସଂସ୍କୃତିରେ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଯେକୌଣସି ଅନୁଚିତ ଉପାୟ ଅବଲମ୍ବନ ସର୍ବଥା ଅକରଣୀୟ । ଆର୍ଯ୍ୟସଂସ୍କୃତିରେ 'ଅର୍ଥ' ଓ 'କାମ' ଜୀବନର ଆବଶ୍ୟକ ଅଙ୍ଗରୂପେ ଗୃହୀତ ହୋଇଥିଲା । ଅତଏବ ମାନବିକ ଆକାଂକ୍ଷାର ଚତୁଃସୂତ୍ରୀ ମଧ୍ୟରେ ଉଭୟେ ଅନ୍ତର୍ଭୁକ୍ତ । ଆଧୁନିକ ଯୁଗରେ ଧନସମ୍ପଦର ବିପୁଳ ସଂଗ୍ରହ କରିବାରେ ଦିନୁଦିନ ଲାଳସା ବଢ଼ି ଉଠୁଛି । ସବୁଠାରୁ ଦୟନୀୟ ବିଷୟ ଏହି ଯେ ଅର୍ଥହିଁ ଆମ ଜୀବନର ଆଦି ଓ ଅନ୍ତ ରୂପେ ପରିଗଣିତ ହେଉଛି । ଏହି ଭୌତିକବାଦକୁ ମହାଭାରତ–କର୍ତ୍ତା ସୁନ୍ଦର ଶବ୍ଦରେ ବର୍ଣ୍ଣନା କରିଛନ୍ତି–'ଅର୍ଥସ୍ୟପୁରୁଷୋ ଦାସୋ ଦାସସ୍ତ୍ୱର୍ଥୋ ନ କସ୍ୟଚିତ୍'– ମନୁଷ୍ୟ ଅର୍ଥର ଦାସ, ଅର୍ଥଲାଗି ସବୁ କାର୍ଯ୍ୟକରେ, କିନ୍ତୁ ଅର୍ଥ କାହାର ଦାସ ନୁହେଁ । ଆର୍ଯ୍ୟସଂସ୍କୃତିରେ 'ଅର୍ଥ' ଥିଲା ଜୀବନର ଏକ ଆବଶ୍ୟକ ଅଙ୍ଗ, କିନ୍ତୁ ତାହା ପୂର୍ଣ୍ଣତାର ପରିଚାୟକ ନଥିଲା । ତେଣୁ ଖାଇବାପିଇବା, ସ୍ୱଚ୍ଛନ୍ଦରେ ବାସ କରିବା ପାଇଁ ଯେତିକି ଧନସମ୍ପଦ ଆବଶ୍ୟକ, ସେତିକି ସଞ୍ଚୟ କରିବା ଉଚିତ । ସେଥିରୁ ଅଧିକ ସଂଗ୍ରହ କଲେ, ଭୋଗବିଳାସ ବୃଦ୍ଧି ପାଇବ, ସେଥିରୁ ଈର୍ଷା, ଦ୍ୱେଷ, ଲୋଭ, ମୋହ, ମମତା, କଳହ, ରୋଗାଦି ମଧ୍ୟ ବୃଦ୍ଧି ପାଇବ । ଆର୍ଯ୍ୟସଂସ୍କୃତିରେ 'ଅର୍ଥ' ଜୀବନର ଆବଶ୍ୟକତା ରୂପେ ସଦୁପାୟରେ ସମ୍ପାଦନ କରାଯାଉଥିଲା । ଆର୍ଯ୍ୟ ସଂସ୍କୃତିରେ 'ଅର୍ଥ' ଜୀବନର ଆବଶ୍ୟକତା ରୂପେ ପରିଗଣିତ ହେବାବେଳେ ତାହାକୁ ସଦୁପାୟରେ ସମ୍ପାଦନ କରାଯାଉଥିଲା ।

ଆର୍ଯ୍ୟଗଣ 'କାମ'କୁ ମଧ୍ୟ ଅର୍ଥପରି ଜୀବନ ପ୍ରଣାଳୀରେ ଆବଶ୍ୟକ ଅଙ୍ଗ ବୋଲି ବୁଝୁଥିଲେ । ଅଥର୍ବ ବେଦରେ କୁହାଯାଇଛି–'କାମୋ ଯଜ୍ଞେ ପ୍ରଥମଂ, ନୈନଂ ଦେବା ଆପୁଃ ପିତରୋ ନ ମର୍ତ୍ତ୍ୟାଃ, ତତସ୍ୱମସି ଜ୍ୟାୟାନ୍ ବିଶ୍ୱହା ମହାନ୍, ତସ୍ମୈ ତେ କାମ ନମ ଇତ୍ କୃଣୋମି'–'କାମ ସର୍ବପ୍ରଥମେ ଉତ୍ପନ୍ନ ହେଲା । ଦେବ–ପିତର–ମନୁଷ୍ୟ କେହି ଏହାର ଅନ୍ତ ପାଇଲେ ନାହିଁ । ଏହି କାମ ସଂସାରରେ ସବୁଠାରୁ ମହାନ୍ ଶତ୍ରୁ, ବିଶ୍ୱହା । 'ହେ କାମ ! ମୁଁ ତୁମକୁ ନମସ୍କାର କରେ ।' କାମର ପ୍ରବଳତା ବିଷୟ ଆର୍ଯ୍ୟଗଣ ଉପଲବ୍ଧି କରିଥିଲେ । ସେମାନେ ଏହା ମଧ୍ୟ ବୁଝିଥିଲେ ଯେ, କାମ ଶୃଙ୍ଖଳାଶୂନ୍ୟ ବା ସଂଯମହୀନ ହେଲେ ବ୍ୟକ୍ତି ଓ ସମାଜର ଘୋର ଅନିଷ୍ଟ କରିଥାଏ । ଧର୍ମପୂର୍ବକ ଅର୍ଥ ସମ୍ପାଦନ କରି ଧର୍ମପୂର୍ବକ କାମ ସେବନ ମଧ୍ୟ ଆର୍ଯ୍ୟ–ସଂସ୍କୃତିରେ ହିତକର । କାମକୁ ଜାଗ୍ରତ କରିବା, କାମନାକୁ ପ୍ରବଳ କରିବା, କାମୋତ୍ତେଜକ ଭୋଜନ–ବସନ– ଭୂଷଣ ଦର୍ଶନାଦିରେ ପ୍ରବୃତ୍ତ ହେବା– ଏହିସବୁ ଅଧର୍ମପୂର୍ବକ କାମ । ମହର୍ଷି ମନୁ ଯଥାର୍ଥ କହିଛନ୍ତି– 'ନ ଜାତୁ କାମଃ କାମାମୁପଭୋଗେନ ଶାମ୍ୟତି, ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ'– କାମନାକୁ ନିରନ୍ତର ଉତ୍ତେଜିତ କଲେ, ତାହା ଶାନ୍ତ ହୁଏ ନାହିଁ । ଆର୍ଯ୍ୟସଂସ୍କୃତିରେ ଅର୍ଥ ଓ କାମ ସଂଯମିତ ହେଉଥିଲା । ଧର୍ମ ନିର୍ଦ୍ଧାରିତ ଅର୍ଥ ଓ କାମଦ୍ୱାରା ବ୍ୟକ୍ତି, ସମାଜ, ରାଷ୍ଟ୍ର ସମସ୍ତଙ୍କର ମଙ୍ଗଳ ସାଧିତ ହୋଇପାରୁଥିଲା ।

ଚତୁଃସୂତ୍ରୀରେ ଥିବା 'ମୋକ୍ଷ'ର ସ୍ଥାନ ଅନ୍ତିମ । ପୂର୍ବରୁ ଆଲୋଚିତ ହୋଇଛି ଯେ ସୃଷ୍ଟି ବିକାଶକ୍ରମ ପ୍ରବୃତ୍ତିରୁ ନିବୃତ୍ତି ପ୍ରତି, ଭୋଗରୁ ତ୍ୟାଗ ପ୍ରତି ଗତି କରେ । ପ୍ରବୃତ୍ତି ମଧ୍ୟରୁ ଜୀବନର ପ୍ରାରମ୍ଭ, ପରନ୍ତୁ ଜୀବନ ବିକାଶ ନିବୃତ୍ତି ଦିଗକୁ ଅଗ୍ରସର ହୁଏ । ସଂକ୍ଷେପରେ ଏହି ଭାବକୁ ପ୍ରକାଶ କରିବା ପାଇଁ ଆର୍ଯ୍ୟସଂସ୍କୃତି 'ଧର୍ମ, ଅର୍ଥ, କାମ ଓ ମୋକ୍ଷ– ଏହି ଚାରି ଶବ୍ଦର ଆବିଷ୍କାର କରିଅଛି । ଜୀବନରେ 'ଅର୍ଥ' ଓ 'କାମ'ର ପ୍ରବୃତ୍ତିମୂଳକ, ଭୋଗମୂଳକ । ତାହାକୁ ଏହି ସଂସ୍କୃତିରେ 'ଅଭ୍ୟୁଦୟ' କୁହାଯାଇଛି । ପରନ୍ତୁ ଜୀବନର ଅନ୍ତ ନିବୃତ୍ତି ଓ ତ୍ୟାଗରେ । ଏଣୁ 'ଅର୍ଥ' ଓ 'କାମ'ର ସାର୍ଥକତା ମୋକ୍ଷରେ । ଏହାକୁ 'ନିଃଶ୍ରେୟସ' କୁହାଯାଇଛି । 'ଅଭ୍ୟୁଦୟ' ଓ 'ନିଃଶ୍ରେୟସ' ଜୀବନର ଦୁଇଟି ପକ୍ଷ । 'ମୋକ୍ଷ'ର ଅର୍ଥ ସବୁକିଛି ତ୍ୟାଗ କରିବା । 'ମୋକ୍ଷ'ର ତାତ୍ପର୍ଯ୍ୟ ଏଠାରେ 'ମୁକ୍ତି' ନୁହେଁ । 'ମୁକ୍ତି' ପ୍ରଶ୍ନ ମୃତ୍ୟୁ ପରେ ଉଠେ, ପରନ୍ତୁ ଜୀବିତାବସ୍ଥାରେ ଅର୍ଥ–କାମରୁ ଉଦ୍ଧାରେ ପାଇବା 'ମୋକ୍ଷ' । ଆର୍ଯ୍ୟସଂସ୍କୃତିରେ ଆଶ୍ରମ ବ୍ୟବସ୍ଥା ଉକ୍ତ ଦୃଷ୍ଟିରୁ ନିର୍ଦ୍ଧାରିତ ହୋଇଥିଲା । ଗୃହସ୍ଥାଶ୍ରମରେ 'ଅର୍ଥ' 'କାମ' ଅଥବା 'ଅଭ୍ୟୁଦୟ' ସମ୍ପାଦନ କରାଯାଉଥିଲା । 'ଅର୍ଥ'– 'କାମ'କୁ ତ୍ୟାଗ କରିବା ଅର୍ଥାତ୍ 'ମୋକ୍ଷ' ସମ୍ପାଦନ କରିବା ବାନପ୍ରସ୍ଥ ଓ ସନ୍ୟାସଶ୍ରମର ଲକ୍ଷ୍ୟ ଥିଲା । ଏହାହିଁ ନିଃଶ୍ରେୟସ । ଧର୍ମ–ଅର୍ଥ–କାମ–ମୋକ୍ଷର ମିଶ୍ରଣରେ ଅଭ୍ୟୁଦୟ ଓ ନିଃଶ୍ରେୟସ ସଂଗୃହୀତ ହେଉଥିଲା । ଏହିପରି ଜୀବନ ବ୍ୟାପକ ଭାବରେ ଗଠିତ ହେଉଥିଲା ।

# ପ୍ରାକୃତିକ ପରିବେଶ ଉପରେ ଯୁଦ୍ଧର ପ୍ରଭାବ!



ଅସିତ ମହାନ୍ତି

୧୦୦ ବର୍ଷରୁ ଅଧିକ ସମୟ ପୂର୍ବରୁ କବି ୱିଲଫ୍ରେଡ ଓଭେନ ପ୍ରଥମ ବିଶ୍ୱଯୁଦ୍ଧରେ ବ୍ରିଟିଶ ସୈନିକ ଭାବରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ରଚନା 'ଫ୍ୟୁଟିଲିଟି'ରେ ବୃଥା ଯୁଦ୍ଧ ବିଷୟରେ ଲେଖିଥିଲେ । ପ୍ରାୟତଃ ଆମେ ଭୁଲିଯାଉ ଯେ ଯୁଦ୍ଧର ପ୍ରଭାବ କେବଳ ମାନବ ଜୀବନରେ ସୀମିତ ନୁହେଁ, ଏହା ପ୍ରକୃତି ଏବଂ ସମୁଦାୟ ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଏହା ଅନୁମାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ନୁହେଁ ଯେ ଯୁଦ୍ଧ ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ପକାଇଥାଏ ଏବଂ ପ୍ରାକୃତିକ ପରିବେଶରେ ବିନାଶର ଚିହ୍ନ ଛାଡିଥାଏ, କିନ୍ତୁ ଯୁଦ୍ଧର ଏହି ଦିଗ ପ୍ରତି ବିଶ୍ୱ ଯେତିକି ଧ୍ୟାନ ଦେବା ଉଚିତ , ସେତିକି ଦେଉନାହିଁ ।

ଅତୀତ ଯୁଦ୍ଧର ଭୟାବହତା–ମାନବ ଇତିହାସରେ ଲିପିବଦ୍ଧ ହୋଇଥିବା ସବୁଠାରୁ ଭୟଙ୍କର ଘଟଣା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷରେ ହିରୋସୀମା ଏବଂ ନାଗାସାକିରେ ହୋଇଥିବା ବିସ୍ଫୋରଣକୁ ଅଣଦେଖା କରିବା ଅସମ୍ଭବ, ଯାହା ଏକ ପରିବେଶ ବିପର୍ଯ୍ୟୟ ସୃଷ୍ଟି କରିଥିଲା, ଯାହାକି ମାନବ ବୁଝିବାର ବାହାରେ । ପରମାଣୁ ବୋମାଗୁଡିକର ତାପମାତ୍ରା ୭୦୦୦ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଅଧିକ ଥିଲା । ଏହି ବିକିରଣ ହିରୋସୀମାରେ ଥିବା ସମସ୍ତ ଜୀବଜନ୍ତୁଙ୍କୁ ପ୍ରଜ୍ୱଳିତ କରିଥିଲା, ବିଶେଷତଃ ଭୂକମ୍ପର କେନ୍ଦ୍ରସ୍ଥଳର ୨ କିଲୋମିଟର ଦୂରତା ମଧ୍ୟରେ ଚେରି ଗଛ ଦ୍ୱାରା ଘେରି ରହିଥିବା ହିରୋସୀମା ଶାନ୍ତି ପାର୍କ ପରି ଉଦ୍ଭିଦ, ଏହା ସହିତ ଥିଲା ମାନବଙ୍କ ମୃତ୍ୟୁହାର । କିନ୍ତୁ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ବିନାଶ ଉପରେ କୌଣସି ସାଂଖ୍ୟିକ ତଥ୍ୟ ଦର୍ଶାଏ ନାହିଁ । ଏହି ତଥ୍ୟ ଦର୍ଶାଏ ଯେ ବନ୍ୟଜନ୍ତୁଙ୍କ ଉପରେ ଏହି ବିପର୍ଯ୍ୟୟର ପ୍ରଭାବକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ।

ଯଦି ଆମେ ଭିଏତନାମ ଯୁଦ୍ଧକୁ ଏକ ଉଦାହରଣ ଭାବରେ ଗ୍ରହଣ କରୁ, ତେବେ, ଅଧ୍ୟୟନ ଅନୁଯାୟୀ 'ଭିଏତନାମ: ଏକ ପ୍ରାକୃତିକ ଇତିହାସ' ଏହାର ପ୍ରଭାବ ଏକବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ରହିଲା । ଭିଏତନାମ ଗରିଲାମାନଙ୍କର ଜଙ୍ଗଲରେ ଲୁଚି ରହିଥିବା ସ୍ଥାନଗୁଡ଼ିକୁ ନଷ୍ଟ କରିବା ପାଇଁ ବହୁ ପରିମାଣର ଡିଫୋଲିଅଣ୍ଟ ବ୍ୟବହାର କରାଯାଇଥିଲା । ୧୯୬୧ରୁ ୧୯୭୧ ମଧ୍ୟରେ, ଆନୁମାନିକ ୯୦୦ ନିୟୁତ ଲିଟର ହରବାଇସିଡ୍, ଯାହା ମଧ୍ୟରୁ ସବୁଠାରୁ କ୍ଷତିକାରକ 'ଏଜେଣ୍ଟ ଆରେଞ୍ଜ' ଥିଲା, ଆମେରିକାର ସୈନ୍ୟବାହିନୀ ଦ୍ୱାରା ଜଙ୍ଗଲକୁ ନଷ୍ଟ କରିବା, ଫସଲ ନଷ୍ଟ କରିବା ଏବଂ ସୀମାରେ ଅଭିବୃଦ୍ଧି ସ୍ପଷ୍ଟ କରିବା ପାଇଁ ସ୍ପ୍ରେ କରାଯାଇଥିଲା । ଅଧିକନ୍ତୁ, ଯେହେତୁ ଫୋଲିଆର୍ କୀଟନାଶକ ପ୍ରାୟତଃ ଜଳପଥରେ ଘନୀଭୂତ ହେଉଥିଲା, ଏହା ନଦୀ କୂଳ ଏବଂ ଆର୍ଦ୍ରଭୂମି ଉଦ୍ଭିଦଗୁଡିକର ଦୀର୍ଘକାଳୀନ କ୍ଷତି ଘଟାଇବାର ସମ୍ଭାବନା ଥିଲା ।

ବୈଜ୍ଞାନିକମାନେ ଯୁଦ୍ଧର ଦଶନ୍ଧି ପରେ ମଧ୍ୟ ମଧୁର ଜଳ ପ୍ରାଣୀମାନଙ୍କରେ ଡାଇଅକ୍ସିନ, ଏକ କ୍ଷତିକାରକ ଯୌଗିକ ପାଇଲେ । ଡାଇଅକ୍ସିନ୍ ଭିଏତନାମ ପରିବେଶରେ ରହିଥାଏ, ମାଟିରେ ଅବସ୍ଥାନ କରେ ଏବଂ ଦୂଷିତ ଅଞ୍ଚଳରେ ଖାଉଥିବା ପଶୁ ଏବଂ ମାଛ ମାଧ୍ୟମରେ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରେ । ଲୋକମାନେ ମଧ୍ୟ ଗଲ୍ଫ ଯୁଦ୍ଧ କିମ୍ବା ଇରାକ ଦ୍ୱାରା କୁଏତ୍ ଉପରେ କୁଖ୍ୟାତ ଆକ୍ରମଣକୁ ମନେ ରଖିଥିବେ । ଯୁଦ୍ଧର ସବୁଠାରୁ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା ଯେତେବେଳେ ଏହା ସମାପ୍ତ ହେଲା ଏବଂ କୁଏତରୁ ପଳାୟନ କରୁଥିବା ଇରାକୀ ସୈନ୍ୟମାନେ ୬୩୦ଟି ତୈଳ କୂଅ ପୋଡି ଦେଇଥିଲେ, ଯାହା ପ୍ରାୟ ସାତ ମାସ ପର୍ଯ୍ୟନ୍ତ ଜଳି ଥିଲା ଏବଂ ତୈଳ ବ୍ୟାରେଲଗୁଡ଼ିକୁ ସମୁଦ୍ରରେ ଖାଲି କରି ଦେଇଥିଲା । ଖବର ଅନୁଯାୟୀ ଜଳଜନ୍ତୁ ଏବଂ ପକ୍ଷୀମାନଙ୍କ ସଂଖ୍ୟା ୧୦୦,୦୦୦ –୨୩୦,୦୦୦ ହ୍ରାସ ପାଇଥିବାବେଳେ ଆନୁମାନିକ ୧୦୦ ସ୍ତନ୍ୟପାୟୀ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା ।

ପୂର୍ବର ଏହି ସମସ୍ତ ଉଦାହରଣକୁ ବିଚାରକୁ ନେଲେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯୁଦ୍ଧ ପ୍ରକୃତି, ବନ୍ୟଜନ୍ତୁ ଏବଂ ପରିବେଶ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ । ଆମର ସାମ୍ନା କରିବାକୁ ଯଥେଷ୍ଟ ପରିବେଶ ସମସ୍ୟା ଅଛି, କିନ୍ତୁ ଯଦି ସଶସ୍ତ୍ର ବିବାଦ ଅନ୍ୟ ମୁଣ୍ଡବିନ୍ଧାରେ ପରିଣତ ହୁଏ, ତେବେ ଏହା ଆମର ପରିବେଶ ସଙ୍କଟକୁ ଆହୁରି ଖରାପ କରିବ । ପ୍ରାକୃତିକ ବାସସ୍ଥାନର ବ୍ୟାପକ ଧ୍ୱଂସ, ବନ୍ୟ ଉଦ୍ଭିଦ ନଷ୍ଟ ଏବଂ ସାମଗ୍ରିକ ବନ୍ୟଜନ୍ତୁ ମୃତ୍ୟୁ ଉପରେ ବିସ୍ତୃତ ପ୍ରଭାବ ପକାଇବ ।

ପ୍ରକୃତି ଏବଂ ବନ୍ୟଜନ୍ତୁ ଉପରେ ଯୁଦ୍ଧର ପ୍ରଭାବକୁ ଆମେ କିପରି ଗ୍ରହଣ କରୁ, ତାହା ଏହା ଦର୍ଶାଏ । ଦୀର୍ଘ ଦିନ ଧରି ପ୍ରାକୃତିକ ପରିବେଶ ଚୁପଚାପ୍ ଯନ୍ତ୍ରଣା ଭୋଗିଆସୁଛି ଏବଂ ଏଥିପାଇଁ କେହି ସ୍ୱର ଉତ୍ତୋଳନ କରୁନାହାଁନ୍ତି । କିନ୍ତୁ ବର୍ତ୍ତମାନ ଆମେ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ଜାଗ୍ରତ କରିଛୁ, ସେମାନଙ୍କୁ ଧ୍ୟାନରେ ରଖି ମିଳିତ ଜାତିସଂଘ ଯୁଦ୍ଧ ଏବଂ ସଶସ୍ତ୍ର ଦ୍ୱନ୍ଦ୍ୱରେ ପରିବେଶର ଶୋଷଣକୁ ରୋକିବା ପାଇଁ ଏକ ଅନ୍ତର୍ଜାତୀୟ ଦିବସ ସ୍ଥିର କରିଛି । ଲୋକଙ୍କୁ ଏହି ଦିନକୁ ଏକ ସୁଯୋଗ ଭାବରେ ବ୍ୟବହାର କରିବା ଉଚିତ । ଯୁଦ୍ଧର ପରିବେଶ ଉପରେ ଯାହା ପ୍ରଭାବ ରହିଛି, ତାହାକୁ ଅଣଦେଖା କରାଯାଇପାରିବ ନାହିଁ ।

ରୁଷ–ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ୍– ପାଲେଷ୍ଟାଇନ ବିବାଦର ପରିବେଶ ଉପରେ ବ୍ୟାପକ ପ୍ରଭାବ ପଡିଛି ଏବଂ ପ୍ରଭାବିତ ଅଞ୍ଚଳ ପାଇଁ ଏହାର ବ୍ୟାପକ ପରିଣାମ ରହିଛି । ରୁଷ– ୟୁକ୍ରେନ ଯୁଦ୍ଧ ମାମଲାରେ ଏହି ବିବାଦ ଯୋଗୁଁ ଶିଳ୍ପ ଭିତ୍ତିଭୂମି, ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଏବଂ ଜଳ ବିଶୋଧନାଗାର ସମେତ ଜଟିଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ଏହି କ୍ଷୟକ୍ଷତି ବାୟୁ ଏବଂ ଜଳ ପ୍ରଦୂଷଣ, ମୃତ୍ତିକାର ଅବକ୍ଷୟ ଏବଂ ପରିବେଶରେ ବିପଜ୍ଜନକ ରାସାୟନିକ ପଦାର୍ଥ ମୁକ୍ତ ହେବା ସହିତ ପରିବେଶ ପ୍ରଦୂଷଣର କାରଣ ହୋଇଛି ।

ଅଧିକନ୍ତୁ, ଯୁଦ୍ଧ ଅଗଣିତ ବାସିନ୍ଦାଙ୍କୁ ବିସ୍ଥାପିତ କରିଛି, ଯାହା ଦ୍ୱାରା ଉଭୟ ୟୁକ୍ରେନ ଏବଂ ରୁଷର ପ୍ରାକୃତିକ ସମ୍ପଦ ଏବଂ ଇକୋସିଷ୍ଟମ ଉପରେ ଚାପ ବଢିଛି । ଠିକ୍ ଏହି ସ୍ଥିତି ଇସ୍ରାଏଲ ଦ୍ୱାରା ପାଲେଷ୍ଟାଇନ ଉପରେ ଆକ୍ରମଣ ଦ୍ୱାରା ସୃଷ୍ଟି ହୋଇଛି । ଲୋକ, ଯାନବାହାନ ଏବଂ ସାମରିକ ଉପକରଣର ଗତିବିଧି ମଧ୍ୟ ମୃତ୍ତିକା କ୍ଷୟ, ଜଙ୍ଗଲ ନଷ୍ଟ ହେବା ଏବଂ ବନ୍ୟଜନ୍ତୁଙ୍କ ବାସସ୍ଥାନରେ ବ୍ୟାଘାତ ସୃଷ୍ଟି କରି ଏହି ଅଞ୍ଚଳର ପରିବେଶର ଅବନତିକୁ ଆହୁରି ବଢ଼ାଇ ଦେଇଛି । ଜାରି ରହିଥିବା ଇସ୍ରାଏଲ୍–ପାଲେଷ୍ଟାଇନ ବିବାଦର ମଧ୍ୟ ପରିବେଶର ଭୟଙ୍କର ପରିଣାମ ରହିଛି । ଏହି ଦ୍ୱନ୍ଦ୍ୱରେ ଘର, ବିଦ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନଷ୍ଟ ହୋଇ ବହୁ ପରିମାଣର ଆବର୍ଜନା ଏବଂ ବର୍ଜ୍ୟବସ୍ତୁ ସୃଷ୍ଟି କରିଛି ।

ବର୍ଜ୍ୟବସ୍ତୁ ଏବଂ ଅଳିଆ ଆବର୍ଜନାକୁ ନିଷ୍କାସନ କରିବା ଦ୍ୱାରା ଭୂମି, ବାୟୁ ଏବଂ ଜଳ ଉତ୍ସ ପ୍ରଦୂଷଣ ହୋଇ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିଛି । ଅଧିକନ୍ତୁ, ଅତ୍ୟାବଶ୍ୟକ ସେବା ଯଥା ବିଶୁଦ୍ଧ ଜଳ, ପରିମଳ ଏବଂ ସ୍ୱାସ୍ଥ୍ୟସେବା, ପରିବେଶ ତଥା ଜନସ୍ୱାସ୍ଥ୍ୟ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିଛି । ଏହି ବିବାଦ ପରିବେଶ ସଂରକ୍ଷଣ ପ୍ରୟାସ ଏବଂ ଏହି ଅଞ୍ଚଳର ନିରନ୍ତର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ, ପରିବେଶ ଆହ୍ୱାନକୁ ଆହୁରି ବଢ଼ାଇଦେଇଛି ଏବଂ ପରିବେଶ ତଥା ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଦୀର୍ଘମିଆଦି ପରିଣାମ ସୃଷ୍ଟି କରିଛି ।

ପରିଶେଷରେ, ରୁଷ–ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ–ପାଲେଷ୍ଟାଇନ ବିବାଦ ପରିବେଶ ପ୍ରଦୂଷଣ, ବାସସ୍ଥାନ ନଷ୍ଟ, ପ୍ରାକୃତିକ ସମ୍ପଦ ହ୍ରାସ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଭଳି ଆମ ଉପରେ ଗଭୀର ପ୍ରଭାବ ପକାଇଛି । ଏହି ପରିବେଶ ଆହ୍ୱାନର ମୁକାବିଲା ପାଇଁ ପ୍ରଭାବିତ ଅଞ୍ଚଳରେ ପରିବେଶ ସୁରକ୍ଷା, ନିରନ୍ତର ବିକାଶ ଏବଂ ମାନବିକ ସହାୟତା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟର ମିଳିତ ପ୍ରୟାସ ଆବଶ୍ୟକ ହେବ । ଯୁଦ୍ଧରୁ ମନୁଷ୍ୟ ସମାଜ ଏହି ସବୁ ପାଇଥାଏ, ଯାହା ଅକଳ୍ପନୀୟ । ସୁନ୍ଦର ପୃଥବୀର ପ୍ରାକୃତିକ ପରିବେଶ ଏବଂ ପ୍ରକୃତି ଦ୍ୱାରା ସମସ୍ତ ଜୀବ ଜଗତର ସୃଷ୍ଟି , କିନ୍ତୁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶମାନଙ୍କର ଲୋଭ ଏବଂ ଆଧିପତ୍ୟ ବିସ୍ତାର ପାଇଁ ସମ୍ପୂର୍ଣ୍ଣ ପ୍ରକୃତିକୁ ଧ୍ୱଂସ କରାଯାଉଛି । ଏହି ଧରାକୁ ସାଇତି ରଖିବା ସ୍ଥାନରେ ଆମେ ଆଜି ଅନ୍ୟ ଗ୍ରହରେ ବସତି ସ୍ଥାପନ ପାଇଁ ଚେଷ୍ଟା କରୁଛୁ, ଯେଉଁଠାରେ ବସତିର ହୁଏତ କୌଣସି ସମ୍ଭାବନା ନାହିଁ । ସମୟ ଆସିଛି ପ୍ରକୃତି ଏବଂ ଏହା ଦ୍ୱାରା ସୃଷ୍ଟି ହୋଇଥିବା ପରିବେଶକୁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଶକ୍ତିଠାରୁ ବଞ୍ଚାଇ ଏହାକୁ ସୁରକ୍ଷା ଦେବା । ଆଜି ପ୍ରକୃତି ମଧ୍ୟ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଶକ୍ତି କବଳରେ, ଏହାକୁ ଏହି ଶିକୁଳିରୁ ମୁକ୍ତ କରିବାକୁ ହେବ ।

**ସୁଜନପୁର, ଯାଜପୁର**
**ମୋ–୯୩୪୮୭୬୮୮୧୨**

# ଆତ୍ମିକ ଶାନ୍ତି : ଶାଶ୍ୱତ ସୁଖର ଚଲାପଥ



ଯତିଦାନନ୍ଦ ଦାଶ

ପାଠକେ, ଆପଣ ଦେଖିଥିବେ, ଅଧିକାଂଶ ଧନୀ ଓ କୋଟିପତି ବ୍ୟକ୍ତି ସବୁ ସମୟରେ ବ୍ୟସ୍ତତା ଓ ଚିନ୍ତିତ ଅବସ୍ଥାରେ ଅତିବାହିତ କରିଥାନ୍ତି । ଯେତେ ଧନ ସମ୍ପତ୍ତି ପାଖରେ ଥିଲେ ମଧ୍ୟ ଟଙ୍କା ପଇସା, ସୁନା ରୂପାର ମୋହ ଛାଡ଼ି ପାରନ୍ତି ନାହିଁ । ଫଳରେ ଧନୀ ବ୍ୟକ୍ତିମାନେ ଅନେକେ ସାଧାରଣତଃ ବିଭିନ୍ନ ପ୍ରକାର ଭୟଙ୍କର ରୋଗରେ ପୀଡ଼ିତ ହୋଇଥାନ୍ତି । ଏମାନଙ୍କର ମନ ଓ ହୃଦୟରେ ଆତ୍ମିକ ଶାନ୍ତି ବୋଲି କିଛି ପ୍ରାୟ ନ ଥାଏ । ଟଙ୍କା, ପଇସା ଓ ଧନର ହସାବ ସବୁ ସମୟରେ ରଖି ରଖି ଏମାନଙ୍କୁ ମାୟା ଓ ମୋହ ଗ୍ରାସ କରିନିଏ । କାରଣ ତାଙ୍କ ଆତ୍ମାରେ ସୁଖଶାନ୍ତି ବୋଲି କିଛି ନ ଥାଏ ।

ଉପରୋକ୍ତ ବ୍ୟକ୍ତିଙ୍କର ବିପରୀତ କ୍ରମେ ଦେଖିଲେ, ଲୁଣ, ପଖାଳ ଖାଉଥିବା ଲୋକ ଖୁବ୍ ସୁଖଶାନ୍ତିରେ ରହିପାରୁଛି । କର୍ମମୟ ଓ ଆତ୍ମିକ ଶାନ୍ତି ପ୍ରାପ୍ତ ଜୀବନ, ସେମାନଙ୍କ ମନକୁ ସୁଖମୟ କରେ । ମଣିଷ ଯେତେ ପୌଷ୍ଟିକ ଖାଦ୍ୟ ଖାଇଲେ ମଧ୍ୟ ଶାନ୍ତି ଓ ସୁଖ ବ୍ୟତିରେକ ଦେହ ଲାଗେ ନାହିଁ । ଆତ୍ମିକ ଶାନ୍ତି କହିଲେ ଆମେ ନିମ୍ନଲିଖିତ ପ୍ରକାରରେ ବୁଝିଥାଉ । ଯଥା ଆତ୍ମିକ ଶାନ୍ତି ହେଉଛି ଆତ୍ମସନ୍ତୋଷ, ସୁଖ ଓ ଶାନ୍ତିର ସମିଶ୍ରଣ, ଆତ୍ମିକ ଶାନ୍ତିର ପ୍ରଥମ ପାହାଚ ଆତ୍ମସନ୍ତୋଷ । ଆତ୍ମସନ୍ତୋଷରୁ ସୁଖର ଉତ୍ପତ୍ତି ହୋଇଥାଏ ଏବଂ ସୁଖର ଆଭାସରୁ ଶାନ୍ତିର ଭାବନା ମନରେ ଜାଗ୍ରତ ହୋଇଥାଏ । ତେଣୁ ଆତ୍ମିକ ଚିତ୍ର ବିନା ମଣିଷ ଜୀବନ ବିପନ୍ନ ହୋଇପଡ଼େ । ଏ ନେଇ ଟଲଷ୍ଟୟଙ୍କର ଏକ କାହାଣୀ ଉପସ୍ଥାପନା କରୁଛି । ଏକ ଜମିଦାର ନିକଟରେ ଜଣେ ଭୂମିହୀନ କୃଷକ କାମ କରୁଥିଲେ । ସେ କ୍ଷେତରେ ମୂଲ ଲାଗୁଥିଲେ ଈଶ୍ୱରଙ୍କ କୃପାରୁ ଯାହା ମିଳୁଥିଲା ସେଥିରେ ଖୁବ୍ ଆନନ୍ଦରେ ଚଳୁଥିଲେ । ଅକସ୍ମାତ ଦିନେ ଜମି ମାଲିକାଣୀ କିଛି ଜମି ବିକ୍ରିକଲେ । କୃଷକ ଜଣକ ଏଠୁ ସେଠୁ ଧାର କରଜ କରି ଜମି କିଣି ନେଲେ । ହେଲେ ସେହି ଦିନଠାରୁ ସେ ଆର୍ଥିକ ସମସ୍ୟାରେ ପଡ଼ିଲେ । ଦିନରାତି ତାଙ୍କୁ ଅର୍ଥ ଚିନ୍ତା ଲାଗି ରହିଲା । ଜମିରେ କେମିତି ଫସଲ ଉପୁଜିବ, ଜମିକୁ କେମିତି ଉର୍ବର କରାଯାଇପାରିବ, ଇତ୍ୟାଦିକୁ ନେଇ । ଏହିପରି ନାନା ପ୍ରକାର ଚିନ୍ତାର ଶିକାର ହୋଇ ରୋଗାଗ୍ରସ୍ତ ହୋଇପଡ଼ିଲେ । ଶେଷରେ ଏପରି ଲୋଭପାଇଁ ମୃତ୍ୟୁ ମୁଖରେ ପଡିଲେ ଏବଂ ନିଜର ସୁଖମୟ ଜୀବନକୁ ବାଜି ଲଗାଇ ଦେଲେ । ଏ ଥିଲା ଆତ୍ମିକ ଶାନ୍ତି ପ୍ରାପ୍ତ ନ ହେବାର ଫଳ ।

ଏଥର ବିଚାରକୁ ନେବା ଶାଶ୍ୱତ ସୁଖ କଣ ? ଏବଂ ଏହା କିପରି ଆତ୍ମିକ ସୁଖ ଦ୍ୱାରା ପ୍ରଭାବିତ ହୋଇଥାଏ । ଆମର ଉଦ୍ଦେଶ୍ୟ ନୁହେଁ କି ଜଣେ ବ୍ୟକ୍ତିବିଶେଷ ପ୍ରଗତି ନ କରନ୍ତୁ । ପ୍ରଗତି ଅବଶ୍ୟ କରନ୍ତୁ । ହେଲେ ଯାହା କିଛି ଜଣକ ପାଖରେ ନାହିଁ, ସେ ସବୁ ପାଇବାକୁ ଯାଇ ସେ ଦୁଃଖିତ ହେବା ଉଚିତ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ଭଗବାନ ଯାହା ଦେଇଛନ୍ତି, ତାହାହିଁ ଗ୍ରହଣ କରି, ଆମକୁ ସନ୍ତୁଷ୍ଟ ହେବା ଉଚିତ ।

ନିଜ ବର୍ତ୍ତମାନ ଉପରେ ଅପ୍ରସନ୍ନ ହୋଇ ଏହା ଉପରେ ଦୁଃଖ, ପ୍ରକଟ କରିବା ଉଚିତ ନୁହେଁ କି ଭବିଷ୍ୟତରେ ଆଶା ଓ ଆକାଂକ୍ଷା ନେଇ ଅତ୍ୟନ୍ତ ମର୍ମାହତ ହେବା ଉଚିତ ନୁହେଁ । ଆଉ ମଧ୍ୟ ଅତୀତର ସ୍ମୃତିକୁ ନେଇ ଝୁରିବା ମଧ୍ୟ ଉଚିତ ନୁହେଁ । ତେବେ ଯାଇ ଜଣେ ବ୍ୟକ୍ତି ଆତ୍ମିକ ଶାନ୍ତି ପାଇପାରିବ । ଯଦି ଆମେ ଆତ୍ମିକ ଶାନ୍ତିକୁ ହୃଦୟଭରି ଆପଣେଇ ପାରିବା, ତା' ହେଲେ ଆମେ ଶାଶ୍ୱତ ସୁଖ ପାଇ ପାରିବା । ତେବେ ଏଇ ଚଲାପଥ ଅଛି, ତାହା ଆତ୍ମିକ ଶାନ୍ତି ଓ ଶାଶ୍ୱତ ସୁଖ ମଧ୍ୟରେ ଧୀରେ ଧୀରେ ଆଶ୍ରୟ ନେଇ ଆତ୍ମିକ ଶାନ୍ତି ଶାଶ୍ୱତର ସୁଖରେ ପରିଣତ ହୋଇଥାଏ । ଯାହା ସମୟସାପେକ୍ଷ ଏବଂ କାଠିକର ପାଠ । ଏହି ଚଲାପଥରେ ରହିଛି ସତ୍‌ଚିନ୍ତା, ଭଗବତ ଚିନ୍ତା, ଗୁରୁଦୀକ୍ଷା, ଈଶ୍ୱର ପୂଜା ଆଧ୍ୟାତ୍ମିକତାର ଆଶ୍ରୟ ଇତ୍ୟାଦି । ବାସ୍ତୁବାଦୀତା ଦୃଷ୍ଟିକୋଣରୁ ଅନୁଶୀଳନ କଲେ ଜଣାଯାଏ ଯେ, ଆତ୍ମିକ ଶାନ୍ତିରୁ ଶାଶ୍ୱତ ସୁଖ ପାଇବା ନିମନ୍ତେ ଏକ ବ୍ୟକ୍ତି ଚରିତ୍ରବାନ, ପରୋପକାରୀ, ସାଂସ୍କାରିକ ଓ ସୃଜନଶୀଳ ହେବାକୁ ପଡ଼ିବ ।

ମୋଟାମୋଟି ଭାବେ ନିଜକୁ ସକରାତ୍ମକ ଚିନ୍ତାଧାରା ନେଇ ଚଳିବାକୁ ପଡ଼ିବ । ଲୋଭ ଲାଳସା ଆସିବା କଥା ଆସିବ, ମାତ୍ର ଆତ୍ମିକ ଶାନ୍ତିର ପ୍ରତୀକ ହୋଇ ଯଦି ବ୍ୟକ୍ତି ଉପରୋକ୍ତ ନକରାତ୍ମକ ଗୁଣଗୁଡ଼ିକ ପରିହାର କରି ଚିରନ୍ତନ ସୁଖ ଦିଗକୁ ଗତି କରେ, ତା' ହେଲେ ଶାଶ୍ୱତ ସୁଖ ବା ପରମାତ୍ମିକଙ୍କ ପରଶ ମିଳିବା ସୁନିଶ୍ଚିତ ।

**ମୋ–୯୯୩୮୧୮୧୩୨୦**

# ସ୍ୱାଦିଷ୍ଟ କଖାରୁ

ଆମ ନିତିଦିନିଆ ପରିବା ତାଲିକାରେ କଖାରୁ ଏକ ସ୍ୱାଦିଷ୍ଟ ପରିବା। ଓଡ଼ିଶାରେ ପ୍ରାୟତଃ ଏହି ପ୍ରିୟ ପରିବାଟି ଆମ୍ଭମାନଙ୍କର ବାଡ଼ି ବଗିଚାରେ ସ୍ଥାନ ନେଇଥାଏ । କଖାରୁ ଛୋଟ ବେଳୁ ଅର୍ଥାତ୍ କଷି ବେଳୁ ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । କଖାରୁ ଏକ ଏପରି ପାଟି ସୁଆଦିଆ ଲୋକପ୍ରିୟ ପରିବାଟି ଯେ ଏହା ତରକାରୀ ଠାରୁ ଡାଲମା ସବୁଥିରେ ଖୋଜା ପଡ଼ିଥାଏ । ବିଶେଷକରି ଏବେ ପୁଣ୍ୟ କାର୍ତ୍ତିକ ଚାଲିଥିବାରୁ, କାର୍ତ୍ତିକର ହବିଷ ଡାଲମାରେ କଖାରୁ ନ ପଡ଼ିଲେ ଡାଲମାଟି ଯେପରି ଅଧୁରା ରହିଯାଏ । କଖାରୁଟି ଏପରି ଏକ ପ୍ରିୟ ପରିବା ଏହା ପ୍ରାୟତଃ ଗ୍ରାହକର ପକେଟକୁ ବାଧି ନଥାଏ । ଅନେକ ନିଶ୍ଚିନ୍ତ ପୁରୁଣା କଖାରୁର ସ୍ୱାଦ ବେଶ ଭଲ ଭାବେ ଅନୁଭବ କରିଥିବେ । ନାଲି ରଙ୍ଗର ପୁରୁଣା କଖାରୁରେ ଓଉ, ସାରୁ, ମାଟିଆଳୁ ଓ ବଡୁରା ଯାଇଥିବା ନାଲି ସୋଲା ପକାଯାଇ ଯେଉଁ ସ୍ୱାଦିଷ୍ଟ ତରକାରୀଟି କରାଯାଏ, ତାହାର ସ୍ୱାଦ ଅନେକ ନେଇଥିବେ । କେବଳ କଖାରୁ ନୁହେଁ ଏହାର ପତ୍ର ଓ ଡଙ୍କ ମଧ୍ୟ ଏକ ପ୍ରିୟ ବ୍ୟଞ୍ଜନ ପ୍ରସ୍ତୁତିରେ ଲୋଡ଼ା ପଡ଼ିଥାଏ । ଏହି କଖାରୁର ଆଉ ଏକ ଆକର୍ଷଣୀୟ ଚିତ୍ର ହେଉଛି ଓଡ଼ିଶାର ଗାଁ ଗଣ୍ଡାରେ ଏହା ଲୋକମାନଙ୍କ କେବଳ ଚାଳ ଘର ଉପରେ ନୁହେଁ ଆଜିକାଲି କୋଠାଘର ଉପରେ ଖୋଲା ଛାତରେ ଲୋକମାନେ ମଧ୍ୟ ଏହାର ଚାଷ କଲେଣି । ପ୍ରତି ବର୍ଷ ଅକ୍ଟୋବର ୨୬ରେ ପାଳନ କରାଯାଏ କଖାରୁ ଦିବସ । ଏହାର ଉତ୍ପତ୍ତି ଆମେରିକାରୁ ।



ଏହାକୁ ଗ୍ରୀକ୍ ଭାଷାରେ କୁହାଯାଏ ପିପନ୍ । ଏହାର ଓଡ଼ିଆ ଭାଷାନ୍ତର ହେବ ବଡ଼ ତରଭୁଜ । ପିପନ୍‌କୁ ଫରାସୀମାନେ କହିଲେ ପମ୍ପନ୍, ବ୍ରିଟିସମାନେ ପମ୍ପିଅନ୍ । ଶେଷରେ ମାର୍କିନମାନେ କହିଲେ ପମ୍ପକିନ । ଅର୍ଥାତ୍ ପିପନ୍ କ୍ରମେ ପମ୍ପକିନ୍‌ରେ ପରିଣତ ହୋଇଛି । ଆର୍କଟିକା ଛଡ଼ା ବିଶ୍ୱର ଅନ୍ୟ ସମସ୍ତ ଅଞ୍ଚଳରେ ଏହା ଚାଷ କରାଯାଉଛି । କଖାରୁ ଉତ୍ପାଦନରେ ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱରେ ପ୍ରଥମ । ସେଠାରେ ବାର୍ଷିକ ଶହେ ପଚାଶ କୋଟି ପାଉଣ୍ଡରୁ ଅଧିକ ଓଜନର କଖାରୁ ଅମଳ ହୁଏ । ସବୁଠାରୁ ଅଧିକ ହୁଏ ଇଲିନୋଇସରେ। ଇଲିନୋଇସର ମର୍ଟନକୁ ବିଶ୍ୱର କଖାରୁ ରାଜଧାନୀ କୁହାଯାଏ ।

ଆମେରିକାର ଅଶୀ ପ୍ରତିଶତ କଖାରୁ ଅକ୍ଟୋବରରେ ହିଁ ଅମଳ ହୁଏ । ୨୦୧୬ ଅକ୍ଟୋବରରେ ଜର୍ମାନିରେ ୨୬୦୦ ପାଉଣ୍ଡ ଓଜନର କଖାରୁଟିଏ ଫଳିଥିଲା । ଗିନିଜ୍ ବୁକ୍ ଅନୁଯାୟୀ ସେଇଟି ଅଦ୍ୟାବଧି ବିଶ୍ୱରେ ବୃହତ୍ତମ । କଖାରୁର ଆକାର ସହ ତା' ଭିତରେ ଥିବା ମଞ୍ଜିର ସମ୍ପର୍କ ନାହିଁ । କଖାରୁ ଛୋଟ ହେଉ ବା ବଡ଼ ପ୍ରତିଟିରେ ପ୍ରାୟ ପାଞ୍ଚଶହ ମଞ୍ଜି ଥାଏ । ବିଶ୍ୱରେ ମୋଟ ପଞ୍ଚଚାଳିଶ ପ୍ରକାରର କଖାରୁ ମିଳେ । ରଙ୍ଗ ମୁଖ୍ୟତଃ ହଳଦିଆ, ଲାଲ ଓ ସବୁଜ । କେତେକର ନାମ ଅତି ବିଚିତ୍ର ଯଥା– ହୁଲିଗାନ, କଟନ କ୍ୟାଣ୍ଡି, ଅରେଞ୍ଜ ସ୍ମୁଥି । କଖାରୁର ନବେ ପ୍ରତିଶତ ଜଳ । ତେଣୁ ଖାଇଲେ ବିଶେଷ କ୍ୟାଲୋରି ମିଳେନାହିଁ । ଏହାକୁ ପରିବା ଭାବେ ଗଣାଯାଉଥିଲେ ହେଁ, ଏହା ଏକ ଫଳ । କଖାରୁ ଗଛର ପତ୍ର, ଫୁଲ, ଫଳ, କାଣ୍ଡ ସବୁ ମଣିଷର ଖାଦ୍ୟ । ଆମ୍ଭମାନଙ୍କ ଖାଦ୍ୟ ତାଲିକାରେ ଏହି ପ୍ରିୟ ଓ ଶସ୍ତା ତଥା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ସୁନ୍ଦର ପରିବାଟି ପ୍ରତି ଆଗ୍ରହ ସମସ୍ତଙ୍କର ବଢ଼ିଲେ, କଖାରୁ ଦିବସର ତାତ୍ପର୍ଯ୍ୟର ମହତ୍ତ୍ୱ ରହିବ ।

**ବିପିନ ବିହାରୀ ରାଉତ,**
**ଶ୍ରୀବିହାର କଲୋନୀ, କଟକ,**
**ମୋ–୯୪୩୭୬୬୬୪୫୩**

# ଶୋକରୁ ମୁକ୍ତି

ଅନେକ ସମୟରେ ଆମେ ଆମ ନିତିଦିନିଆ ଜୀବନରେ କୌଣସି ସମସ୍ୟା, ଦୁର୍ଘଟଣା ବା ଶୋକଜନିତ ଅଘଟଣକୁ ନେଇ ମ୍ରିୟମାଣ ହୋଇଯାଉ । କିଛି କ୍ଷଣ ପାଇଁ ଆମକୁ ଦୁନିଆଟା ଖାପଛଡ଼ା ଲାଗେ । କିନ୍ତୁ ନିତିଦିନିଆ ଜୀବନର ଚକ୍ର ଯେ ଭଗବାନଙ୍କ ଇଛାରେ ସଂଗଠିତ ହେଉଛି ଏବଂ ଆମେ କେବଳ ଜଣେ ଜଣେ କର୍ମବାଦୀ ଏହାକୁ ଭୁଲି ଯାଇଥାଉ । ଏହି ମର୍ମରେ ଅନେକ ଦିନ ତଳର ଏକ ଆଧ୍ୟାତ୍ମିକ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ । ଜଣେ ପରୋପକାରୀ ଡାକ୍ତର ଥିଲେ । ତାଙ୍କର ଅନେକ ଭଲ ଗୁଣ ଥିଲା । ଚିକିତ୍ସାଳୟଟିଏ ଖୋଲି ରୋଗୀଙ୍କୁ ମାଗଣାରେ ସେବା କରୁଥିଲେ । ଉଦ୍ଦେଶ୍ୟ ଥିଲା ଚିକିତ୍ସା ସୁବିଧା ଅଭାବରୁ କୌଣସି ଗରିବ ଲୋକର ମରଣ ନ ହେଉ । ସବୁ କିଛି ଠିକ୍ ଚାଲିଥିଲା । ଦିନେ ହଠାତ୍ ଡାକ୍ତର ଖବର ପାଇଲେ, ତାଙ୍କର ଏକମାତ୍ର ପୁଅର ମୃତ୍ୟୁ ଘଟିଛି । ସେତେବେଳେ ଚିକିତ୍ସାଳୟରେ ଥିଲେ । ସବୁ ଶୁଣିଲେ, ମାତ୍ର ରୋଗୀ ସେବା ବନ୍ଦ କଲେନାହିଁ । କାମ ସାରି ଘରକୁ ଗଲେ, ଶବ ସତ୍କାର ପରେ ଫେରିଲେ । ପୁଣି ରୋଗୀସେବାରେ ମନ ଦେଲେ ।

ପୁତ୍ରହରା ଶୋକ ତାଙ୍କ ମୁହଁରେ ଥିବା ଭଳି ଲାଗୁ ନ ଥିଲା । ହସି ହସି ରୋଗୀମାନଙ୍କୁ ଆଶ୍ୱାସନା ଦେଉଥିଲେ । ଏହି ସମୟରେ କେହି ଜଣେ ତାଙ୍କୁ ପଚାରିଲେ, ଆଜ୍ଞା, ଘରୁ ଏତେ ଶୀଘ୍ର ଚାଲିଆସିଲେ ? ଡାକ୍ତରଙ୍କ ଉତ୍ତର ଥିଲା ସଂକ୍ଷିପ୍ତ ଅଥଚ ଶିକ୍ଷଣୀୟ । ସେ କହିଲେ, 'ମୋ ପୁଅ ଏ ଦୁନିଆରେ ଆଉ ନାହିଁ । ତାକୁ ସାହାଯ୍ୟ ସହଯୋଗ କରିବା ମୋ ପକ୍ଷେ ଅସମ୍ଭବ । କିନ୍ତୁ ଏଠାରେ ଚିକିତ୍ସିତ ହେଉଥିବା ଏବଂ ଚିକିତ୍ସା ଅପେକ୍ଷାରେ ଥିବା ରୋଗୀମାନଙ୍କୁ ତ ସାହାଯ୍ୟ କରିପାରିବି । ଏମାନଙ୍କ ପାଇଁ କିଛି କରିପାରିବାର ସୁଯୋଗ ଏବେ ମୋ' ହାତରେ ଅଛି । ଅଧୀର ହେଲେ, ରୋଗୀସେବାରେ ବାଧା ଆସିବ । ପ୍ରଶ୍ନକର୍ତ୍ତା ଡାକ୍ତରଙ୍କ ମହାନତା ବୁଝିଲେ । ଦୁଃଖ କିମ୍ବା ଶୋକ ସମୟରେ ଅଧୀର ହୁଅନାହିଁ । ନିଜର କର୍ତ୍ତବ୍ୟ କର୍ମକୁ ଗୁରୁତ୍ୱ ଦିଅ । ନିଜ ଉପରେ ନିୟନ୍ତ୍ରଣ ରଖ । ।

**ଦେବଦତ୍ତ ବିଶ୍ୱାଳ**
**ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,**
**ମୋ–୯୮୬୧୯୪୪୫୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ବଳ...

ଭିତରକନିକା ଜଙ୍ଗଲରେ ପ୍ରଳୟ କରିଥିଲା । ଏହାପରେ ଜନବସତିକୁ ପ୍ରବେଶ କରି ତାର କାୟା ବିସ୍ତାର କରିଥିଲା । ଏହା ପ୍ରଭାବରେ ବୁଧବାର, ଗୁରୁବାର ଓ ଶୁକ୍ରବାର ତିନିଦିନ ଧରି ବର୍ଷା ଓ ପବନ ଲାଗି ରହିଥିଲା । ଏହା ପ୍ରଭାବରେ ରାଜନଗର ଅଞ୍ଚଳର ପଞ୍ଚାୟତ ଗୁଡିକରେ କ୍ଷୟକ୍ଷତି ହୋଇଛି । ବିଭିନ୍ନ ସ୍ଥାନରେ ପବନ ଯୋଗୁ ହଜାର ହଜାର ଗଛ ଉପୁଡି ପଡିଥିବା ବେଳେ ଶତାଧିକ କଚ୍ଚା ଓ ଆଜବେଷ୍ଟସ ଘର ଭାଙ୍ଗି ଯାଇଛି । ଫଳରେ ଯାତାୟତ କିଛି ମାତ୍ରାରେ ଠପ ହୋଇଯାଇଥିଲା ।

ବାତ୍ୟା 'ଦାନା' ଭିତରକନିକା ଜାତୀୟ ଉଦ୍ୟାନର ପର୍ଯ୍ୟଟନସ୍ଥଳୀ ହବାଲିଖଟି ନିକଟରେ ସ୍ଥଳଭାଗ ଛୁଇଁବା ପରେ ହଠାତ ପବନର ଗତି ବଢିବା ସହିତ ବର୍ଷା ଏବଂ ସମୁଦ୍ରରୁ ଜୁଆର ଉଠିଥିଲା । ତାଳଚୁଆ ବଜାରରେ ଜୁଆର ପାଣି ପଶିଥିବା ବେଳେ ଗଙ୍ଗାମାତା ମନ୍ଦିରକୁ ଜୁଆର ପାଣି ଘେରି ରହିଛି । ବାତ୍ୟା ପ୍ରଭାବରେ ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରେ ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗି ପଡିଛି । ରାଜନଗର-ତାଳଚୁଆ, ରାଜନଗର-ଗୁପ୍ତି, ଡାଙ୍ଗମାଳ- ଡାଲଖାଇ, ଟିକାୟତନଗର-ଶୈଳେନ୍ଦ୍ରନଗର, ଡାଲଖାଇ-ରଙ୍ଗଣୀ, ଗଦାଧରପୁର ରାସ୍ତା ସମେତ ସବୁ ରାସ୍ତାର ରାସ୍ତାକଡରେ ଥିବା ହଜାର ହଜାର ସଂଖ୍ୟାରେ ଗଛ ଭାଙ୍ଗି ପଡିଥିଲା । ତାଳଚୁଆ, ବାଘମାରି, କେରୁଆଁପାଳ, ରଙ୍ଗଣୀ, ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ଇଶ୍ୱରପୁର, ଗୁପ୍ତି, ହାତିନା, ପ୍ରଭୃତି ପଞ୍ଚାୟତରେ ଗଛ ଭାଙ୍ଗିଥିବା ବେଳେ ଅନ୍ୟ ପଞ୍ଚାୟତଗୁଡିକରେ ମଧ୍ୟ ଗଛ ଭାଙ୍ଗିଛି । ଗଛ ପଡି ତାଳଚୁଆ ବଜାରରେ ଥିବା ପୂର୍ଣ୍ଣ ମାଇତିଙ୍କ ତେଜରାତି ଦୋକାନ, ବାପି ବାରିକଙ୍କ ସେଲୁନ ମାଟିରେ ମିଶିଛି । ଏହି ବାତ୍ୟାରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗାଁର ହେମାଳିଲତା ବେହେରା (୮୦ବର୍ଷ)ଙ୍କର ମୃତ୍ୟୁ ଘଟିଥିଲା । ସେହିପରି ବାଲିସାହିପାଟଣା ପଞ୍ଚାୟତ ମଧୁପୁର ଗାଁର ହରେକୃଷ୍ଣ ରାଉତ (୭୨ବର୍ଷ) ଓ ସାନବଗୋପାଳପୁର କିଆଯୋରୀ ଗାଁର ବଳରାମ ସ୍ୱାଇଁ (୭୫ବର୍ଷ)ଙ୍କର ମୃତ୍ୟୁ ଘଟିଛି । ଆଜି ଭୋରରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ରାଜନଗର ବ୍ଲକ ସାତଭାୟାର ୫୭୧ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି । ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବଗପାଟିଆ, ହାତିନା, ଦେବେନ୍ଦ୍ରନାରାୟଣପୁର, କୃଷ୍ଣପ୍ରିୟାପୁର, ଜୁଣଗଡି ଆଦି ବାତ୍ୟା ଆଶ୍ରୟସ୍ଥଳୀରେ ପହଁଞ୍ଚି ବିପନ୍ନଙ୍କ ସହ ଆଲୋଚନା କରିଥିଲେ ।

## ଆଜି...

କନକ ବର୍ଦ୍ଧନ ସିଂହଦେଓ, ଶକ୍ତି ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ପୁନରୁଦ୍ଧାର କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହି ନିର୍ଦ୍ଧାରିତ ସମୟ ସୀମାରେ କାର୍ଯ୍ୟ ସାରିବାକୁ କର୍ମଚାରୀ ଓ ଜନସାଧାରଣଙ୍କ ମନବଳକୁ ବୃଦ୍ଧି କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କ୍ଷେତ୍ର କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରି ବିଦ୍ୟୁତ୍ ସରବରାହକୁ ପୁନଃ ସ୍ଥାପନ କରିବାରେ ଲାଗିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାରମ୍ଭିକ ଆକଳନରୁ ୧.୭୫ ହଜାର ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି ।

## ଗୁରୁଚାପ...

ବଙ୍ଗୋପସାଗରରେ ଅନୁକୂଳ ପରିବେଶରେ ଥିଲା । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଥିଲା । ଏହା ପରେ ଯେତେବେଳେ ପଶ୍ଚିମ ବଙ୍ଗୋପସାଗରକୁ ଆସିଲା ସେତେବେଳେ ବିପରୀତ ଏବଂ ପ୍ରତିକୂଳ ପରିବଶର ସାମ୍ନା କରିବାକୁ ପଡିଥିଲା । ଏହି ସମୟରେ ପଶ୍ଚିମରେ ସୃଷ୍ଟି ହୋଇଥିବା ଗୁରୁଚାପ କ୍ଷେତ୍ର ଯୋଗୁ ଉତ୍ତର ପଶ୍ଚିମ ବାୟୁ ଏହା ମଧ୍ୟକୁ ପ୍ରବେଶ କରିଥିଲା ।

ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ଓ ଗରମ ବାୟୁ ପ୍ରବେଶ କରିବା ଫଳରେ ଶେଷ ୨୪ ଘଣ୍ଟ ଧରି ଏହା ଦୁର୍ବଳ ହେବାରେ ଲାଗିଥିଲା । ସେହିଭଳି ପୂର୍ବ ଦିଗରେ ମିଆଁମାର ପଟୁ ସୃଷ୍ଟି ହୋଇଥିବା ଗୁରୁଚାପ କ୍ଷେତ୍ର ମଧ୍ୟ ଏହାର ଗତିପଥରେ ବାଧା ସୃଷ୍ଟି କରିଥିଲା । ଫଳରେ ଦୁଇ ଗୁରୁଚାପ ମଧ୍ୟରେ ଚାପି ହୋଇଯାଇଥିଲା ପଶ୍ଚିମ ବଙ୍ଗୋପସାଗରରେ ଉପକୂଳ ମୁହାଁ ହେଉଥିବା ବାତ୍ୟା ଦାନା । ତେଣୁ ସ୍ଥଳଭାଗକୁ ଏହା ଶକ୍ତିଶାଳୀ ହୋଇ ପ୍ରବେଶ କରିପାରିଲାନି । ବାତ୍ୟା ମଧ୍ୟ ସଠିକ ଭାବେ ସଙ୍ଗଠିତ ହୋଇପାରିଲାନି । ଫଳରେ ସମ୍ଭବତଃ ଏହାର ପ୍ରକୋପ କମିବା ସହ ବର୍ଷାର ବିସ୍ତୃତି ମଧ୍ୟ ହ୍ରାସ ପାଇଥିଲା । ଏଥିପାଇଁ ବାତ୍ୟା 'ଦାନାର ଲ୍ୟାଣ୍ଡଫଲ ପ୍ରକ୍ରିୟା ଟିକିଏ ବିଳମ୍ବ ହୋଇଥିଲା ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ, ଆମ ପୂର୍ବାନୁମାନ ପ୍ରାୟତଃ ଠିକ୍ ରହିଛି । ବାତ୍ୟା କେଉଁଠି ଲ୍ୟାଣ୍ଡଫଲ୍ କରିବ, ସେତେବେଳେ ପବନର ବେଗ କେତେ ରହିବ ସେନେଇ ଆମ ଆକଳନ ଠିକ୍ ରହିଛି । ମାତ୍ର ଦୁଇଟି ଗୁରୁଚାପ ବଳୟ ମଧ୍ୟରେ ଚାପି ହୋଇଯିବା ଯୋଗୁ ଏହା ଶକ୍ତିଶାଳୀ ହୋଇପାରିଲାନି । ଫଳରେ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଅଧିକ ସମୟ ଚାଲିଲା । ଏଥିସହ କେବଳ ଲ୍ୟାଣ୍ଡଫଲ୍ କରିବା ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳରେ ବର୍ଷାର ପରିମାଣ କମ୍ ରହିଲା ।

ମୁଖ୍ୟତଃ ବାତ୍ୟା ଶକ୍ତିଶାଳୀ ହେଲେ ହିଁ ତାହାର ଆଖି ଦୃଶ୍ୟମାନ ହୋଇଥାଏ । ମାତ୍ର 'ଦାନା' ଦୁର୍ବଳ ହୋଇ ପଡ଼ିବାରୁ ତାହାର ଆଖି ବାହାରି ନଥିଲା । ଦୁର୍ବଳ ବାତ୍ୟା ସମ୍ପର୍କରେ ପୁର୍ବାନୁମାନ କରିବା ଅଧିକ କଷ୍ଟକର ବୋଲି ସେ କହିଛନ୍ତି । ସଦ୍ୟ ରିପୋର୍ଟ ଅନୁଯାୟୀ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ୧୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବା ବେଳେ ଅନ୍ୟ କେଉଁ ସ୍ଥାନରେ କାଁଭାଁ ବର୍ଷା ହୋଇଥିବା ଜଣାଯାଇଛି । ମୁଖ୍ୟତଃ ବାତ୍ୟାଟି ଦୁର୍ବଳ ହୋଇପଡ଼ିବାରୁ ଏହାର କେନ୍ଦ୍ରସ୍ଥଳ ଆଖପାଖ ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନରେ ବର୍ଷା ହୋଇ ନଥିବା ପାଣିପାଗ ବିଜ୍ଞାନୀ ଶ୍ରୀ ଦାସ କହିଛନ୍ତି ।

## ବାତ୍ୟା...

ପୁନରୁଦ୍ଧାର କାର୍ଯ୍ୟ ଉପରେ ସୂଚନା ଦେଇ ସେ କହିଲେ ଯେ ତଥ୍ୟ ଅନୁଯାୟୀ ସବୁ ପ୍ରମୁଖ ରାସ୍ତା ଗୁଡିକ ଅବରୋଧ ହଟାଯାଇ ଗମନାଗମନ ଉପଯୋଗୀ କରାଯାଇଅଛି । ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପ୍ରକ୍ରିୟା ଜାରି ରହିଛି ଛ ସମୁଦାୟ ୨୨.୪୩ ଲକ୍ଷ ଘରେ ବିଜୁଳି ବାଧାପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୧୪.୮୦ ଲକ୍ଷ ଘରକୁ ଆଜି ସନ୍ଧ୍ୟା ୬ ଟା ସୁଦ୍ଧା ବିଜୁଳି ଯୋଗାଣ କରାଯାଇସାରିଛି ।

ଏବେ ମଧ୍ୟ ବିଦ୍ୟୁ ବ୍ୟବସ୍ଥା ପୁନକ୍ଷମ କାର୍ଯ୍ୟ ଚାଲୁରହିଛି । ଯେଉଁ ଅଞ୍ଚଳରେ ବର୍ଷା ଲାଗି ରହିଛି ସେଠାରେ ପୁନରୁଦ୍ଧାର କରିବା ପାଇଁ ଆଉ କିଛି ସମୟ ଲାଗିବ । ଶକ୍ତି ବିଭାଗ ପ୍ରମୁଖ ସଚିବ କେନ୍ଦ୍ରାପଡ଼ା ଓ ଭଦ୍ରକରେ ଉପସ୍ଥିତ ରହି ପୁନରୁଦ୍ଧାର କାମ ତଦାରଖ କରି କାମ ତ୍ୱରାନ୍ୱିତ କରୁଛନ୍ତି ବୋଲି ସେ କହିଥିଲେ । ଆସନ୍ତା କାଲି ଅପରାହ୍ନ ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହେଇଯିବ ବୋଲି ସେ କହିଥିଲେ ।

କୃଷି କ୍ଷେତ୍ରରେ ପ୍ରାରମ୍ଭିକ ଆକଳନରୁ ଜଣାଯାଇଛି ଯେ ୧.୭୫ ଲକ୍ଷ ଏକର ଚାଷ ଜମିରେ ଫସଲ କ୍ଷୟକ୍ଷତି ହୋଇଛି । ସଂପୂର୍ଣ୍ଣ ତଥ୍ୟ ମିଳିବା ପରେ କ୍ଷତିପୂରଣ ମଧ୍ୟ ଦିଆଯିବ । ଘରଭଙ୍ଗା ରିପୋର୍ଟ ମଧ୍ୟ ଖୁବ୍ ଶୀଘ୍ର ଆସିଯିବ । ଫସଲ କ୍ଷତି ଏବଂ ଘରଭଙ୍ଗା ପାଇଁ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଗୁଡିକ ଠିକ୍ ଚାଲିଛି ସବୁ ଆଶ୍ରୟସ୍ଥଳରେ ମେଡିକାଲ୍ ଟିମ୍ ଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ଡାକ୍ତରଖାନା ଓ ମା ଗୃହ ଗୁଡିକରେ ପ୍ରାୟ ୨୨୦୦ ନବଜାତ ଶିଶୁ ଜନ୍ମ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮ ଟି ହେଉଛନ୍ତି ଜାଆଁଳା ଶିଶୁ । ସବୁ ସ୍ଥାନରେ ମା ଓ ଶିଶୁମାନେ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି । ଯେଉଁ ଜାଗାରେ ପାଣି ଜମି ରହିଛି, ଲୋକଙ୍କ ଘର ଭାଙ୍ଗିଛି, ସେଠାରେ ଲୋକମାନେ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଆଶ୍ରୟ ସ୍ଥଳରେ ରହିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆବଶ୍ୟକତା ଅନୁଯାୟୀ ଆଶ୍ରୟସ୍ଥଳୀ ଗୁଡିକରେ ସାତ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ଅଧିକୃତ କରାଯାଇଛି ବୋଲି ସେ କହିଥିଲେ । ପୋଲିସ୍ ଫୋର୍ସ ମଧ୍ୟ ସବୁ ଜାଗାରେ ମୁତୟନ ଅଛନ୍ତି । ସମୁଦାୟ ୧୫୮ ପ୍ଲାଟୁନ୍ ଫୋର୍ସ ନିୟୋଜିତ ଅଛନ୍ତି । ଲୋକଙ୍କୁ ନେବା ଆଣିବାରେ ପୋଲିସ୍ ସହାୟତା ଯୋଗାଇଦେଉଛି । ଆଶ୍ରୟସ୍ଥଳୀ ଗୁଡିକୁ ସୁରକ୍ଷା ଯୋଗାଇଦେଉଛନ୍ତି । ପୋଲିସ ବାହିନୀର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନେ ଭଲ କାମ କରିଛନ୍ତି । ସହାନୁଭୂତିଶିଳ ହୋଇ କାମ କରୁଛନ୍ତି । ଲୋକମାନେ ପୋଲିସର ମାନବୀୟ ରୂପ ଦେଖିବାକୁ ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପୁଣି...

ମିଳିବା ପରେ ବିମାନ ସେବା ପ୍ରଭାବିତ ହୋଇଛି । ଦିନକ ପୂର୍ବରୁ ୯୫ ବିମାନକୁ ଏଭଳି ଧମକ ମିଳିଥିଲା । ଆଲାଏନ୍ସ ଏୟାର, ଆକାଶ ଏୟାର ମଧ୍ୟ ଏଭଳି ଧମକପୂର୍ଣ୍ଣ କଲ୍ ପାଇଥିଲେ । ୯ ଦିନରେ ୨୦୦ ବିମାନ ସେବା ଯୋଗାଉଥିବା ଭାରତୀୟ କମ୍ପାନୀକୁ ଏଭଳି ବୋମା ଧମକ ମିଳିଲାଣି । ବିଶେଷକରି ସୋସିଆଲ ମିଡିଆରେ ଏହା ଦେଖିବାକୁ ମିଳୁଛି । ଫଳରେ ସେମାନେ ବାଧହୋଇ ଆନ୍ତର୍ଜାତୀୟ ବିମାନଗୁଡିକର ଗତିପଥକୁ ପରିବର୍ତ୍ତନ କରୁଛନ୍ତି । ଗୁରୁବାର ସରକାର ସୋସିଆଲ ମିଡିଆ କମ୍ପାନୀ ମେଟା ଓ ଏକ୍ସକୁ ଏଭଳି ମିଛ କଲ୍‌ର ତଥ୍ୟ ସେୟାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ମେସେଜ୍‌ଗୁଡ଼ିକ ସେମାନଙ୍କ ପ୍ଲାଟ୍‌ଫର୍ମରେ କେତେକ ନିର୍ଦ୍ଦିଷ୍ଟ ଏୟାର ଲାଇନ୍ସକୁ ଟାର୍ଗେଟ କରାଯାଉଛି ସେମାନଙ୍କୁ ତଥ୍ୟ ଦେବାସହ ସହଯୋଗ କରିବାକୁ ସରକାର କହିଛନ୍ତି । ସରକାର ମଧ୍ୟ ଉନ୍ନତ ସମ୍ପନ୍ନ ଜାତୀୟ ବୈଷୟିକ ଜ୍ଞାନକୌଶଳ ସହ ଏହି ମିଛ କଲ୍ କରୁଥିବା ଲୋକଙ୍କୁ ଚିହ୍ନଟ କରିବାକୁ ସହଯୋଗ କରିବା ଲାଗି କହିଛନ୍ତି । ଫଳରେ ଏଥିରେ ଜନସାଧାରଣଙ୍କ ସ୍ୱାର୍ଥ ଜଡିତ ରହିଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସରକାର ଏହି ମିଛ କଲ୍ ପଛରେ ଥିବା ଲୋକଙ୍କୁ ଚିହ୍ନଟ କରିଛନ୍ତି ଓ ସେମାନେ କାହିଁକି କେତେକ ନିର୍ଦ୍ଦିଷ୍ଟ ଏୟାରଲାଇନ୍ସକୁ ଟାର୍ଗେଟ କରୁଛନ୍ତି ତାହାର ଖୋଳତାଡ ଚାଲିଛି । ଏହା ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେଉଁମାନେ ଏହା ପଛରେ ଅଛନ୍ତି ତାହାର ମଧ୍ୟ ଖୋଳତାଡ ଚାଲିଛି ।

## ଏଲ୍‌ଏସିରେ...

ଉତ୍ତେଜନା ସ୍ଥିତି ଲାଗି ରହିଥିଲା । ଗତବର୍ଷ ଅଗଷ୍ଟରେ ଦିଲ୍ଲୀରୁ ପ୍ରାୟ ୭୦ ହଜାର ସୈନିକଙ୍କୁ ଏୟାରଲିଫ୍ଟ କରାଯାଇ ସେଠାକୁ ନିଆଯାଇଥିଲା । ୯୦ ଟ୍ୟାଙ୍କ ଓ ୧୦୦ରୁ ଉର୍ଦ୍ଧ୍ୱ କ୍ଷେପଣାସ୍ତ୍ର ବିରୋଧୀ ଗାଡି ଏବଂ ସୁଖୋଇ ଓ ଜାଗୁଆର ବିମାନ ମଧ୍ୟ ପୂର୍ବ ଲଦାଖରେ ମୁତୟନ ହୋଇଥିଲା । ଚୀନ୍ ପକ୍ଷରୁ ମଧ୍ୟ ପୂର୍ବ ଲଦାଖ ଓ ଉତ୍ତର ଫ୍ରଣ୍ଟରେ ଯଥେଷ୍ଟ ସେନା ମୁତୟନ କରାଯାଇଥିଲା । ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଏହି ସପ୍ତାହରେ ଭାରତୀୟ ସେନା ପୁଣି ବିଶ୍ୱାସକୁ ପୁନଃସ୍ଥାପିତ କରିବା ଲାଗି ଚେଷ୍ଟା କରୁଛି । ଉଭୟ ଦେଶ ମଧ୍ୟରେ କିଭଳି ଏହା ପୁନଃ ସ୍ଥାପନ ହୋଇପାରିବ ଏହାକୁ ଉଭୟ ପକ୍ଷ ଦେଖିବା ଦରକାର । ଯେଉଁଭଳି ଭାବରେ ଏକ ବଫର ଜୋନ୍ ସୃଷ୍ଟି ନହେଉ ସେଥିଲାଗି ଦୃଷ୍ଟି ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଷ୍‌ର ବ୍ରିକ୍ସ ସମ୍ମିଟ୍‌ରେ ଯୋଗଦେଇ ଚୀନ୍ ପ୍ରଧାନମନ୍ତ୍ରୀ ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିଛନ୍ତି । ସୀମାରେ ସ୍ଥାୟୀତ୍ୱ ଓ ଶାନ୍ତି ଫେରାଇ ଆଣିବା ଆମର ପ୍ରାଥମିକତା ବୋଲି କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଧୈର୍ଯ୍ୟ ଏବଂ କୁଟନୈତିକ ଆଲୋଚନାର ଏହା ଫଳ ବୋଲି ମତ ଦେଇଛନ୍ତି ।

## ଏନ୍‌କାଉଣ୍ଟରରେ...

ଗତ ୨୩ ତାରିଖରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବୁଦାନାଇ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ସମ୍ପର୍କରେ ଗୁଇନ୍ଦା ପକ୍ଷରୁ ଖବର ମିଳିଥିଲା । ଏନେଇ ପୋଲିସ ଏବଂ ଏସଓଜି ଯବାନ ମିଳିତ ଭାବେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଫଳରେ ଉଭୟଙ୍କ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିଲା । ଏହି ଏନକାଉଣ୍ଟରରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା । ଏହାସହ ଯବାନମାନେ ଜଙ୍ଗଲରୁ ଏକେ-୪୭ ବନ୍ଧୁକ ସହ ମାଓବାଦୀମାନେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ମାଓବାଦୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖି ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି । ସୂଚନାଯୋଗ୍ୟଯେ ୨୦୨୪ ମସିହାରେ ଓଡିଶା ପୋଲିସ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୦୫ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି ।

# ବଡ଼ଚଣାରେ ଦାନା ଭୟ ଟଳିଛି ହେଲେ ଚାଷୀଙ୍କ ଦୁର୍ଦ୍ଦଶା ବଢୁଛି

ଚଣ୍ଡିଖୋଲ (ସବ୍ୟୁ) :ବାତ୍ୟା 'ଦାନା' ପାଇଁ ଗତ ସପ୍ତାହରୁ ଭୟଭୀତ ହୋଇ ପଡିଥିବା ଯାଜପୁର ଜିଲ୍ଲାର ବଡ଼ଚଣା ଅଞ୍ଚଳବାସୀଙ୍କ ପାଇଁ ବାତ୍ୟା ଦୁର୍ଦ୍ଦଶା ଟଳି ଯାଇଛି। ବିତ୍ୟାଯୋଗୁଁ ଲୋକଙ୍କର କୌଣସି କ୍ଷତି ହୋଇନାହିଁ ସତ ତେବେ ବାତ୍ୟା ପୂର୍ବ ଓ ପରବର୍ତ୍ତୀ ଲଗାଣ ବର୍ଷା ଯୋଗୁଁ ଏବେ ହଜାର ହଜାର ଚାଷୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ବଡଚଣାର ତଳିଆ ଅଞ୍ଚଳରେ ଚାଷ କରାଯାଇଥିବା ବିଓଳି ଓ ଶାରଦ ଧାନ,କୋଳଥ,ବିରି ଓ ପନିପରିବା ଚାଷ ବର୍ଷା ଯୋଗୁଁ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଚାଷ ଜମିରେ ବାତ୍ୟା ଜନିତ ବର୍ଷା ପାଣି ଜମି ରହି ଉପରୋକ୍ତ ଚାଷୀଙ୍କ ବ୍ୟାପକ କ୍ଷତି ଘଟାଇଛି ।ଏହି ବ୍ଲକର କୁନ୍ଦଳ, ଅରଖପୁର, ବନ୍ଦାଳ, ଭାକୁଡ଼, ବଦଘୁମୁରି, ଅଚ୍ୟୁତବସନ୍ତ, ଅଣକା ଓ ମାଣ୍ଡୁକା ସମେତ ବିଭିନ୍ନ ପଞ୍ଚାୟତର ଚାଷ ଜମିରେ ବର୍ଷା ପାଣି ଜମି ରହିଥିବା ବେଳେ କ୍ରମାଗତ ଲଗାଣ ବର୍ଷା ଚାଲିଛି। ଫଳରେ ଶହ ଶହ ହେକ୍ଟର ଚାଷ ଜମିରେ ବୁଣା ଯାଇଥିବା ରବି ଫସଲ ସହିତ ଧାନ ଓ ବିଭିନ୍ନ ପନି ପରିବା ପଚିବା ଆରମ୍ଭ କରିଛି! ଯେଉଁ ସବୁ ଚାଷୀ ପରିବା ଚାଷ ଉପରେ ନିର୍ଭର କରି ପରିବାର ଚଳାଇ ଆସୁଥିଲେ ସେମାନେ ବାତ୍ୟା ଜନିତ ବର୍ଷା। ପାଣିରେ ଉଜୁଡି ଯାଇଥିବା ଚାଷ କ୍ଷେତ ଦେଖି ହତାଶ ହୋଇ ପଡିଛନ୍ତ।ତେବେ ବାତ୍ୟା ପ୍ରଭାବରେ ବଡ଼ଚଣା ଅଞ୍ଚଳରେ ଗତ ୨୪ ତାରିଖ ଦିନ ୩୭ ମିଲିମିଟର ଓ ଶୁକ୍ରବାର ସନ୍ଧ୍ୟା ସୁଧା ୨୨ ମିଲିମିଟର ବର୍ଷା ହୋଇଥିବା ବେଳେ ଲଗାଣ ବର୍ଷା ଅବ୍ୟାହତ ରହିଛି । ତେଣୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଂକାରେ ଚାଷୀମାନେ ବ୍ୟଥିତ ହୋଇପଡିଛନ୍ତି। ତେଣୁ ଏପରି ଅବସ୍ଥାର ଅନୁଧ୍ୟାନ କରାଯାଇ ବାତ୍ୟା ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ

# ଏନ୍‌ବିସିସିକୁ ୪୧ କୋଟିର ପ୍ରକଳ୍ପ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ଏନ୍‌ବିସିସି (ଇଣ୍ଡିଆ)କୁ ୪୧ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି । ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ଅନଗ୍ରସର ଶ୍ରେଣୀ କଲ୍ୟାଣ ବିଭାଗ ଦ୍ୱାରା ଏହି ପ୍ରକଳ୍ପ ମଞ୍ଜୁର ହୋଇଛି । କଳାହାଣ୍ଡି ଜିଲ୍ଲାର ଜୟପାଟଣା ସ୍ଥିତ ଧଂସୁଡ଼ି ଆଶ୍ରମ ସ୍କୁଲ ଏବଂ ଧାମନପୁର ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ଅପଗ୍ରେଡେସନ ଏହି ପ୍ରକଳ୍ପ ମଧ୍ୟରେ ଅନ୍ତର୍ଭୁକ୍ତ । ଏଥିସହ ବାଲେଶ୍ୱର ଜିଲ୍ଲାର ସୋହାରିଆ ଏବଂ ଭୋଗରାଇ ଠାରେ ବିଜୟ କୁମାର ଏକାଡେମୀ, ସରକାରୀ ହାଇସ୍କୁଲଠାରେ ଏକ ଛାତ୍ରାବାସ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ଏହି ଅଞ୍ଚଳରେ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ସବୁ ମଞ୍ଜୁର କରାଯାଇଛି । ଏଭଳି ପ୍ରକଳ୍ପ ନିର୍ମାଣରେ ଏନ୍‌ବିସିସିର ବ୍ୟାପକ ଅଭିଜ୍ଞତା ରହିଛି । ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ହାସଲ କ୍ଷେତ୍ରରେ ଏନ୍‌ବିସିସିର ବଳିଷ୍ଠ ଭୂମିକା ରହିଛି ।


C-836

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL:
BARGARH
AT/PO/DIST.-BARGARH, PIN-768028
No. 3147 / Date. 24.10.24

To,
The Deputy Director, I& PR Deptt. Odisha, Bhubaneswar.

Invitation for Bids

BID IDENTIFICATION NO.-02/BGH-MUN/2024-25

1 Nature of Work : Civil Work
2 No. of Work : 01 no.
3 Amount put to tender (in lakh) : As per DTCN
4 Bid Cost : As per DTCN
5 Class of Contractor : "A" & "B"
6 Availability of Bids documents in website : From 09.00 Hrs Dt. 25.10.2024 to 17.00 Hrs Dt. 02.11.2024
7 Date of Opening of Bid : Dt. 04.11.2024 11.00 hrs

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Sd/- Executive Officer
Bargarh Municipality

OIPR : 13103/11/0006/2425



GOVERNMENT OF ODISHA
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, BERHAMPUR
Email Id- eenhbam@gmail.com

b-11

INVITATIONS FOR BIDS(IFB) {e-Procurement}
Bid Identification No. EE-NH-BAM/04/2024-25
No 2669 I Dated : 23.10.2024 /

1) The EXECUTIVE ENGINEER, N.H.DIVISION, BERHAMPUR on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road/Building work as detailed in the table below.
2) Nature of Work : Road.
3) No of Work : 1 No.
4) Tender Cost : Rs 10000/-
5) Class of Contractor : B' Class and A' Class.
6) Availability of Bid document in portal : 30.10.2024 to 05.00PM of 15.11.2024.
7) Date of Opening of Bid : 16.11.2024 at 11 A.M.
8) The bidders have to participate in ONLINE bidding only. Father details can be seen from the website https://tendersorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

Sd/- Superintending Engineer
NH Division Berhampur

OIPR : 34082/11/0001/2425



Sambalpur Municipal Corporation
Sambalpur
Email id: sambalpurm.hud@nic.in

C-839

'e' Procurement NOTICE.
Bid Reference No: 15/SMC_SBP/2024-25
Tender ID No: 2024_ORULB105694

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : 2 (Two) numbers
2. Estimated Costs : 34.60 lakhs and 36.71 lakhs
3. Period of completion : As per NIT
4. Date and time of availability of the bid documents in the portal : From 02.00 P.M. of 24.10.2024 to 05.00 PM of 03.11.2024
5. Last Date/ Time for receipt of bids in the portal : 05.00 PM of 03.11.2024
6. Bids will be opened on : 11.00 AM of Dt. 04.11.2024
7. Name and address of the officer inviting bid : Municipal Commissioner, Sambalpur Municipal Corporation, Sambalpur

Sd/- Commissioner
Sambalpur Municipal Corporation

OIPR : 13122/11/0041/2425



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୦୨୩୯/ଭୁ.ଉ.କ., ଭୁବନେଶ୍ୱର ତା.୨୧.୧୦.୨୪ ରିଖ
PDH-96/89

CAD- 1444

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ପଲାସପଲ୍ଲୀ ହାଉସିଂ ସ୍କିମ, ପଲାସପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-A/34କୁ ଭିପିନ ଜେ. ଦୋସି, ପିତା-ଜୟନ୍ତିଲାଲ ଆର୍. ଦୋସି, ଗ୍ରାମ-ବାଖାରାବାଦ, ପୋଷ୍ଟ-ଚାନ୍ଦିନଚୌକ, ଥାନା-ଲାଲବାଗ୍, ଜିଲ୍ଲା-କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ଭିପିନ ଜେ. ଦୋସି ଗତ ତା. ୧୧.୦୯.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death Certificate No. 14081 dated. 19.10.2020)

Legal heir certificate No. E-LHC/2020/57142 dated. 21.12.2020 ଅନୁଯାୟୀ ଭିପିନ ଜେ.ଦୋସିଙ୍କର ଉତ୍ତରାଧିକାରୀ (୧) ଜ୍ୟୋତି ଭିପିନ ଦୋସି (ସ୍ତ୍ରୀ), (୨) ରାଧିକା ଦୋସି (ବିବାହିତା କନ୍ୟା) ଓ (୩) ତାନଭିଆତ୍ରିୟା ସୱାନ୍ତ (ବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ତାନଭିଆତ୍ରିୟା ସୱାନ୍ତ ଓ ରାଧିକା ଦୋସି ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment - Document No. 11082409052 dated 17.09.2024) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ ଜ୍ୟୋତି ଭିପିନ ଦୋସିଙ୍କୁ ହସ୍ତାନ୍ତର କରିଅଛନ୍ତି ।

ସୁତରାଂ ଉତ୍ତରାଧିକାରୀ ସୂତ୍ରେ ଜ୍ୟୋତି ଭିପିନ ଦୋସିଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ଜ୍ୟୋତି ଭିପିନ ଦୋସିଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13033/11/0166/2425



ସର୍ବସାଧାରଣ ବିଜ୍ଞପ୍ତି

ସାଧାରଣ ଜନତାଙ୍କୁ ସୂଚନା ଦିଆଯାଇଛି ଯେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଚିଠି ନମ୍ବର J-11011-141-2004-IA-II (I) ମାଧ୍ୟମରେ ଆଦିତ୍ୟ ଆଲୁମିନା ରିଫାଇନାରୀ ପାଇଁ ପରିବେଶ କ୍ଲିୟରାନ୍ସ ପ୍ରଦାନ କରାଯାଇଛି । 3.0 MTPA ର କ୍ଷମତା ଏବଂ 150 ମେଗାୱାଟ CGPP । ଏହି ପ୍ରକଳ୍ପ ଜିଲ୍ଲା ରାୟଗଡାର କାଶୀପୁର ତହସିଲର କନସାରିଗୁଡା ଗ୍ରାମରେ ମି/ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ନିର୍ମାଣ କରାଯାଉଛି । ମଞ୍ଜୁରର ଏକ ନକଲ ରାୟଗଡାର ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଏବଂ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୱେବସାଇଟ୍‌ରେ ଉପଲବ୍ଧ : https://parivesh.nic.in/ । ଏହା ମଧ୍ୟ ହିଣ୍ଡାଲ୍‌କୋ ୱେବ୍‌ସାଇଟ୍ www.hindalco.comରେ ଉପଲବ୍ଧ ।

ଜେନେରାଲ ମ୍ୟାନେଜର, ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପ, କନସାରିଗୁଡା ଗ୍ରାମ



CHANGE OF NAME

By virtue of an Affidavit Sworn Before Notary Public Bhubaneswar Dated. 21.10.2024, I Mrs Anupama Routray Address At/Po-Sankhatras, Ps. Cuttack Sadar, Dist-Cuttack-Pin-753011, Odisha, declare that I have changed my Daughter's name From Ankita Routray to Ishani Routray. Henceforth, She shall be known as "Ishani Routray" For all purposes.

Sd/- Anupama Routray



ଦିଲ୍ଲୀ ବିଶ୍ୱବିଦ୍ୟାଳୟ
UNIVERSITY OF DELHI

ବିଜ୍ଞାପନ ନଂ. ଆରଏଣ୍ଡପି/୩୦୬/୨୦୨୪ ତାରିଖ : ୨୭.୦୯.୨୦୨୪

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ଫାକଲଟି ଅଫ ଟେକ୍‌ନୋଲୋଜି ବିଭାଗରେ ଶିକ୍ଷକ ସମୁହ (ଫାକଲଟି) ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଅନଲାଇନ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ : ଏମ୍ପ୍ଲୟମେଣ୍ଟ ନ୍ୟୁଜରେ ବିଜ୍ଞାପନ ପ୍ରକାଶ ତାରିଖ ଠାରୁ ଦୁଇ ସପ୍ତାହ । ଅଧିକ ବିବରଣୀ ପାଇଁ ଦୟାପୂର୍ବକ ବିଶ୍ୱବିଦ୍ୟାଳୟର ୱେବସାଇଟ୍ www.du.ac.in ଦେଖନ୍ତୁ ଏବଂ ଶିରୋନାମା ''ୱାର୍କ ଉଇଥ ଡିୟୁ'' ଅଧୀନରେ ''ଜବସ ଏଣ୍ଡ ଅପରଚୁନିଟିଜ''ରେ କ୍ଲିକ କରନ୍ତୁ ।

ଯେକୌଣସି ଯୋଗ/ସଂଶୋଧନକୁ ବିଶ୍ୱବିଦ୍ୟାଳୟର ୱେବସାଇଟ୍‌ରେ ଉଲ୍ଲେଖ କରାଯିବ ।

CBC-21231/12/0009/2425 ରେଜିଷ୍ଟ୍ରାର



AFFIDAVIT

I, Ranjeeta Devi, D/o-Lal Mohan Kumar, resident of Gajanan Residency, Anantapur, Jagannathpur, Khorda-752101 Odisha declare by this affidavit No. 1885 dtd. 03.08.2024 that now onwards I shall be known as RANJEETA MOHAPATRA for future purposes.



Government of Odisha : Short "E" Procurement Tender Notice
OFFICE OF THE SUPERINTENDING ENGINEER,
RAYAGADA (R&B) DIVISION NO -II
E-mail ID: eepwd765017@gmail.com
Phone-(06856)233066
No. 4421 Dated. 14.10.2024

B-348

Short Bid Identification No: RC (RANDB) RGD No-II 06/2024-25 (Online tender)

1. Total No. of the works : 01 no Building work
2. Approximate estimated Cost : Rs 30.12 Lakh
3. Period of completion : 02 (two) calendar months
4. Date & Time of availability of bid document in the portal : 11.00 Hrs. of Dtd 28.10.2024 to 17.00 Hrs. of Dtd. 05.11.2024 for online bidding.
5. Last date/Time for receipt of bids in the portal : Up to 17.00 Hrs. of Dt. 05.11.2024
6. Name and address of the officer inviting BID : Executive Engineer, Rayagada (R&B) Division No-II
7. Date of opening of Bid at 11.00 Hours on Dt. 06.11.2024
8. Further details can be seen from the e-Procurement portal : www.tendersodisha.gov.in
9. Further Addendum/Corrigendum if any will be hosted in the above website only.

Sd/- Executive Engineer
Rayagada (R&B) Division No-II

OIPR : 34139/11/0003/2425



GOVERNMENT OF ODISHA : OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR

NOTICE INVITING TENDER e-Procurement
Bid ID No. 04 SEMID (KJR/2024-2025) Dt. 19.10.2024

A-468 : The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

Name of work : Civil Construction works
No. of Works : 42 (Forty two) Nos.
Estimated Cost : Rs. 314.22 Lakhs
Tender Paper Cost : Mentioned in Column No. 6 of Tender call notice
Period of completion : 04 (Four) & 06 (Six) calendar months
Availability of Bid Documents : From 28.10.2024 to 08.11.2024 during office hours in Website (www.tenderorissa.gov.in)
Period of receipt of Bid through online : From 28.10.2024 to 08.11.2024 through online.
Date of Opening of Technical Bid Documents : At 11.00 A.M. on 11.11.2024 in the office chamber of the Superintending Engineer, M.I. Division, Keonjhar
Date of Lottery : At 11.00 A.M. on 26.11.2024 in the office chamber of the Superintending Engineer, M.I. Division, Keonjhar
Digital Signature Certificate of Bidder : The bidder must possess compatible digital signature certificate (DSC) of Class-II or Class-III
Name and Address of the OIT : Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-eemikjr@yahoo.co.in

Further Details can be seen from the web site : www.tendersorissa.gov.in

Sd/- (Er. Sudhansu Sekhar Sahoo)
Superintending Engineer
M.I. Division, Keonjhar

OIPR : 32123/11/0004/2425



E-Mail- eerwelelect.bam@yahoo.com
GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION BERHAMPUR

O-501

e-Procurement Notice No-EERWELBAM-07/2024-25

| | | |
|---|---|---|
| 1 | Name of the work | (I) Shifting of 11KV Line for Constn.of bridge Over River/Nallah on Patuguda Road at Padmapur (As per permission ltr No.244(5) of 28.02.24 & S.E No .96/23-24 the EEGED.Gunupur)<br>(II) Shifting of 11 KV/LT line for MMSY work "Improvement to SH-36 to Saba via Lingama-Dhaupada road (Lt.no-10(4) Dt-05.01.23 of E.E.Hinjilicut PSODL)<br>(III) Shifting & Re-etection.of 3 phase, 5-Wire LTOH Line Wiih AB Cable for improvement to Road Balajhari to Agula via jayasinghapur by Rural Works Division-1,Ganjam (Lt. no. -220(5) Dt-21.02.24 of EE. Purusottampui, TPSODL) |
| 2 | Estimated Cost | (I) Rs.11.04 lakhs (Excluding GST)<br>(II) Rs. 15.99.lakhs (Excluding GST)<br>(III) Rs. 6.38lakh (Excluding GST) |
| 3 | Period of completion | 90 days |
| 4 | Bid Identification No | EERWELBAM- 07/2024-25 |
| 5 | Date and time of availability of Bid documents in the portal | From Dt.30.10.2024 at 11.00 A.M.to Dt-07.10.2024 up to 5.00 P.M |
| 6 | Date & Time of opening of tender | Dt. 08.11.2024 at 01.00 A.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W. EL. DIVN, BAM<br>At- Near I.T Office Ambapua Dist. Ganjam.Berhampur Odisha. -760011 |

Further detail can be seen from the Govt. Web site www.tenderorissa.gov.in

Sd/- Executive Engineer,
Rural work Electrical Division, Berhampur

OIPR : 25190/11/0004/2425



GOVERNMENT OF ODISHA : OFFICE OF THE SUPERINTENDING ENGINEER
PHULBANI (R&B) DIVISION.
INVITATIONS FOR BIDS (IFB)
1st Corrigendum to the Bid Identification No. SE-R & B-PLB-10 -2024-25
No. 11138 Dated. 24.10.2024

B-517

1. The amount put to the tender & bid security for the following works is revised as follows.

| Sl. No. | Name of work | Approx. Value of work (Rs.) as per Original Notice | Revised Approx. Value of work | Bid security of work (Rs.) as per Original Notice | Revised Bid security of work (Rs.) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Construction of paddy procurement center at Khajuripada in the district of Kandhamal | Rs 88,36,579.00 | Rs 80,51,385.00 | Rs.88,366.00 | Rs.80,514.00 |
| 2. | Construction of paddy procurement center at Dutipada in the district of Kandhamal | Rs 61,83,754.00 | Rs 57,44,581.00 | Rs.61,838.00 | Rs.57,446.00 |
| 3. | Construction of paddy procurement center at Nuapadar in the district of Kandhamal | Rs 63,17,821.00 | Rs.58,61,161.00 | Rs.63,178.00 | Rs.58,612.00 |
| 4. | Construction of paddy procurement center at Phiringia in the district of Kandhamal | Rs 62,15,272.00 | Rs. 57,71,988.00 | Rs.62,153.00 | Rs.57,720.00 |
| 5. | Construction of paddy procurement center at Gochapda in the district of Kandhamal | Rs. 69,51,984.00 | Rs 64,12,607.00 | Rs.69,520.00 | Rs.64,126.00 |
| 6. | Construction of paddy procurement center at Lingagada in the district of Kandhamal | Rs 61,74,108.00 | Rs 57,36,193.00 | Rs.61,741.00 | Rs.57,362.00 |

2. The bid documents for the above noted works will be available in the website www.tendersodisha.gov.in from 10.00 a.m on date 06.11.2024 to 5.00 p.m on date 18.11.2024 for online bidding instead of date 25.10.2024 to 04.11.2024.
3. Bids received "Online" shall be opened at 11.30 a.m on 19.11.2024 instead of date 05.11.2024.
4. All other terms and conditions shall remain unchanged.

OIPR : 34066/11/0002/2425 Sd/- Superintending Engineer, Phulbani (R&B) Division



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।





ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ବାସୁଦେବପୁର

## ବାତ୍ୟା ଦାନା ର ପ୍ରଭାବରେ କ୍ଷୟକ୍ଷତି ଆକଳନ କରିଛନ୍ତି ନୋଡାଲ ଅଫିସର

ବେତନଟୀ ( ସବ୍ୟୁ) : ବାତ୍ୟା ଦାନା ପାଇଁ ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ସନ୍ଧ୍ୟା ୮ଟା ବେଳକୁ ବାତ୍ୟାର ଗତିପଥ କୁ ଲକ୍ଷ୍ୟ କରି ଓରେଞ୍ଜ୍ ୱାର୍ଣ୍ଣିଂ ସୂଚନା ଦିଆ ଯାଇଥିଲା । ରାତି ୧୨.୦୫ ମିନିଟ୍ ରୁ ବାତ୍ୟା ଲ୍ୟାଣ୍ଡ ଫଲ କରି ସକାଳ ସୁଦ୍ଧା ସ୍ଥଳ ଭାଗରେ ପ୍ରବେଶ କରି ଦୁର୍ବଳ ହୋଇଯାଇଥିଲା । ମାତ୍ର ଦିନ ତମାମ ବେତନଟୀ ବ୍ଲକ ଅଧୀନ ବେତନଟୀ ଏବଂ ବୈଶିଙ୍ଗା ଆଖପାଖ ଅଞ୍ଚଳରେ ବର୍ଷା ଜାରି ରହିଛି ,ଫଳରେ ଲୋକ ମାନଙ୍କର ଚଳ ପ୍ରଚଳ କମ ରହିଥିଲା । ଗୁରୁବାର ଭଳି ଶୁକ୍ରବାର ମଧ୍ୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ବେତନଟୀ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବାତ୍ୟାର ପ୍ରଭାବକୁ ମୁକାବିଲା କରିବା ପାଇଁ ଲାଗିପଡିଥିବାର ଦେଖାଯାଇଛି। ବେତନଟୀ ବିଡିଓ ଗୋପିନାଥ ଖାଖା ଙ୍କ ସୂଚନା ଅନୁଯାଇ ୪୫ଟି ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ଛଅ ହଜାର ଲୋକଙ୍କ ପାଇଁ ରହିବା ଖାଇବା ବ୍ୟବସ୍ଥା କରାଯାଇଥିଲା । ପବନ ର ସ୍ତର କମିଯାଇଥିବାରୁ କିଛି ଲୋକ ନିଜ ଘରକୁ ଚାଲି ଯାଇଥିବା ବେଳେ ଅନେକ ଆଶ୍ରୟ ସ୍ଥଳୀରେ ଲୋକ ମଧ୍ୟ ରହିଥିବାର ଦେଖା ଯାଇଥିଲା । ସେହିପରି ଆଜି ୧୮ନଂ ଜାତୀୟ ରାଜପଥ ର ଖଇରବଣୀ ଠାରେ ବଡ ଆକାଶିଆ ଗଛ ଏବଂ ବାଉଁଶଝାଡ଼ ରାସ୍ତା ଉପରେ ପଡି ରହିଥିଲା । ଖବର ପାଇ ଥାନାଧିକାରୀ ତପନ ପ୍ରଧାନ, ବେତନଟୀ ରେଞ୍ଜର ମନୱାର ଖାଁ ଘଟଣାସ୍ଥଳରେ ପହଞ୍ଚି



ଓଡ୍ରାଫ୍ ଟିମ୍ ଙ୍କ ସହାୟତାରେ ଗଛକାଟି ଅବରୋଧ ହଟାଇଥିଲେ । ବାତ୍ୟା ଦାନା ର ପରିସ୍ଥିତି ଓ ମୁକାବିଲା କରିବା ପାଇଁ ସରକାରଙ୍କ ତରଫରୁ ବରିଷ୍ଠ ଆଇଏଏସ ଅଧିକାରୀ ବିନୀତ ଭରଦ୍ୱାଜ ଙ୍କୁ ମୟୂରଭଞ୍ଜରେ ଦାୟିତ୍ୱ ଦିଆଯାଇଥିଲା । ସେ ୨୩ ଓ ୨୪ ତାରିଖ ଦିନ ଓ ରାତି ତମାମ ବିଭିନ୍ନ ଆଶ୍ରୟ ସ୍ଥଳୀରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ୨୫ ତାରିଖ ବାତ୍ୟାଭୟ ଚାଲିଯିବା ପରେ ସନ୍ଧ୍ୟାରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି କ୍ଷୟ କ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ମୟୂରଭଞ୍ଜର ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ବୁଢାବଳଙ୍ଗରେ ଆସନ୍ନ ବନ୍ୟା ପରିସ୍ଥିତି ଦେଖାଦେଇଛି । ଏଥିପାଇଁ ତଳି ଅଞ୍ଚଳରେ ଥିବା ଲୋକ ମାନଙ୍କୁ ଶାଳଗାଁ ଏବଂ ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ କିପରି ପହଞ୍ଚିପାରିବେ ସେଥିପାଇଁ ବେତନଟୀ ବିଡିଓ ଏବଂ ତହସିଲଦାର ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କୃଷି ବିଭାଗର ଆକଳନ କରାଯାଇନଥିଲେ ମଧ୍ୟ କେତେକ ଚାଷୀଙ୍କ ଅଭିଯୋଗ ଅନୁଯାଇ ଧାନ ଚାଷ ବହୁମାତ୍ରାରେ କ୍ଷତି ହୋଇଥିବା ଜଣାଯାଇଛି । ତୁରନ୍ତ କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏହି ବାତ୍ୟା ପ୍ରଭାବରେ ମୂଖ୍ୟତଃ ଧାନ ଏବଂ ପରିବା ଚାଷୀ ବିଶେଷ କ୍ଷତି ସହିବେ ବୋଲି ଆକଳନ କରାଯାଉଛି ।

### ଓଡିଶା ଓ ପଶ୍ଚିମବଙ୍ଗର ବନ୍ୟା-ପ୍ରଭାବିତ ଗ୍ରାହକଙ୍କ

## ସହାୟତା ପାଇଁ ଏୟାରଟେଲ ପକ୍ଷରୁ ବିଭିନ୍ନ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ଓ ପଶ୍ଚିମବଙ୍ଗରେ ବାତ୍ୟା ଦାନାର ଲ୍ୟାଣ୍ଡଫଲ୍ ଯୋଗୁଁ ସୃଷ୍ଟି ହୋଇଥିବା ବ୍ୟାଘାତକୁ ଦୃଷ୍ଟିରେ ରଖି ଏୟାରଟେଲ୍ ପକ୍ଷରୁ ଏହି କଠିନ ସମୟରେ ଗ୍ରାହକମାନଙ୍କୁ ସହଯୋଗ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରିପେଡ: ବୈଧତା ଶେଷ ହୋଇଯାଇଥିବା ଏବଂ ରିଚାର୍ଜ କରିବାକୁ ସକ୍ଷମ ନଥିବା ପ୍ରିପେଡ ଗ୍ରାହକଙ୍କ ପାଇଁ ଏୟାରଟେଲ ପକ୍ଷରୁ ପ୍ରତିଦିନ ୧.୫ ଜିବିର ମାଗଣା ମୋବାଇଲ ଡାଟା ସହ ଅନ୍ଲିମିଟେଡ କଲିଂ ପ୍ରଦାନ କରାଯାଇଛି । ଏହି ଲାଭ ୪ ଦିନ ପାଇଁ ବୈଧ ରହିବ । ପୋଷ୍ଟପେଡ: ଏୟାରଟେଲ ସମସ୍ତ ପୋଷ୍ଟପେଡ ଗ୍ରାହକଙ୍କ ପାଇଁ ବିଲ୍ ପଇଠ କରିବାର ଧାର୍ଯ୍ୟ ତାରିଖକୁ ୭ ଦିନ ବୃଦ୍ଧି କରିଛି, ଯାହା ମୋବାଇଲ ସେବାଗୁଡିକ ପାଇଁ ବାଧାମୁକ୍ତ ପହଂଚ ସୁନିଶ୍ଚିତ କରୁଛି । ଆଇସିଆର୍: ଏହାବ୍ୟତୀତ ଏୟାରଟେଲ ଗ୍ରାହକଙ୍କୁ ସଂଯୋଜିତ ରଖିବା ସୁନିଶ୍ଚିତ କରିବା ପାଇଁ ପଶ୍ଚିମବଙ୍ଗ ଓ ଓଡିଶାରେ ଇଂଟରକନେକ୍ଟ ରୋମିଙ୍ଗ (ଆଇସିଆର)କୁ ସକ୍ଷମ କରିଛି । ଏୟାରଟେଲର ନେଟ୍ୱର୍କ ଟିମ୍ ଓ ପାର୍ଟନରମାନେ ବିଦ୍ୟୁ କାଟ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନ ଓ ଇନ୍ଧନ ଯୋଗାଣରେ ବାଧା ସତ୍ତ୍ୱେ ସେବା ପୁନରୁଦ୍ଧାର କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତ ।

## ଟାଟା ପାୱାର୍ ପକ୍ଷରୁ ବିଦ୍ୟୁତ୍ ନେଟ୍ୱର୍କ ପୁନରୁଦ୍ଧାର ତ୍ୱରାନ୍ୱିତ

ଭୁବନେଶ୍ୱର, (ସବ୍ୟୁ) : ବାତ୍ୟା 'ଦାନା' ର ପ୍ରଭାବରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଦ୍ୟୁତ ନେଟୱର୍କ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି । ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍), ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏବଂ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ର ୧୫୦୦୦ ଉତ୍ସର୍ଗୀକୃତ ଲାଇନମ୍ୟାନ୍ ଏବଂ ଇଞ୍ଜିନିୟରମାନେ ସରକାରୀ ଏଜେନ୍ସି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପବନର ବେଗ କମିବା ପରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ଯାହା ଦ୍ୱାରା ଡିସକମ୍‌ଗୁଡ଼ିକର ଟିମ୍ ସୁରକ୍ଷିତ ଭାବେ ମରାମତି ଆରମ୍ଭ କରିପାରିଥିଲେ। ବାତ୍ୟାର ପ୍ରକୋପ କମିବା ମାତ୍ରେ ପୁନରୁଦ୍ଧାର କାର୍ଯ୍ୟ



ଆରମ୍ଭ ହୋଇଥିଲା। ଯାହାଫଳରେ ଡିସକମ୍‌ଗୁଡ଼ିକର ଟିମ୍ ସୁରକ୍ଷିତ ଭାବେ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆର୍‌ଏଫ) ଏବଂ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍)ର ନିରନ୍ତର ସହଯୋଗରେ ଓଡ଼ିଶା ସରକାରୀ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ଏହି ଅଭିଯାନକୁ ତଦାରଖ କରୁଛନ୍ତି। ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଡିସକମ୍‌ଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଭାବିତ ତିନୋଟି ଡିସକମ୍‌ର ବରିଷ୍ଠ ଅଧିକାରୀମାନେ ସମସ୍ତ ପ୍ରଭାବିତ ଅଂଚଳର କାର୍ଯ୍ୟ ଅଗ୍ରଗତି ଉପରେ ସକ୍ରିୟ ନଜର ରଖିଛନ୍ତି ।ବାତ୍ୟା 'ଦାନା' ପୂର୍ବରୁ ସମସ୍ତ ଡିସକମ୍ ପକ୍ଷରୁ ବାତ୍ୟା ସମୟରେ ବିଦ୍ୟୁତସୁରକ୍ଷା ନେଇ ଜନସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା । ଯେକୌଣସି ସହାୟତା ପାଇଁ ଜନସାଧାରଣ ଚବିଶ ଘଂଟିଆ ଟୋଲ ଫ୍ରି ହେଲପଲାଇନ ୧୯୧୨ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଟାଟା ପାୱାର ନେତୃତ୍ୱାଧୀନ ଡିସକମ୍‌ଗୁଡ଼ିକ ଏହି ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଭରସାଯୋଗ୍ୟ ବିଜୁଳି ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ।

### ଦିଲ୍ଲୀ ନିର୍ବାଚନ ନେଇ ବୈଜୟନ୍ତଙ୍କ ରଣନୀତି ଆରମ୍ଭ

## ପ୍ରମୁଖ ନେତାଙ୍କ ସହ ବୈଠକ

ଭୁବନେଶ୍ୱର, (ସବ୍ୟୁ) ବରିଷ୍ଠ ବିଜେପି ନେତା, ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଦିଲ୍ଲୀ ପ୍ରଦେଶର ନିର୍ବାଚନ ପ୍ରଭାରୀ ହେବାପରେ ଦିଲ୍ଲୀର ପ୍ରମୁଖ ନେତାମାନଙ୍କ ସହ ବୈଠକ କରିଛନ୍ତି ଶ୍ରୀ ପଣ୍ଡା ଦିଲ୍ଲୀ ପାଇଁ ଦଳର ନିର୍ବାଚନ ପ୍ରଭାରୀ ଭାବରେ ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଉତ୍ସର୍ଗୀକୃତ ନେତୃତ୍ୱ ତଥା ଦଳର ସ୍ଥିତିକୁ ସୁଦୃଢ କରିବା ପାଇଁ ଶ୍ରୀ ପଣ୍ଡା ଦିଲ୍ଲୀର ଚାରିଜଣ ପ୍ରମୁଖ ବିଜେପି ନେତା ଡକ୍ଟର ହର୍ଷ ବର୍ଧନ,ବିଜୟ ଗୋଏଲ, ସତୀଶ ଉପାଧ୍ୟାୟ ଏବଂ ମନୋଜ ତିୱାରୀଙ୍କ ସହ ବୈଠକ କରିଛନ୍ତି । ଏହି ଆଲୋଚନା ସମୟରେ ଶ୍ରୀ ପଣ୍ଡା ଆଗାମୀ ନିର୍ବାଚନ ପ୍ରଚାର ପାଇଁ ଏକ ସ୍ଥାନୀୟ, ଭୋଟର-କେନ୍ଦ୍ରିକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିଥିଲେ । ବୈଠକରେ ନିର୍ଦ୍ଦିଷ୍ଟ ଆଞ୍ଚଳିକ ସମସ୍ୟା ଏବଂ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା। ଏହି ଆଲୋଚନାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା, ତୃଣମୂଳ ସ୍ତରର ଦଳକୁ ଆହୁରି ସୁଦୃଢ କରିବା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା । ଭୋଟର-କେନ୍ଦ୍ରିକ ଆଭିମୁଖ୍ୟର ପ୍ରଭାବକୁ ଗୁରୁତ୍ୱ ଦେଇ ଶ୍ରୀ ପଣ୍ଡା ଆଶାବାଦୀ ଥିଲେ । ଅଭିବୃଦ୍ଧି, ସ୍ୱେଚ୍ଛତା ଏବଂ ସମ୍ପ୍ରଦାୟର କଲ୍ୟାଣ ଉପରେ ଧ୍ୟାନ ଦେଇ ବିଜେପିର ପ୍ରଚାର ପ୍ରୟାସ ଉଭୟ ସ୍ଥାନୀୟ ପ୍ରାସଙ୍ଗିକତା ଏବଂ ସମୃଦ୍ଧ ଦିଲ୍ଲୀ ପାଇଁ ଦଳର ବ୍ୟାପକ ଦୂରଦୃଷ୍ଟି ପ୍ରତିଫଳିତ କରିବାକୁ ସ୍ଥିର ହୋଇଛି ।

## ମୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ସହାୟତା ପ୍ରଦାନ

ପୁରୀ, (ସବ୍ୟୁ): ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୃତ ନିର୍ମାଣ ଶ୍ରମିକଙ୍କ ନିକଟ ସମ୍ପର୍କୀୟଙ୍କୁ ସହାୟତା ପ୍ରଦାନ କରିଛନ୍ତିଛ ଶ୍ରମ ଓ ରାଜ୍ୟ ବୀମା ବିଭାଗ ଅନ୍ତର୍ଗତ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ୨୬୯ ଜଣ ହିତାଧିକାରୀଙ୍କୁ ମୋଟ ୨,୭୯,୬୦,୦୦୦ ଟଙ୍କାର ମୃତ୍ୟୁ କାଳୀନ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଏହି ସହାୟତା ପ୍ରଦାନ ସମୟରେ ମଣ୍ଡଳ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଶାଳକଙ୍କୁ ହତ୍ୟା କରିଥିବା ଭିଣେଇ ଗିରଫ : ଭୁଜାଲି ଜବତ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦକା ଥାନା ଅଧୀନ ମେଣ୍ଢାଶାଳରେ ଶାଳକର ବେକ କାଟି ହତ୍ୟା କରିଥିବା ଅଭିଯୁକ୍ତ ଲକ୍ଷ୍ମୀଧର ଦାସ (୫୯)କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ପୋଲିସ । ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ଭୁଜାଲି ମଧ୍ୟ ଜବତ ହୋଇଛି । କେବଳ ଶାଳକ ନୁହେଁ ପୁଅ ଓ ଦୁଇ ପୁତୁରାଙ୍କ ମଧ୍ୟ ହତ୍ୟା ଉଦ୍ୟମ କରିଥିଲା । ସେମାନେ ଭୁଜାଲି ଚୋଟରେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଲକ୍ଷ୍ମୀଧର ଦାସ ଜଣେ ରେଳ କର୍ମଚାରୀ ହୋଇଥିଲେ ମଧ୍ୟ ଏପରି ଅମାନୁଷିକ ଘଟଣା ଘଟାଇବାକୁ ପାଖଲୋକେ ନିନ୍ଦା କରୁଛନ୍ତି । ଭିଣେଇ ଭୁଜାଲି ମାଡରେ ମୃତ୍ୟୁ ହୋଇଥିବା ଶାଳକଙ୍କ ନାମ ପ୍ରଶାନ୍ତ ବିଶ୍ୱାଳ । ଆହତମାନେ ହେଲେ ଅଭିଯୁକ୍ତ ଲକ୍ଷ୍ମୀଧର ପୁଅ ରବିନାରାୟଣ ଦାସ (୨୮), ଦୁଇ ପୁତୁରା (ମୃତ ପ୍ରଶାନ୍ତଙ୍କ ଦୁଇପୁଅ) ହେଲେ ପାପୁନି ଓରଫ ବାସୁଦେବ ବିଶ୍ୱାଳ(୨୬) ଓ ଲିପୁନ ଓରଫ ଶୁଭମ୍ ବିଶ୍ୱାଳ (୧୩) । ଆହତମାନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଚିକିତ୍ସା ପାଇଁ ନିଆଯାଇଥିଲା । ଅବସ୍ଥା ଗୁରୁତର ଦେଖି ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ଅଭିଯୁକ୍ତ ଲକ୍ଷ୍ମୀଧର ଇନ୍‌ଫୋଭାଲି ଥାନା ଅଧୀନ ଗଙ୍ଗପଡାର ରେଳ କର୍ମଚାରୀ । ସେ ସ୍ତ୍ରୀ ଓ ପୁଅ-ଝିଅଙ୍କ ସହ ମେଣ୍ଢାଶାଳ ଶ୍ୱଶୁର ଘରେ ରୁହେ । ଶ୍ୱଶୁର ଘର ସହ ଜମିବାଡିକୁ ନେଇ ଅଭିଯୁକ୍ତ ଲକ୍ଷ୍ମୀଧରର କଳିଝଗଡା ଲାଗି ରହିଥିଲା । ଛେଳି ଫାର୍ମ କରିବା ପାଇଁ ଲକ୍ଷ୍ମୀଧର କିଛି ଛେଳି ଆଣି ଘରେ ରଖିବା ଫଳରେ ଶାଳକ ପ୍ରଶାନ୍ତ ଓ ଲକ୍ଷ୍ମୀଧର ମଧ୍ୟରେ ଗଣ୍ଡଗୋଳ ଗୁରୁତର ହୋଇଥିଲା । ସେହି ଘଟଣା ମେଣ୍ଢାଶାଳ ଫାଣ୍ଡିରେ ସମାଧାନ ହୋଇଥିଲା । ସେ ଜଟଣୀ ରେଳ ଷ୍ଟେସନକୁ ଡିୟୁଟିରେ ଯାଆନ୍ତି । ରାତିରେ ଘରକୁ ଫେରୁଥିବାରୁ ପାଖରେ ଗୋଟିଏ ଧାରୁଆ ଭୁଜାଲି ସବୁବେଳେ ରଖେ । ଛେଳି ଯୋଗୁ ଶାଳକ ସହ କଳିଝଗଡା ହେବାରୁ ସେ ଘରକୁ ଆସୁନଥିଲା । ବୁଧବାର ଦିନ ରାତିରେ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ଗେଟ୍ ପାଖ୍‌ରେ ହର୍ଣ୍ଣ ବଜାଇଥିଲା । ଶାଳକ ପ୍ରଶାନ୍ତ ଗେଟ୍ ଖୋଲିବା କ୍ଷଣି ଲକ୍ଷ୍ମୀଧର ତାଙ୍କ ପେଟକୁ ଭୁଜାଲିରେ ଚୋଟ ମାରିଥିଲା । କେବଳ ପେଟକୁ ନୁହେଁ ବୀଭତ୍ସ ଭାବେ ତାଙ୍କୁ ହାଣି ପକାଇଥିଲା । ତାଙ୍କ ଚିତ୍କାର ଶୁଣି ପିଲାମାନେ ଆସିବାରୁ ତାଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିଥିଲା ଅଭିଯୁକ୍ତ । ଶ୍ୱଶୁର ଘର ଏତଲାରେ ଲକ୍ଷ୍ମୀଧରକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା ପୋଲିସ । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଟାଟା ମୋଟରର୍ସ 'କଷ୍ଟମର କେୟାର ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ଟାଟା ମୋଟର୍ସ, ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ, ଏହାର କଷ୍ଟମର କେୟାର ମହୋତ୍ସବ ୨୦୨୪ ଶୁଭାରମ୍ଭର ଘୋଷଣା କରିଛି ଯାହାକି, ବ୍ୟବସାୟୀକ ଯାନ ଗ୍ରାହକମାନଙ୍କ ପାଇଁ ୨୪ ଡ଼ିସେମ୍ବର, ୨୦୨୪ ପର୍ଯ୍ୟ' ଏକ ବ୍ୟାପକ ବ୍ୟବସାୟୀକ ସମ୍ମିଳିତ କାର୍ଯ୍ୟକ୍ରମ ଅଟେ। ମୂଲ୍ୟଯୁକ୍ତ କାର୍ଯ୍ୟକ୍ରମର ଏହି ବିଶେଷତ୍ୱ ସମଗ୍ର ଦେଶରେ ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ସ୍ୱୀକୃତି ପ୍ରାପ୍ତ ସେବା ଆଉଟଲେଟ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ ଯାହାକି ପରିବହନ ମାଲିକ ତଥା ଚାଳକମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚ଼ନା ତଥା ଅନ୍ତଦୃଷ୍ଟି କୋଣର ସୁଯୋଗ ଆଣିପାରିବ। ଏହି ମହୋତ୍ସବ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ପ୍ରକାର ପରିସରର ସୁବିଧା ଲାଭ କରିପାରିବେ ଯାହା ମଧ୍ୟରେ ରହିଛି, ଦକ୍ଷ କୁଶଳୀ କାରିଗରମାନଙ୍କ ଦ୍ୱାରା ସଠିକ୍ ଭାବରେ ଯାନର ପରୀକ୍ଷା ନିରୀକ୍ଷା ଏବଂ ମୂଲ୍ୟଯୁକ୍ତ ସେବା ଗୁଡ଼ିକର ଗ୍ରହଣକାରିତା। ଅତିରିକ୍ତ ଭାବରେ ଚାଳକମାନେ ସୁରକ୍ଷା ଏବଂ ଇନ୍ଧନ ସଂଚୟକାରୀ ଚାଳନା ଅଭ୍ୟାସ ସହିତ ସମ୍ପୂର୍ଣ୍ଣ ସେବା ୨.୦ ସଂସ୍କରଣ ପଦକ୍ଷେପ ଗୁଡ଼ିକର ନିଜସ୍ୱ କାରିଗରୀ ଇତ୍ୟାଦିର ବର୍ଦ୍ଧିତ ପ୍ରଶିକ୍ଷଣ ଗ୍ରହଣ କରପାରିବେ । କଷ୍ଟମର କେୟାର ମହୋତ୍ସବ ୨୦୨୪ର ଏହି ସଂସ୍କରଣର ଶୁଭାରମ୍ଭ କରି ଗୀରିଶ ୱାଘ, ଏକ୍ଜିକ୍ୟୁଟିଭ ଡ଼ାଇରେକ୍ଟର, ଟାଟା ମୋଟର୍ସ ମତବ୍ୟକ୍ତ କରିକହିଥିଲେ, 'ଆମେ ଚ଼ଳିତ ବର୍ଷ ଏହି କଷ୍ଟମର କେୟାର ମହୋତ୍ସବକୁ ପୁଣି ଥରେ ଫେରାଇ ଆଣିଛୁ ଯାହାକି୨୩ ଅକ୍ଟୋବରରୁ ଆରମ୍ଭ ହେବାକୁ ଯାଉଛି ଏଥିପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ। ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଆକର୍ଷଣର ଦିନ ଅଟେ କାରଣ ୧୯୫୪ ମସିହାରେ ଆମେ ଆମର ସର୍ବପ୍ରଥମ ବ୍ୟବସାୟୀକ ଯାନକୁ ବିକ୍ରୟ କରିଥିଲୁ ଏବଂ ବର୍ତମାନ ଆମେ ଏହାକୁ ଗ୍ରାହକ ଯତ୍ନ ଦିବସ ଭାବରେ ପାଳନ କରୁଛୁ । ଏହି ମହୋତ୍ସବ ଆମର ସେହି ବଚ଼ନ ବଦ୍ଧତାକୁ ପ୍ରତିଫଳିତ କରୁଛି ଯାହା ମଧ୍ୟରେ ରହିଛି ସବୁଠାରୁ ଉତ୍କୃଷ୍ଟ ଶ୍ରେଣୀର ସେବା ପ୍ରଦାନ, ଟିକିନିକି ଭାବରେ ଯାନର ପରୀକ୍ଷଣ ତଥା ଏକ ବ୍ୟାପକ ପରିସରର ସୁବିଧା ସୁଯୋଗ ପ୍ରଦାନ ଇତ୍ୟାଦି।

## ଉତ୍କଳ ବିଲ୍ଡର୍ସ ଲିମିଟେଡ୍‌କୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ଼

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ରିୟଲ ଇଷ୍ଟେଟ୍ ବ୍ରାଣ୍ଡ, ଉତ୍କଳ ବିଲ୍ଡର୍ସ ଲିମିଟେଡ୍ ବିଶ୍ୱସନୀୟ ଡେଭଲପର୍ ପୁରସ୍କାର ସହିତ ଟାଇମ୍ସ ବିଜନେସ୍ ଆୱାର୍ଡରେ ସମ୍ମାନିତ ହୋଇଛି । ଏହି ପ୍ରତିଷ୍ଠିତ ସମ୍ମାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଯାହା ଉତ୍କଳ ବିଲ୍ଡର୍ସର ୩୪ବର୍ଷ ଅବଧିରେ ଓଡିଶାର ରିଏଲ୍ ଇଷ୍ଟେଟ୍ ଶିଳ୍ପରେ ଅର୍ଜିତ ବିଶ୍ୱାସକୁ ପ୍ରତିଫଳିତ କରିଛି । ଓଡିଶାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା ପାଇଁ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଉତ୍କଳ ବିଲ୍ଡର୍ସର ଡିଜାଇନ୍, ଗୁଣବତ୍ତା, ସୁବିଧାସମୂହ ଏବଂ ସେବାରେ ଉତ୍କୃଷ୍ଟତା ପ୍ରତି ଅବଧାନକୁ ଉତ୍କୃଷ୍ଟତା କରିଛି । ଉତ୍କଳ ବିଲ୍ଡର୍ସର ସ୍ଥାପକ ଏବଂ ଅଧ୍ୟକ୍ଷ ସୁଭାସ ଭୁରା କହିଛନ୍ତି, 'ଏହି ସମ୍ମାନ ପାଇଁ ଆମେ ଅତ୍ୟନ୍ତ କୃତଜ୍ଞ । ଆମର ଗ୍ରାହକମାନଙ୍କ ଦ୍ୱାରା ଆମ ଉପରେ ରଖାଯାଇଥିବା ବିଶ୍ୱାସ ଆମ ଯାତ୍ରାର ସବୁଠାରୁ ବଡ଼ ପୁରସ୍କାର ରୂପେ ରହିଛି। ଏହା ଆମକୁ ନିତି ଭଲ କାମ କରିବାକୁ ପ୍ରେରିତ କରିବ। ଆମର ରାଜ୍ୟର ପ୍ରଗତିରେ ଅଂଶଗ୍ରହଣ କରିବାକୁ ଏବଂ ଆମ ଗ୍ରାହକମାନଙ୍କ ଜୀବନରେ ପ୍ରଭାବ ସୃଷ୍ଟି କରିବାର ଉଦ୍ଦେଶ୍ୟରେ ପ୍ରଶଂସା କରାଯାଇଥିବାରୁ ଆମେ କୃତଜ୍ଞ । ସମ୍ଭବ କରିବାରେ ଗୁରୁତ୍ୱ ଦେଇଆସୁଛୁ ।' ଏହି ପୁରସ୍କାର ଆମକୁ ବିଶ୍ୱସ୍ତ ରିଏଲ୍ ଇଷ୍ଟେଟ୍ ଅନୁଭବ ଅପେକ୍ଷାକୁ ଜାରି ରଖିବାକୁ ଏବଂ ନବୀନତାକୁ ଆଗେଇ




ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କହିଛନ୍ତି, 'ଆମେ ସବୁବେଳେ ପ୍ରଥମ ହେବାକୁ, ଗୁଣବତ୍ତା ଥିବା ଆବସିକ, ବାଣିଜ୍ୟିକ ଏବଂ ଖୁଚୁରା ପ୍ରକଳ୍ପ ସୃଷ୍ଟି କରିବା ଏବଂ ସହର ପରିବର୍ତ୍ତନକୁ ଆଣିବାକୁ ଉତ୍ସାହିତ କରିବ। ଉତ୍କଳ ବିଲ୍ଡର୍ସର ସ୍ୱୀକୃତି ଓଡିଶାରେ ରିଏଲ୍ ଇଷ୍ଟେଟ୍ ପରିଦୃଶ୍ୟକୁ ଗଠନ ପ୍ରତି ତାଙ୍କର ଅବଦାନକୁ ଉଜ୍ଜ୍ୱଳ କରିବ । ଓଡିଶାର ପ୍ରମୁଖ ଡେଭଲପର୍ ଭାବରେ ତାଙ୍କର ଅବସ୍ଥାନକୁ ଦୃଢ କରିଛି ।

## ୨୦୨୫ ଆର୍ଥିକ ବର୍ଷ ପାଇଁ ନୁଭୋକୋ ଭିସ୍ତାସର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ ଗତ ସେପ୍ଟେମ୍ବର ୩୦ ତାରିଖ ୨୦୨୪ରେ ଶେଷ ହୋଇଥିବା୨ୟ ତ୍ରୈମାସିକ ପାଇଁ ଏହାର ଅଡିଟ୍ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରିଛି। ୨୫ ଏମ୍‌ଏମ୍‌ଟିପିଏର ମିଳିତ ସ୍ଥାପିତ କ୍ଷମତା ସହିତ ନୁଭୋକୋ ଭିସ୍ତାସ କର୍ପୋରେଶନ ହେଉଛି ଭାରତରେ ୫ମ ସର୍ବବୃହତ ସିମେଂଟ ଗ୍ରୁପ ଓ ପୂର୍ବ ଭାରତର ଅଗ୍ରଣୀ ସିମେଂଟ କମ୍ପାନୀ । ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ୪.୨ ଏମ୍‌ଏମ୍‌ଟି ରହିଛି। ଏହି ଅବଧିରେ କମ୍ପାନୀର ପରିଚାଳନାଗତ ମୋଟ ରାଜସ୍ୱ ୨୨୬୯ କୋଟି ଟଙ୍କା ରହିଥିବା ବେଳେ ମୋଟ ଏବିଟଡା ୨୨୯ କୋଟି ଟଙ୍କା ରହିଛି। ୨୦୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଭିତିଭୂମି ନିବେଶ ପାଇଁ ୧୧.୧୧ ଲକ୍ଷ କୋଟି ଟଙ୍କା ଆବଂଟନ କରିଥିବା ବେଳେ ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତାର ବେଗ ମନ୍ଥର ରହିଛି। ଏହାବ୍ୟତୀତ ୨ୟ ତ୍ରୈମାସିକ ସମୟରେ ବ୍ୟାପକ ଓ ବିସ୍ତୃତ ମୌସୁମୀ ସ୍ଥିତି ବିଭିନ୍ନ କ୍ଷେତ୍ରରେ ନିର୍ମାଣ ଗତିବିଧିକୁ ପ୍ରଭାବିତ କରିଥିଲା। ଏଭଳି ଆହ୍ୱାନଗୁଡିକ ସତ୍ତ୍ୱେ କମ୍ପାନୀ ପରିଚାଳନାଗତ ଉତ୍କର୍ଷତା ଉପରେ ଗୁରୁତ୍ୱ ବଜାୟ ରଖିଥିଲା। କମ୍ପାନୀ ଗତ ୧୨ଟି ତ୍ରୈମାସିକରେ ପ୍ରତି ଏମ୍‌ସିଏଲ୍ ପିଛା ୧.୫୪ ଟଙ୍କାରେ ସର୍ବନିମ୍ନ ମିଶ୍ରିତ ଇନ୍ଧନ ଖର୍ଚ୍ଚ ହାସଲ କରିଛି।

## ୧୪ଟି ରୋଗରୁ ସୁରକ୍ଷା ଦେବ ୭ଟି ଜରୁରୀ ଟିକା

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଜୀବନର ପ୍ରଥମ ବର୍ଷରେ ଟୀକାକରଣ ହାର ଉଚ୍ଚ ରହିଥିବା ବେଳେ ଏହି ହାର ଜନ୍ମର ୧ ବର୍ଷ ପରେ ଧିରେ ଧିରେ ହ୍ରାସ ପାଇଥାଏ। ତେଣୁ ଦେଶରେ ବହୁସଂଖ୍ୟକ ପିଲାଙ୍କର ଆଂଶିକ ଟୀକାକରଣ ହୋଇଛି। ପିଲାମାନଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ପାଇଁ ସେମାନଙ୍କ ପାଇଁ ଜନ୍ମର ୧ ବର୍ଷ ପରେ ମଧ୍ୟ ଧାର୍ଯ୍ୟ ସମୟରେ ଟୀକାକରଣ କରାଇବା ଜରୁରୀ ଅଟେ। ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏପି) ୧ରୁ ୨ ବର୍ଷର ପିଲାଙ୍କ ପାଇଁ ୭ଟି ଟୀକାକରଣ କରାଇବାକୁ ପରାମର୍ଶ ଦେଇଛି । ସେଥିମଧ୍ୟରେ ଚିକେନପକ୍ସ ଓ ହେପାଟାଇଟିସ ଏର ଦୁଇଟି ଡୋଜ୍, ମେନିଞ୍ଜିଟିସ୍ ଓ ଏମ୍‌ଏମ୍‌ଆର୍‌ର ୨ୟ ଡୋଜ୍, ପିସିଭି ଓ ଡିଟିପି ଏଚ୍‌ଆଇବି ଆଇପିଭିର ବୁଷ୍ଟର ଡୋଜ୍ ଏବଂ ଫ୍ଲୁର ଏକ ବାର୍ଷିକ ଡୋଜ୍ ସାମିଲ ରହିଛି । ଏହି ୭ଟି ଜରୁରୀ ଟୀକା ଚିକେନପକ୍ସ, ହେପାଟାଇଟିସ ଏ, ହେପାଟାଇଟିସ୍ ବି, ମେନିଞ୍ଜିଟିସ୍, ମିଜିଲ୍‌ସ, ମମ୍ପ୍‌ସ, ରୁବେଲା, ନିମୋନିଆ, ଇନ୍‌ଫ୍ଲୁଏଞ୍ଜା, ଡିପ୍‌ଥେରିଆ, ଟିଟାନସ୍, ପର୍‌ଟୁସିସ, ପୋଲିଓ ଓ ଏଚ୍‌ଆଇବି ଇନ୍‌ଫେକ୍ସନ ଭଳି ୧୪ଟି ରୋଗ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ। ଏହି ଜରୁରୀ ଟୀକାଗୁଡିକର ଆବଶ୍ୟକତା ସମ୍ପର୍କରେ ଏଫ୍‌ଆଇଏପି, ଏଫ୍‌ଏନ୍‌ଏନ୍‌ଏଫ୍ ପିଜିପିଏନ୍ ଏମ୍‌ଡି (ପେଡିଆଟ୍ରିକ୍ସ), ଆଡୋଲେସେଂଟ ପେଡିଆଟ୍ରିକ୍ସ କ୍ଷେତ୍ରରେ ଡବ୍ଲ୍ୟୁଏଚ୍‌ଓ ଫେଲୋସିପ୍, ଭୁବନେଶ୍ୱରରେ ପେଡିଆଟ୍ରିକ୍ସ ଓ ନିଓନାଟୋଲୋଜି କନ୍‌ସଲ୍‌ଟାଂଟ୍ ଡଃ ଆଶୁତୋଷ ମହାପାତ୍ର କହିଛନ୍ତି, ୧ରୁ ୨ ବର୍ଷ ବୟସର ପିଲାମାନଙ୍କଠାରେ ଟୀକା-ପ୍ରତିରୋଧକ ରୋଗଗୁଡିକ କାରଣରୁ ଅନେକ ଜଟିଳତା ଦେଖାଦେଇପାରେ। ତେଣୁ ଏହି ବୟସ ବର୍ଗର ପିଲାମାନଙ୍କ ପାଇଁ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଦ୍ୱାରା ୭ଟି ଟୀକାକରଣ ପାଇଁ ପରାମର୍ଶ ଦିଆଯାଇଛି ଯାହା ୧୪ଟି ରୋଗ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ।

ପିତାମାତା ନିଜ ପିଲାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ସୁନିଶ୍ଚିତ କରିବା ପାଇଁ ସମୟରେ ଟୀକାକରଣ କରିବାକୁ ପ୍ରାଥମିକତା ଦେବା ଉଚିତ୍। ମୁଁ ସେମାନଙ୍କୁ ନିଜର ସ୍ୱାସ୍ଥ୍ୟସେବା ପ୍ରଦାତାଙ୍କ ପରାମର୍ଶ ନେବା ଏବଂ ଟୀକାକରଣ ସୂଚୀ ସମ୍ପର୍କରେ ସୂଚିତ ରହିବା ପାଇଁ ପ୍ରୋତ୍ସାହିତ କରୁଛି। ୧ ବର୍ଷ ବୟସ ପରେ ମଧ୍ୟ ନିଜର ବିକଶିତ ରୋଗପ୍ରତିରୋଧକ ପ୍ରଣାଳୀ କାରଣରୁ ପିଲାମାନେ ବିଭିନ୍ନ ସଂକ୍ରାମକ ରୋଗଗୁଡିକ ପ୍ରତି ସମ୍ବେଦନଶୀଳ ଥାଆନ୍ତି, ଯାହା ସେମାନଙ୍କର ସଂକ୍ରମଣ ଓ ଜଟିଳତା ବିପଦକୁ ବୃଦ୍ଧି କରିଥାଏ । ଏହି ଜଟିଳତା ସେମାନଙ୍କର ଶାରୀରିକ ବିକାଶ ଓ ଗଠନମୂଳକ ଅଭିଜ୍ଞତାରେ ବାଧା ସୃଷ୍ଟି କରିପାରେ ।

# ଯୁଦ୍ଧ ବନ୍ଦ କରିବ ହମାସ



**ତେଲଆଭିଭ:** ଦୀର୍ଘ ଗୋଟିଏ ବର୍ଷ ଧରି ଚାଲି ଆସିଥିବା ହମାସ-ଇସ୍ରାଏଲ ଯୁଦ୍ଧର ଅନ୍ତ ଘଟିପାରେ । ଇସ୍ରାଏଲ ଯୁଦ୍ଧ ବନ୍ଦ କରିବା ନେଇ ଘୋଷଣା କରିବା ପରେ ଏବେ ହମାସ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଛି । କିନ୍ତୁ ଇସ୍ରାଏଲ ପରି ହମାସ ମଧ୍ୟ କିଛି ସର୍ତ୍ତ ରଖିଛି । ଯଦି ଇସ୍ରାଏଲ ଗାଜାରେ ଅକ୍ତିଆର କରିଥିବା ଅଞ୍ଚଳକୁ ଛାଡ଼ିଦିଏ ତେବେ ହମାସ ଆଉ ଯୁଦ୍ଧ କରିବ ନାହିଁ ବୋଲି କହିଛି । ଗାଜା ପଛି ଛାଡ଼ିବା ସହ ଇସ୍ରାଏଲ ସମସ୍ତ ବନ୍ଧକଙ୍କୁ ମୁକ୍ତ କରିବ ଏବଂ ଏହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଫେରିବାକୁ ଅନୁମତି ଦେଲେ ହମାସ ଯୁଦ୍ଧରେ ଅନ୍ତ ଘଟାଇବ ବୋଲି କହିଛି । ସୂଚନା ଅନୁସାରେ, ଗତକାଲି ହମାସ ପ୍ରତିନିଧି ଦଳ ଇଜିପ୍ଟର ରାଜଧାନୀ କାଇରୋରେ ଅଧିକାରୀମାନଙ୍କ ସହ ଗାଜା ଅସ୍ତ୍ରବିରତି ଉଲ୍ଲଂଘନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହାପରେ ହମାସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସେ ଇଜିପ୍ଟର ଅଧିକାରୀମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତୁତ ଥିବା ଜଣାଇଛନ୍ତି । ଯଦି ଇସ୍ରାଏଲ ଅସ୍ତ୍ରବିରତି ଚୁକ୍ତିରେ ରାଜି ହୁଏ ତେବେ ଏହା ସମ୍ଭବ ହୋଇପାରିବ । ସେପଟେ ନିକଟରେ ଇସ୍ରାଏଲ ମଧ୍ୟ ଯୁଦ୍ଧ ଅନ୍ତ ନେଇ ଘୋଷଣା କରିଥିଲା । ପ୍ରଧାନମନ୍ତ୍ରୀ ନ୍ୟାତାନ୍ୟାହୁ କହିଥିଲେ, ହମାସ ସମସ୍ତ ବନ୍ଧୁକଙ୍କୁ ଛାଡିଲେ ଇସ୍ରାଏଲ-ହମାସ ଯୁଦ୍ଧ ଶେଷ ହୋଇଯିବ । ଇସ୍ରାଏଲ ସେନାର କହିବା ଅନୁସାରେ, ଗତ ବର୍ଷ ଅକ୍ଟୋବର ୭ ଆକ୍ରମଣରେ ହମାସ ୨୫୧ ଜଣଙ୍କୁ ବନ୍ଧକ ରଖିଥିଲା । ସେମାନଙ୍କ ମଧ୍ୟରୁ ୯୭ ଜଣ ଗାଜାରେ ଥିବାବେଳେ ୩୪ ଜଣଙ୍କ ମୃତ୍ୟୁ ହୋଇଛି ।

## ଆତଙ୍କୀ ହମଲା: ପାକ୍‌କୁ ଦାୟୀ କଲେ ଫାରୁକ



**ଶ୍ରୀନଗର:** ଜମ୍ମୁ-କଶ୍ମୀରରେ କ୍ରମାଗତ ବଢୁଥିବା ଆତଙ୍କବାଦୀ ହମଲା ପାଇଁ କ୍ଷମତାସୀନ ନ୍ୟାଶନାଲ କନଫରେନ୍ସର ବସ୍ ଫାରୁକ ଅବଦୁଲ୍ଲା ପାକିସ୍ତାନକୁ ଦାୟୀ କରିଛନ୍ତି । ଉପତ୍ୟକାରେ ଘଟୁଥିବା ଆତଙ୍କବାଦୀର ମୂଳ ପାକିସ୍ତାନରେ ରହିଛି ଓ ଇସଲାମାବାଦ ଏହା ଉପରେ ରୋକ ଲଗାଉ ବୋଲି ସେ କହିଛନ୍ତି । ଏହାବାଦ ପାକିସ୍ତାନକୁ ବନ୍ଧୁତା ସ୍ଥାପନ ପାଇଁ ବାଟ କରିବାକୁ ମଧ୍ୟ ଫାରୁକ ପରାମର୍ଶ ଦେଇଛନ୍ତିଛଫାରୁକ ଅବଦୁଲ୍ଲା କହିଛନ୍ତି, ଆମେ ଉପଯୁକ୍ତ ସମାଧାନର ରାସ୍ତା ନ ପାଇବା ଯାଏ ରାଜ୍ୟରେ ଏପରି ଆତଙ୍କବାଦୀ ହମଲା ଜାରି ରହିଥିବ । ଆମେ ସମସ୍ତେ ଏହାର ମୂଳ କେଉଁଠି, ସେକଥା ଜାଣିଛେ । ଦୀର୍ଘ ୩୦ ବର୍ଷ ହେଲାଣି ମୁଁ ନିରୀହ ଲୋକଙ୍କ ହତ୍ୟାର ସାକ୍ଷୀ ରହିଛି । କାହିଁକି ପାକିସ୍ତାନ ଏସବୁ କରୁଛି । ସେମାନେ ନିଜର ଭବିଷ୍ୟତକୁ ବିପଦରେ ପକାଉଛନ୍ତି । ଆମେ ପାକିସ୍ତାନର ଅଂଶ ହେବୁ ନାହିଁ, ତଥାପି ସେମାନେ କାହିଁକି ଏମିତି କରୁଛନ୍ତି?ଆମର ଅନେକ ସହକର୍ମୀ ସହିଦ ହୋଇଛନ୍ତି । କିନ୍ତୁ ପ୍ରତିବର୍ଷ ଏପରି ଘଟୁଛି ଓ ଆପଣମାନେ ଜାଣିଛନ୍ତି, ଏଥିପାଇଁ ଦାୟୀ କିଏ? ସେମାନେ ନିଜ ଦେଶରେ ଘଟୁଥିବା ସମସ୍ୟାକୁ ଦେଖୁନାହାନ୍ତି । ମୁଁ ସେମାନଙ୍କୁ ଏସବୁ ବନ୍ଦ କରିବା ପାଇଁ ଆହ୍ୱାନ ଦେଉଛି ଓ ବନ୍ଧୁତା କେମିତି ହେବ, ତା'ର ବାଟ ବାହର କରନ୍ତୁ । ନଚେତ ପ୍ରସଙ୍ଗ ଏମିତି ଉଠି ଚାଲିଥିବ । ଆତଙ୍କୀ ହମଲାରେ ଆହତ ଓ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ସମବେଦନା ଜଣାଉଛି ।

## କମାଣ୍ଡୋ ଷ୍ଟାଇଲରେ ଅପରେସନ

### ଜବତ ହେଲା ୧୦୮ କେଜି ସୁନା



**ଥୀରୁଭାନ୍ତପୁରମ:** କେରଳରେ ଗୁଇନ୍ଦା ବିଭାଗ ଓ ରାଜ୍ୟ ଜିଏସଟି ବିଭାଗ କମାଣ୍ଡୋ ଷ୍ଟାଇଲରେ ଅପରେସନ କରି ବିପୁଳ ପରିମାଣର ସୁନା ଜବତ କରିଛି । ରାତି ତମାମ ୭୮ଟି ସୁନା ଅଳଙ୍କାର ତିଆରି ହେଉଥିବା ୟୁନିଟରେ ରେଡ୍ କରି ଅଧିକାରୀମାନେ ସେଠାରେ ବେଆଇନ ଭାବେ ଗଚ୍ଛିତ ୧୦୮ କେଜି ସୁନା ଜବତ କରିବାକୁ ସକ୍ଷମ ହୋଇଛନ୍ତି । ଦୁଇ ବିଭାଗ ପକ୍ଷରୁ କରାଯାଇଥିବା ରେଡର କୋଡ ନାଁ ଟାୱାର ଅଫ ଗୋଲ୍ଡ ରଖାଯାଇଥିଲା । ବୁଧବାର ଅପରାହ୍ନ ୪.୩୦ରୁ ଆରମ୍ଭ ହୋଇଥିଲା ଅପରେସନ । ଏହା ଗୁରୁବାର ଦିନ ୧୧ଟା ଯାଏ ଚାଲିଥିଲା । ଅପରେସନରେ ୭୦୦ରୁ ଅଧିକ ଅଧିକାରୀ ସାମିଲ ହୋଇଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏମାନେ କାମ କରୁଥିବା ବେଳେ ସମସ୍ତଙ୍କୁ ଥ୍ରୀସୁରରେ ଛୁଟି କାଟିବା ନାଁରେ ଡକା ଯାଇଥିଲା । ଏହାଦ୍ୱାରା ଅପରେସନର ଗୋପନୀୟତା ବଜାୟୀ ରହିଥିଲା । ସମସ୍ତେ ଏକାଠି ହେବା ପରେ ପୂରା ଯୋଜନାକୁ ସାର୍ବଜନୀନ କରାଯାଇଥିଲା । ଏହାପରେ ଏକକାଳୀନ ଆରମ୍ଭ ହୋଇଥିଲା ରେଡ୍ । ଜିଏସଟି ସ୍ପେଶାଲ କମିଶନର ରେନ୍ ଆବ୍ରାହମ କହିଛନ୍ତି, ବଡ଼, ମଧ୍ୟମ ଓ ଛୋଟ ସବୁ ପ୍ରକାରର ୟୁନିଟରେ ରେଡ କରାଯାଇଥିଲା । ଏହି ୟୁନିଟ ମଧ୍ୟରୁ ଗୋଟିଏର ମାଲିକ ୧୨ ଶହ କୋଟି ଟଙ୍କାର ଠକେଇ କରିଥିବା ସ୍ୱୀକାର କରିଛନ୍ତି । ବିଭାଗ ପକ୍ଷରୁ ଗତ ୫ ବର୍ଷ ମଧ୍ୟରେ ଅଘୋଷିତ ଷ୍ଟକ ଓ ଅଘୋଷିତ ବିକ୍ରି ତଥ୍ୟର ଯାଞ୍ଚ କରାଯାଇଥିଲା । କିଛି କମ୍ପାନୀର ଅଘୋଷିତ ଆୟ ୧୦ କୋଟି ଟଙ୍କାରୁ କମ । ସେମାନଙ୍କ ଠିକଣାରୁ ବେଶୀ କିଛି ଷ୍ଟକ ମିଳିନି । ତେବେ ଆଉ କିଛି କମ୍ପାନୀରୁ ବିପୁଳ ପରିମାଣର ଅଘୋଷିତ ସୁନା ଜବତ ହୋଇଛି । ମୋଟ ଉପରେ ଏଯାଏ ୧୦୮ କେଜି ସୁନା ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି ।ଜବତ ହୋଇଥିବା ସୁନାଗୁଡ଼ିକ ଟ୍ରେଜରୀକୁ ପଠାଯିବ ।

## ନିର୍ବାଚନ ପୂର୍ବରୁ ଗାଡ଼ିରୁ ମିଳିଲା ୧୩୮ କୋଟିର ସୁନା

**ପୁଣେ:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ବିଭିନ୍ନ ଗାଡ଼ି ଯାଞ୍ଚକୁ ଜୋରଦାର କରିଛି ପୁଲିସ । ପୁଣେରେ ଏପରି ଏକ ଯାଞ୍ଚ ଚାଲିଥିବାବେଳେ ଏକ ଗାଡ଼ିରୁ ୧୩୮ କୋଟି ଟଙ୍କା ମୂଲ୍ୟର ସୁନା ମିଳିଛି । ଏହା ଦେଖି ପୁଲିସ ତାଜୁବ ହୋଇଯାଇଛି । ଏହି ସୁନାକୁ ଜବତ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ପୁଲିସର ସୂଚନା ଅନୁସାରେ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଜିଲ୍ଲା ସୀମାରେ ଯାନବାହନ ଯାଞ୍ଚ କରାଯାଉଛି । ପୋଲିସ ତଦନ୍ତରୁ ଜଣାପଡିଛି ଯେ ଗାଡ଼ିର ଡ୍ରାଇଭର ମୁମ୍ବାଇରୁ ସୁନା ନେଇ ଆସୁଥିଲେ । ଚେକପୋଷ୍ଟରେ ପୁଲିସ ଗାଡ଼ି ଅଟକାଇ ଖାନତଲାସୀ କରିଥିଲା । ଏତିକିବେଳେ ସୁନା ଥିବା ସନ୍ଧାନ ପାଇଥିଲା ପୁଲିସ ।ଏଠାରେ ପ୍ରଶ୍ନ ଉଠୁଛି, କିଏ ୧୩୮ କୋଟି ଟଙ୍କାର ସୁନାର ମାଲିକ? ଏଥିରେ କୌଣସି ରାଜନୈତିକ ଦଳର ସଂପୃକ୍ତି ଅଛି କି ? ପୁଲିସ ଓ ଆୟକର ବିଭାଗ ଟିମ୍ ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି । ରାଜ୍ୟରେ ନିର୍ବାଚନ ଆଚରଣ ବିଧି ମଧ୍ୟରେ ୧୩୮ କୋଟି ଟଙ୍କାର ସୁନା ଜବତ ହେବା ପରେ ହଇଚଇ ସୃଷ୍ଟି ହୋଇଛି ।



## ଜଳିଗଲା ଟେସଲା କାର୍, ୪ ଭାରତୀୟ ମୃତ



**ୱାଶିଂଟନ:** ଏଲନ ମସ୍କଙ୍କ କମ୍ପାନୀ ଟେସଲାର ଗୋଟିଏ କାର ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଦୁର୍ଘଟଣା ପରେ ଗାଡ଼ିରେ ନିଆଁ ଲାଗି ଯିବାରୁ ଏହା ଭିତରେ ଥିବା ୪ ଭାରତୀୟ ପ୍ରାଣ ହରାଇଛନ୍ତି । କାନାଡାର ଟୋରୋଣ୍ଟୋରେ ଗୁରୁବାର ମଧ୍ୟରାତ୍ର ପରେ ଏପରି ଘଟଣା ଘଟିଛି । କାରଟି ଡିଭାଇଡରରେ ପିଟି ହୋଇଯିବାରୁ ଏତେ ବଡ଼ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତେବେ ଟେସଲାର ଏହି କାରକୁ ଡ୍ରାଇଭର ଚଳାଉଥିଲେ ନା ଏହା ସେଲଫ ଡ୍ରାଇଭିଂ ମୋଡରେ ଥିଲା, ସେକଥା ସ୍ପଷ୍ଟ ହୋଇନି ।ମୃତକଙ୍କ ମଧ୍ୟରେ ଥିବା ୩୦ ବର୍ଷୀୟ କେତା ଗୋହିଲ ଓ ୨୬ ବର୍ଷୀୟ ନିଲ ଗୋହିଲ ହେଉଛି ଦୁଇ ଭଉଣୀ ।ଏମାନଙ୍କ ଘର ଗୁଜରାଟର ଗୋଧ୍ରାରେ ।ଏମାନେ ଆଉ ୨ ଜଣ ଭାରତୀୟ ଯୁବକଙ୍କ ସହ ଯାଉଥିଲେ । ଦୁର୍ଘଟଣାରେ ସମସ୍ତଙ୍କର ମୃତ୍ୟୁ ହୋଇଛି । ୨ ଯୁବକଙ୍କ ମଧ୍ୟରୁ ଜଣେ ନିକଟରେ କାନାଡାର ନାଗରିକତା ମଧ୍ୟ ଗ୍ରହଣ କରିଥିଲେ ।

ପୁଲିସ୍ କହିଛି ଯେ ୪ ଜଣ ଯାକ ଯାଉଥିବା ଟେସଲାଟି ପ୍ରଥମେ ଗୋଟିଏ ଡିଭାଇଡରରେ ପିଟି ହୋଇଥିଲା । ଏହାର ବେଗ ଅଧିକ ଥିବାରୁ ବ୍ୟାଟେରୀରେ ନିଆଁ ଲାଗି ଯାଇଥିଲା । ଫଳରେ କାର ଭିତରେ ଥିବା ସମସ୍ତ ୪ ଜଣଙ୍କ ମୃତ୍ୟୁ ଘଟଣାସ୍ଥଳରେ ହିଁ ହୋଇଥିଲା ।ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଦୁର୍ଘଟଣା ପୀଡ଼ିତଙ୍କୁ ସହଯୋଗ କରିବା ପାଇଁ ଅନେକ କାର ରାସ୍ତାରେ ଅଟକି ଥିଲା । ସେମାନଙ୍କ ମଧ୍ୟ କିଛି ଜଣ ଜଳୁଥିବା କାରର କାଚକୁ ଭାଙ୍ଗି ତା' ଭିତରେ ଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରିଥିଲେ । ହେଲେ ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ କାହାକୁ ବି କାର ମଧ୍ୟରୁ ଜୀବନ୍ତ ଉଦ୍ଧାର କରାଯାଇ ପାରି ନଥିଲା ।

## ଏସବିଆଇ ରିପୋର୍ଟ: କମୁଛି ଆୟ ଅସମାନତା

**ନୂଆଦିଲ୍ଲୀ:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଏକ ସଦ୍ୟତମ ରିପୋର୍ଟ ମୁତାବକ, ଦେଶରେ ଟିକସ ସରଳୀକରଣ ପଦକ୍ଷେପ କାରଣରୁ ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ ବୃଦ୍ଧି ପାଇଛି । ଟିକସ ଆକଳନ ବର୍ଷ ୨୦୧୫ରୁ ୨୦୨୪ ମଧ୍ୟରେ ଆୟ ବିତରଣରେ ସକାରାତ୍ମକ ପରିବର୍ତ୍ତନକୁ ପ୍ରଦର୍ଶିତ କରୁଛି ।ଉଲ୍ଲେଖଯୋଗ୍ୟ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଆୟ ଅସମାନତା ୭୪.୨% ହ୍ରାସ ପାଇଛି, ଯାହା ଦର୍ଶାଉଛି ଯେ ସରକାରୀ ପଦକ୍ଷେପ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ରୋଜଗାର ବୃଦ୍ଧି କରୁଛି ।ଏସବିଆଇ ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ବିଷୟରେ ଅବତାରଣା କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ, ଭାରତର ପ୍ରଗତିଶୀଳ ଟିକସ ବ୍ୟବସ୍ଥା କାରଣରୁ ୨୦୨୪ ଆକଳନ ବର୍ଷରେ ମୋଟ୍ ଟିକସ ରାଜସ୍ୱରେ ପ୍ରତ୍ୟକ୍ଷ ଟିକସ ପରିମାଣ ୫୬.୭% ରହିଛି, ଯାହାକି ୧୪ ବର୍ଷ ମଧ୍ୟରେ ସର୍ବାଧିକ । ୨୦୨୧ ଆର୍ଥିକ ବର୍ଷରୁ ବ୍ୟକ୍ତିଗତ ଆୟକର (ପିଆଇଟି) ଆଦାୟ କର୍ପୋରେଟ୍ ଆୟକର (ସିଆଇଟି)କୁ ପଛରେ ପକାଇ ଦେଇଛି । ଏହା ସିଆଇଟିର ୩% ତୁଳନାରେ ୬% ହାରରେ ବୃଦ୍ଧି ପାଇଛି ।

୨୦୨୪ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ ୬.୬୪% ରେ ପହଞ୍ଚିଛି, ଯାହାକି ୨୦୦୦-୦୧ ପରଠାରୁ ସର୍ବାଧିକ । ପ୍ରତ୍ୟକ୍ଷ ଟିକସ ଆଦାୟ ପୂର୍ବ ଆର୍ଥିକ ବର୍ଷରେ ୧.୨୫ରୁ ୧.୮୬କୁ ବୃଦ୍ଧି ପାଇଛି । ଏହାବ୍ୟତୀତ ୨୦୨୪ ଆର୍ଥିକ ବର୍ଷରେ ଟିକସ ଆଦାୟ ଖର୍ଚ୍ଚ ୦.୪୪%କୁ ହ୍ରାସ ପାଇଛି, ଯାହାକି ୨୦୨୩ ଆର୍ଥିକ ବର୍ଷରେ ୦.୫୧% ଥିଲା । ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ମଧ୍ୟରେ ୫ଟି ରାଜ୍ୟରୁ ୭୦%ରୁ ଅଧିକ ଟିକସ ଆଦାୟ କରାଯାଇଛି । ଏହି ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ୩୮.୯% ସହ ସବୁଠୁ ଆଗରେ ଥିବାବେଳେ କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ ଏବଂ ଗୁଜରାଟ ଏହା ପଛକୁ ରହିଛନ୍ତିଛ ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମୁଣ୍ଡପିଛା ଟିକସ ଅବଦାନ ଜାତୀୟ ହାରାହାରିଠାରୁ ଅଧିକ ରହିଥିବା ଏସବିଆଇ ରିପୋର୍ଟରେ ଦର୍ଶାଯାଇଛିଛ ଅପରପକ୍ଷରେ ରାଜସ୍ଥାନ, ପଞ୍ଜାବ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ମୁଣ୍ଡପିଛା ପ୍ରତ୍ୟକ୍ଷ ଟିକସ କମ୍ ଓ ମୁଣ୍ଡପିଛା ଆୟ କମ୍ ରହିଛି । ୨୦୨୫ ଆକଳନ ବର୍ଷରେ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ୯କୋଟି ଅତିକ୍ରମ କରିଯିବ ବୋଲି ଆଶା କରାଯାଉଛି ।

## ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ବୈଠକ



**ନୂଆଦିଲ୍ଲୀ:** ଗତ ଦୁଇ ବର୍ଷ ମଧ୍ୟରେ ଭାରତ-ଜର୍ମାନୀ ରଣନୈତିକ ଭାଗିଦାରିର ବିଭିନ୍ନ କ୍ଷେତ୍ରରେ ଉତ୍ସାହଜନକ ଅଗ୍ରଗତି ହୋଇଛି । ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ, ଶକ୍ତି ଏବଂ ସବୁଜ ଓ ନିରନ୍ତର ବିକାଶ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାରସ୍ପରିକ ବିଶ୍ୱାସର ପ୍ରତୀକ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ବିଶ୍ୱ ଏବେ ଉତ୍ତେଜନା, ସଂଘର୍ଷ ଓ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାସନ ଏବଂ ନାଭିଗେସନ୍‌ର ସ୍ୱାଧୀନତାକୁ ନେଇ ମଧ୍ୟ ଗମ୍ଭୀର ଉଦବେଗ ପ୍ରକାଶ ପାଇଛି । ଏଭଳି ସମୟରେ ଭାରତ ଓ ଜର୍ମାନୀ ମଧ୍ୟରେ ରଣନୈତିକ ଭାଗିଦାରୀ ଏକ ମଜଭୁତ ଆଙ୍କର ଭାବେ ଉଭା ହୋଇଛି । ଏହା ଏକ କାରବାର ସମ୍ପର୍କ ନୁହେଁ ଏହା ହେଉଛି ଦୁଇ ଦକ୍ଷ ଏବଂ ଶକ୍ତିଶାଳୀ ଗଣତନ୍ତ୍ର ମଧ୍ୟରେ ଏକ ପରିବର୍ତ୍ତନଶୀଳ ଭାଗିଦାରୀ ।ଏହା ଏକ ଭାଗିଦାରୀ ଯାହା ବିଶ୍ୱ ସମୁଦାୟ ଏବଂ ମାନବତା ପାଇଁ ଏକ ସ୍ଥିର, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ଯୋଗଦାନ କରୁଛି । ଏହି ପରିପ୍ରେକ୍ଷୀରେ ଗତ ସପ୍ତାହରେ ଜାରି 'ଫୋକସ୍ ଅନ୍ ଇଣ୍ଡିଆ' ରଣନୀତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ପ୍ରଧାନମନ୍ତ୍ରୀ କହିଛନ୍ତି ଆମର ଭାଗିଦାରୀକୁ ବିସ୍ତାର ଏବଂ ଉନ୍ନତ କରିବା ପାଇଁ ଅନେକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛୁ ।ଆମେ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟରୁ ଏକ ସମଗ୍ର ରାଷ୍ଟ୍ର ଆଭିମୁଖ୍ୟ ଆଡକୁ ଅଗ୍ରସର ହେଉଛୁ ।

ଆମେ ବର୍ତ୍ତମାନ ଜର୍ମାନ ବ୍ୟବସାୟର ଏସିଆ-ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଛୁ, ଏବଂ ଖୁବ୍ ଶୀଘ୍ର, ଆମେ ସିଇଓ ଫୋରମରେ ମଧ୍ୟ ଅଂଶଗ୍ରହଣ କରିବୁ । ଏହା ଆମ ସହଯୋଗକୁ ଆହୁରି ସୁଦୃଢ଼ କରିବ ।

## ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାଇଁ ଚୁକ୍ତିନାମା



**ମୁମ୍ବାଇ, :** ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କମ୍ପାନୀ ଏନଭିଡିଆର ମୁଖ୍ୟ ଜେନସେଙ୍ଗ ହୁଆଙ୍ଗ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି ଯେ ଉଭୟ କମ୍ପାନୀ ଭାରତରେ ଏଆଇ ଆଣିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ୍ ସେଣ୍ଟରରେ ଉଭୟ ଏହି ଘୋଷଣା କରିଛନ୍ତି ଯେଉଁଠାରେ ଅକ୍ଟୋବର ୨୩ରୁ ୨୫ ପର୍ଯ୍ୟନ୍ତ 'ଏନଭିଡିଆ ସମିଟ ଇଣ୍ଡିଆ' କାର୍ଯ୍ୟକ୍ରମ ଚାଲିଛି । ଅମ୍ବାନୀ କହିଛନ୍ତି ଯେ ଜିଓ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଡାଟା କମ୍ପାନୀରେ ପରିଣତ ହୋଇଛି । ଏନଭିଡିଆ ପ୍ରତିଷ୍ଠାତା ତଥା ସିଇଓ ଜେନସେଙ୍ଗ ହୁଆଙ୍ଗ ଘୋଷଣା କରିଛନ୍ତି ଯେ ରିଲାଏନ୍ସ ଏବଂ ଏନଭିଡିଆ ମିଳିତ ଭାବେ ଭାରତରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ସୃଷ୍ଟି କରୁଛନ୍ତି ।ଏହି ସହଭାଗିତା ଭାରତକୁ ଏଆଇ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

ଜେନସେଙ୍ଗ ହୁଆଙ୍ଗଙ୍କୁ ଭାରତକୁ ସ୍ୱାଗତ କରି ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତର ବଡ଼ ସ୍ୱପ୍ନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଡିଜିଟାଲ ବିପ୍ଳବର ଏକ ନୂଆ ଯୁଗରେ ପ୍ରବେଶ କରୁଛି । ଭାରତକୁ ଏକ ଡିପ୍ ଟେକ୍ନୋଲୋଜି ହବ୍ କରିବା ଦିଗରେ ମୁକେଶ ଅମ୍ବାନୀଙ୍କ ଉଦ୍ୟମକୁ ଏନଭିଡିଆ ପ୍ରତିଷ୍ଠାତା ତଥା ସିଇଓ ଜେନସେଙ୍ଗ ହୁଆଙ୍ଗ ପ୍ରଶଂସା କରିଛନ୍ତି ।

## ଏନଆଇଏ ହିଟ୍ ଲିଷ୍ଟରେ ଲରେନ୍ସ ବିଷ୍ଣୋଇ ଭାଇ

### ଧରାଇ ଦେଲେ ଦେବ ୧୦ ଲକ୍ଷ



**ନୂଆଦିଲ୍ଲୀ :** ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ )ର ମୋଷ୍ଟ-ୱାଣ୍ଟେଡ ତାଲିକାରେ ଯୋଡ଼ି ହୋଇଛି ନୂଆ ନାଁ । ଜେଲରେ ଥିବା ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇକୁ ଖୋଜୁଛି ଏନଆଇଏ । ଅନମୋଲକୁ ଧରାଇ ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦେବା ନେଇ ଘୋଷଣା କରିଛି ତଦନ୍ତକାରୀ ସଂସ୍ଥା । ଆତଙ୍କବାଦ ବିରୋଧୀ ଏଜେନ୍ସି ମଧ୍ୟ ଅନମୋଲ ବିଷ୍ଣୋଇକୁ ଗିରଫ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି । ବଲିଉଡ ଅଭିନେତା ସଲମାନ ଖାନଙ୍କ ମୁମ୍ବାଇ ସ୍ଥିତ ବାସଭବନ ବାହାରେ ଘଟିଥିବା ଗୁଳି ବିନିମୟ ଘଟଣାରେ ଅନମୋଲକୁ ଖୋଜୁଛି ଆଣ୍ଟି-ଟେରର୍ ଏଜେନ୍ସି । ଏପ୍ରିଲରେ ସଲମାନ ଖାନଙ୍କ ବାନ୍ଦ୍ରା ସ୍ଥିତ ବାସଭବନ ବାହାରେ ଗୁଳି ବିନିମୟ ହୋଇଥିଲା । ଏହି ମାମଲାରେ ଅଭିଯୁକ୍ତଙ୍କ ମଧ୍ୟରେ ଅନମୋଲ, ସାବରମତି ସେଣ୍ଟ୍ରାଲ୍ ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ଏବଂ କାନାଡା ଭିତ୍ତିକ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍ ଅଛନ୍ତି । ନାଭି ମୁମ୍ବାଇ ପୁଲିସ ଉକ୍ତ ମାମଲାରେ ପାଞ୍ଚ ଜଣ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ - ଧନଞ୍ଜୟ ଓରଫ୍ ଅଜୟ କାଶ୍ୟପ, ଗୌରବ ଭାଟିଆ, ୱାସପି ଖାନ ଓରଫ୍ ୱାସିମ ଚିକନା, ରିଜୱାନ ଖାନ ଓରଫ୍ ଜାଭେଦ ଏବଂ ଦୀପକ ହାୱା ସିଂହ ଓରଫ୍ ଜନଙ୍କୁ ଗିରଫ କରିଛ । ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକଙ୍କ ହତ୍ୟା ମାମଲାରେ ମଧ୍ୟ ଅନମୋଲ ବିଷ୍ଣୋଇର ନାଁ ରହିଛି । ଅକ୍ଟୋବର ୧୨ରେ ୬୬ ବର୍ଷୀୟ ଏନସିପି ନେତାଙ୍କୁ ତାଙ୍କ ପୁଅ ବିଧାୟକ ଜିଶାନ ସିଦ୍ଦିକଙ୍କ କାର୍ଯ୍ୟାଳୟ ବାହାରେ ଗୁଳି କରି ହତ୍ୟା କରା ଯାଇଥିଲା । କଡ଼ା ସୁରକ୍ଷା ସତ୍ତ୍ୱେ ତିନି ଜଣ ଦୁର୍ବୃତ୍ତ ସର୍ବ ସମ୍ମୁଖରେ ସିଦ୍ଦିକିଙ୍କୁ ହତ୍ୟା କରିଥିଲେ । ପୁଲିସ ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଅନ୍ୟମାନଙ୍କୁ ଖୋଜାଖୋଜି କରୁଛ । ଏପରି ସମୟରେ ଲରେନ୍ସ ବିଷ୍ଣୋଇ ଭାଇ ନାଁରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ।

# ବ୍ୟାକ୍‌ଫୁଟରେ ଟିମ୍ ଇଣ୍ଡିଆ

ପୁନେ,୨୫।୧୦ (ଏଜେନ୍ସି): ପୁନେ ଟେଷ୍ଟରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ କମାଲ କରିଛି । ବ୍ୟାଟିଂ ଓ ବୋଲିଂ ବିଭାଗରେ ପ୍ରଭାବୀ ପ୍ରଦର୍ଶନ ଦେଖାଇ ଭାରତକୁ ସମ୍ପୂର୍ଣ୍ଣରୂପେ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି ନ୍ୟୁଜିଲାଣ୍ଡ । ୱାଶିଂଟନ୍ ସୁନ୍ଦରଙ୍କୁ ଛାଡି ଦେଲେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ କୌଣସି ଭାରତୀୟ ଖେଳାଳି ଆଶା ଅନୁସାରେ ପ୍ରଦର୍ଶନ କରିପାରିନାହାନ୍ତି । ଦ୍ୱିତୀୟ ଦିନ ଉଭୟ ଦଳର ୧୪ ୱିକେଟ୍ ଝଡିଛି । ବିଶେଷ କରି ବ୍ୟାଟରମାନେ ନିରାଶ କରିଛନ୍ତି । ନ୍ୟୁଜିଲାଣ୍ଡ ପୁଣିଥରେ ପୁନେରେ ଭାରତଠାରୁ ମ୍ୟାଚ ଛଡାଇ ନେଇଛି । ସ୍ପିନକୁ ପୁଞ୍ଜି କରି ଦକ୍ଷତା ଦେଖାଇଥିବା ଭାରତ ଏବେ ଦଳର ବ୍ୟାଟରମାନେ ସେହି ସ୍ପିନ ଝାଳରେ ଫସିଛନ୍ତି । ପୁନେ ଟେଷ୍ଟର ଦ୍ୱିତୀୟ ଦିନ ଭାରତ ତାର ପ୍ରଥମ ଇନିଂସରେ ୯ ୱିକେଟ୍ ହରାଇଥିବା ବେଳେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇଛି । ଏପରି ମୋଟ୍ ୧୪ ୱିକେଟ୍ ଝଡିଛି । ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲାଣ୍ଡ ୫ ୱିକେଟ୍ ହରାଇ ୧୯୮ ରନ୍ କରିବା ସହ ଟର୍ଣ୍ଣିଂ ଟ୍ରାକରେ ୩୦୧ ରନ୍‌ର ବିଶାଳ ଲିଡ୍ ନେଇଛି । ଫଳରେ ପ୍ରଥମ ଇନିଂସରେ ମାତ୍ର ୧୫୬ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ଭାରତ ଚିନ୍ତା ଦ୍ୱିଗୁଣିତ ହୋଇଛି । ଷ୍ଟମ୍ପ ବେଳକୁ ନ୍ୟୁଜିଲାଣ୍ଡର ଗ୍ଲେନ୍‌ଫିଲିପ୍ସ ୯ ରନ୍ ଓ ଟମ୍ ବ୍ଲଣ୍ଡେଲ ୩୦ ରନ୍ କରି ଅପରାଜିତ ଥିଲେ । ନ୍ୟୁଜିଲାଣ୍ଡ ହାତରେ ଆଉ ୫ ୱିକେଟ୍ ସୁରକ୍ଷିତ ଥିବାରୁ ଦଳ ବଡ଼ ସ୍କୋର କରିବାକୁ ଚେଷ୍ଟା କରିଥିଲେ । ପ୍ରଥମ ଇନିଂସରେ ୭ ୱିକେଟ୍ ଅକ୍ତିଆର କରିଥିବା ୱାଶିଂଟନ ସୁନ୍ଦର ଭଲ ପ୍ରଦର୍ଶନ କରି ଦ୍ୱିତୀୟ ଇନିଂସରେ ମଧ୍ୟ ୪ ୱିକେଟ୍ ଦଖଲ କରିଛନ୍ତି । ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି ।

ପ୍ରଥମ ଦିନ ନ୍ୟୁଜିଲାଣ୍ଡ ୨୫୯ ରନ୍ କରି ଅଲ୍‌ଆଉଟ୍ ହେବା ପରେ ଭାରତ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ପ୍ରଥମ ଦିନ ଖେଳ ଶେଷ ସୁଧା ଭାରତ ଅଧିନାୟକ ରୋହିତ ଶର୍ମାଙ୍କ ୱିକେଟ୍ ହରାଇ ୧୬ ରନ୍ କରିଥିଲା । ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶୁଭମନ ଗିଲ ୩୦ ରନ୍ କରି ଆଉଟ ହେବା ପରେ ଆଉଟ ହେବା ପରେ ପରବର୍ତ୍ତୀ ବ୍ୟାଟର କେବଳ ଉପସ୍ଥାନ ପକାଇବାକୁ ପଡିଆକୁ ଆସିଥିଲେ । ମିଚେଲ ସାଣ୍ଟନରଙ୍କ ଘାତକ ବୋଲିଂ ଯୋଗୁଁ ଭାରତୀୟ ବ୍ୟାଟର ବେଶି ସମୟ ପଡ଼ିଆରେ ରହିପାରିନଥିଲେ । ବିରାଟ କୋହଲି ୧, ସର୍ଫରାଜ ଖାନ୍ ୧୧, ରବିନ୍ଦ୍ର ଜାଡେଜା ୩୮, ରବିଚନ୍ଦ୍ରନ ଅଶ୍ୱିନ ୪, ଆକାଶଦୀପ ୬ ଓ ଯଶପ୍ରୀତ ବୁମରା ବିନା ସ୍କୋରରେ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ । ସାଣ୍ଟନର ୫୩ ରନ୍ ବ୍ୟୟରେ ୭ ୱିକେଟ୍ ଅକ୍ତିଆର କରିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସାଣ୍ଟନରଙ୍କ ବ୍ୟତୀତ ଗ୍ଲେନ୍ ଫିଲିପ୍ସ ଭଲ ବୋଲିଂ କରି ଓପନର ଯଶସ୍ୱୀ ଜୟସ୍ୱାଲ (୩୦) ଓ ରିଷଭ ପନ୍ତ (୧୮)ଙ୍କୁ ଆଉଟ୍ କରିଥିଲେ । ପୂର୍ବରୁ ଟିମ୍ ସାଉଦୀଙ୍କ ବଲରେ ରୋହିତ ଶର୍ମା ବିନା ସ୍କୋରରେ ଆଉଟ୍ ହୋଇଥିଲେ ।

ଭାରତର ପ୍ରଥମ ଇନିଂସ ୧୫୬ ରନ୍‌ରେ ଶେଷ ହେବା ପରେ ନ୍ୟୁଜିଲାଣ୍ଡ ୧୦୩ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ନ୍ୟୁଜିଲାଣ୍ଡ ଓଭର ପିଛା ୪ ରନ୍‌ରୁ ଅଧିକ ହାରରେ ରନ୍ ସଂଗ୍ରହ କରିଥିଲା । ୱାଶିଂଟନ୍ ୪ ୱିକେଟ୍ ଦଖଲ କରିଥିଲେ ହେଁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ନାଥମ ୮୬ ରନ୍‌ର ଇନିଂସ ଖେଳି ଅଗ୍ରଣୀ ରନ୍‌କୁ ୩୦୧ରେ ପହଞ୍ଚାଇଥିଲେ । ତାଙ୍କ ବ୍ୟତୀତ ଦେବନ କନୱେ ୧୭, ୱିଲିଂୟଙ୍ଗ ୨୩, ରଚିନ୍ଦ ରବିନ୍ଦ୍ର ୯, ଡାରେଲ ମିଚେଲ ୧୮ ରନ୍ କରିଥିଲେ । ୱିଲୟଙ୍ଗଙ୍କୁ ଅଶ୍ୱିନ ଆଉଟ୍ କରିଥିବା ବେଳେ ଅବଶିଷ୍ଟ ୪ଟି ୱିକେଟ୍ ୱାଶିଂଟନ ସୁନ୍ଦରଙ୍କ ଖାତାକୁ ଯାଇଛି । ୱାଶିଂଟନ ଦୁଇଟି ଇନିଂସରେ ୧୧ ୱିକେଟ୍ ନେଇସାରିଛନ୍ତି ।






## ସାଣ୍ଟନରଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଭାରତ ବିପକ୍ଷ ଟେଷ୍ଟରେ ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ମିଚେଲ ସାଣ୍ଟନର ୭ ୱିକେଟ୍ ଦଖଲ କରି ନୂଆ ରେକର୍ଡ କରିଛନ୍ତି । ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ପୁନେରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ସାଣ୍ଟନର ମାତ୍ର ୫୩ ରନ୍ ଦେଇ ୭ ୱିକେଟ୍ ନେଇଛନ୍ତି । ତାଙ୍କର ଏହି ଘାତକ ବୋଲିଂ ଯୋଗୁଁ ଭାରତୀୟ ଦଳ ପ୍ରଥମ ଇନିଂସରେ ମାତ୍ର ୧୫୬ ରନ୍ କରି ଅଲଆଉଟ୍ ହୋଇଥିଲା । ଏହାସହ ବଞ୍ଚାଇବା ପାଇଁ ଦଳ ସଂଘର୍ଷ କରୁଛି । ଭାରତ ୧୫୬ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ନ୍ୟୁଜିଲାଣ୍ଡ ୧୦୩ ରନ୍‌ର ଅଗ୍ରଣୀ ହାସଲ କରିଥିଲା ।

ସାଣ୍ଟନର ପ୍ରଥମ ଇନିଂସରେ ୭ ୱିକେଟ୍ ନେଇଥିବାରୁ ଦ୍ୱିତୀୟ ଇନିଂସରେ ପୁଣି ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିବା ଆଶଙ୍କା ରହିଛି । ପ୍ରଥମ ଇନିଂସରେ ୭ ୱିକେଟ୍ ନେବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ନ୍ୟୁଜିଲାଣ୍ଡର ପଞ୍ଚମ ସ୍ପିନର ନେବାରେ ଭାରତ ମାଟିରେ ୫ରୁ ଅଧିକ ୱିକେଟ୍ ନେବାର ରେକର୍ଡ କରିଛନ୍ତି । ଏଜାଜ ପଟେଲଙ୍କ ପରେ ଭାରତରେ ସାଣ୍ଟନରଙ୍କ ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ । ୨୦୨୧ ମୁମ୍ବାଇ ଟେଷ୍ଟରେ ଏଜାଜ ୧୦ ୱିକେଟ୍ ଦଖଲ କରିଥିଲେ । ୭ ୱିକେଟ୍ ସହ ସାଣ୍ଟନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଶୁକ୍ରବାର ପ୍ରଥମ ଅଧିବେଶନରେ ସେ ୪ ୱିକେଟ୍ ନେଇଥିବା ବେଳେ ଦ୍ୱିତୀୟ ୱିକେଟ୍ ନେଇଥିବା ବେଳେ ଆଉ ୩ ବ୍ୟାଟରଙ୍କୁ ଆଉଟ୍ କରିଥିଲେ ।

ଭାରତ ମାଟିରେ ୫ରୁ ଅଧିକ ୱିକେଟ୍ ନେଇଥିବା ବୋଲରମାନେ ହେଲେ ଜନ୍ ବ୍ରାସୱେଲ, ଡାନିଏଲ ଭିଟୋରୀ ଓ ହେଡଲି ହେୱାର୍ଥ । ଭିଟୋରୀ ୧୯୯୯ କାନପୁର ଟେଷ୍ଟରେ ୬ ୱିକେଟ୍ ଓ ୨୦୧୦ରେ ହାଇଦ୍ରାବାଦ ଟେଷ୍ଟରେ ୫ ୱିକେଟ୍ ନେଇଥିଲେ । ୧୯୮୮ ୱାଙ୍ଖଡେ ଟେଷ୍ଟରେ ୬ ୱିକେଟ୍ ତଥା ହେଡଲି ୧୯୬୯ ନାଗପୁର ଟେଷ୍ଟରେ ୫ ୱିକେଟ୍ ସଫଳତା ହାସଲ କରିଥିଲେ ।

## ଧୋନି, ବିରାଟଙ୍କ ଅଧିନାୟକତ୍ୱରେ ଏମିତି ହୋଇନି

ଘରୋଇ ଶୃଙ୍ଖଳାରେ ଲଗାତାର ଦୁଇଟି ଟେଷ୍ଟରେ ପ୍ରତିପକ୍ଷ ଦଳକୁ ୧୦୦ରୁ ଅଧିକ ରନ୍ ଅଗ୍ରଣୀ ଦେବାର ଲଜ୍ଜାଜନକ ରେକର୍ଡ ଭାରତୀୟ ଦଳ ୨୩ ବର୍ଷ ପରେ କରିଛି । ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳର ଅବସ୍ଥା ଏମିତି କେବେ ହୋଇନଥିଲା । କିନ୍ତୁ ରୋହିତ ଶର୍ମାଙ୍କ ନାଁରେ ଏହି ଅଲୋଡା ରେକର୍ଡ ଯୋଡି ହୋଇଛି । ଏହା ପୂର୍ବରୁ ଯେତେଥର ଭାରତୀୟ ଦଳ ପ୍ରତିପକ୍ଷକୁ ୧୦୦ରୁ ଅଧିକ ରନ୍‌ର ଅଗ୍ରଣୀ ଦେଇଥିଲା । ସେହି ସମୟରେ ବି ଦଳ ଶୃଙ୍ଖଳାକୁ ୨-୧ରେ ଜିତିଥିଲା । କିନ୍ତୁ ଏହି ଶୃଙ୍ଖଳାରେ ଚିତ୍ର ଭିନ୍ନ ରହିଛି । ଭାରତୀୟ ଦଳ ଏବେ ପରାଜୟ ଟାଳିବା ପାଇଁ ସଂଘର୍ଷ କରୁଛି । ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ୨୫୯ ରନ୍‌ରେ ସୀମିତ ରଖିବା ପରେ ଲାଗୁଥିଲା ଭାରତୀୟ ଦଳ ଅତି ସହଜରେ ଅଗ୍ରଣୀ ହାସଲ କରିବ । ଅଗ୍ରଣୀତ ଦୂରର କଥା ଓଲଟା ଦଳ ୧୦୦ରୁ ଅଧିକ ରନ୍ ପଛୁଆ ରହିଗଲା । ଗତଥର ଯେବେ ଦଳ ଏମିତି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ସେହି ସମୟରେ ଦଳର ଅଧିନାୟକ ସୌରଭ ଗାଙ୍ଗୁଲି । ୨୦୦୧ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତ ମୁମ୍ବାଇ ମ୍ୟାଚରେ ୧୭୩ ରନ୍ ଓ ଇଡେନ୍ ମ୍ୟାଚରେ ୨୭୪ ରନ୍‌ରେ ପଛୁଆ ରହିଥିଲା । ଇଡେନ୍ ମ୍ୟାଚରେ ଫଲୋଅନ୍ ସତ୍ତ୍ୱେ ଭିଭିଏସ୍ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡ ଯୋଗୁଁ ଭାରତ ବିଜୟ ହାସଲ କରିଥିଲା । କିନ୍ତୁ ଏବେ ଭାରତୀୟ ଦଳ ବେଙ୍ଗାଲୁରୁ ଟେଷ୍ଟରେ ଯେଉଁ ପ୍ରଦର୍ଶନ କରିଛି ତାହା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି ।




## ଯେଉଁଠି ହିଟ୍ ସେଇଠି ଫ୍ଲପ୍

ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି ରୋହିତ ସେନା । ଭାରତୀୟ ଦଳର ସବୁଠୁ ବଡ଼ ଆଶା ଥିଲା ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଭଲ କରି କିନ୍ତୁ ଦୁହେଁ ନିରାଶ କରିଛନ୍ତି । ବିରାଟ ୧ ରନ୍ କରିଥିବା ବେଳେ ରୋହିତ ଶର୍ମା ବିନା ସ୍କୋରରେ ପାଭିଲିୟନ୍‌କୁ ଫେରିବାକୁ ପୁନେ ଟେଷ୍ଟ ନ୍ୟୁଜିଲାଣ୍ଡ ହାତକୁ ଚାଲିଯାଇଛି । କୋହଲି ଯେଉଁ ଭଳି ଭାବେ ଆଉଟ୍ ହୋଇଥିଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା । କୋହଲି ନିଜେ ମଧ୍ୟ ଭାବି ନଥିଲେ ଯେ ସେପରି ଭାବେ ଆଉଟ୍ ହେବେ । କୋହଲି କିଛି ସେକେଣ୍ଡ ପାଇଁ ପିଚରେ ଛିଡା ହୋଇଥିଲେ ପରେ ପାଭିଲିୟନ୍ ଫେରିଥିଲେ । କୋହଲିଙ୍କ ଏପରି ଆଉଟ୍ ପରେ ଭାଷ୍ୟକାର ସଞ୍ଜୟ ମଞ୍ଜରେକର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିବେଚନା କରିଛନ୍ତି । ହେ ଭଗବାନ ବିରାଟ ନିଜେ ଜାଣିବେ ଯେ ସେ ତାଙ୍କ କ୍ୟାରିୟରର ସବୁଠାରୁ ଖରାପ ସଟ୍ ଖେଳି ଆଉଟ୍ ହୋଇଛନ୍ତି । ଏହା ତାଙ୍କ ପାଇଁ ଦୁଃଖଦାୟକ । କାରଣ ସେ ସବୁ ବେଳେ ଦୃଢ଼ମନା ହୋଇ ଖେଳିବାକୁ ଆସନ୍ତି । ୨୦୨୧ ପରଠାରୁ ଏସିଆ ମହାଦେଶରେ ଟେଷ୍ଟ ମ୍ୟାଚରେ ବିରାଟ କୋହଲିଙ୍କ ରେକର୍ଡ ବିଶେଷ କିଛି ନାହିଁ । ୨୦୨୧ରୁ ୨୦୨୪ ମଧ୍ୟରେ ଟେଷ୍ଟରେ ୨୧ଥର ସ୍ପିନ ବଲରେ ଆଉଟ୍ ହୋଇଛନ୍ତି ।

# କବାଡି,ହ୍ୟାଣ୍ଡବଲ୍‌ରେ ଥର୍ମାଲ ଡିଏଭି ସ୍କୁଲର ସଫଳତା




ତାଳଚେର,୨୫।୧୦ (ସବ୍ୟୁ): ରାଜ୍ୟ ସ୍ତରୀୟ ଡି.ଏ .ଭି କ୍ରୀଡା ସମୂହ ପ୍ରତିଯୋଗିତାରେ ତାଳଚେର ଥର୍ମାଲ ଡି .ଏ .ଭି ହାୟର ସେକେଣ୍ଡାରୀ ସ୍କୁଲ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ୧୪ ବର୍ଷ ବାଳକ ବିଭାଗ, ୧୯ ବର୍ଷ ବାଳକ ଓ ବାଳିକା ବିଭାଗର ଅନୁଷ୍ଠିତ ହୋଇଥିବା କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚମ୍ପିୟାନ ଓ ରନର୍ସ ( ବାଳିକା) ହୋଇଛନ୍ତି । ଏହି ପ୍ରତିଯୋଗିତା ରାଉରକେଲା ଠାରେ ୧୯ ଓ ୨୦ ତାରିଖର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ସେହି ପରି ୨୨ ତାରିଖରେ ଡି .ଏ. ଭି ପବ୍ଲିକ ସ୍କୁଲ କଣିହାଁ ଠାରେ ଏନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ହାଣ୍ଡବାଲ ପ୍ରତିଯୋଗିତାରେ ସର୍ବ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଚମ୍ପିୟାନ ହୋଇଛନ୍ତି। କବାଡି ରେ ପ୍ରସାଦ ବେହେରା, ସନ୍ଦୀପ ପଲେଇ, ବାବୁଶାନ୍, ଅଭିଷେକ, ଶିବାଜୀ, ହାପୀ, ସତ୍ୟମ୍, ଆକାଶ, ଚିନ୍ମୟ ନନ୍ଦ, ରିତେଶ୍ ସାମଲ, ପ୍ରଭୃତି ଛାତ୍ର ମାନେ ଖୁବ୍ ଭଲ ଖେଳି ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହିପରି ବାଳିକା ବିଭାଗ ରେ ଋତୁପ୍ରଭା, ଅର୍ଚ୍ଚିତା ଓ ଅନ୍ୟମାନେ ଫାଇନାଲ ରେ ରାଉରକେଲା ସହିତ ଫାଇନାଲ ଖେଳି ରନର୍ସ ହୋଇଥିଲେ । ଅଧ୍ୟାପିକା କସ୍ତୁରିକା ମହାନ୍ତି, ସୀଙ୍ଗାସନି ତ୍ରିପାଠୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ପ୍ରଶିକ୍ଷକ ସପନ କୁମାର ମିଶ୍ରଙ୍କୁ ସ୍କୁଲ୍ ର ଅଧକ୍ଷ ଶ୍ରୀଯୁକ୍ତ ଶୁଭେନ୍ଦୁ ଶେଖର ବୋଷ ସମସ୍ତ ଖେଳାଳିଙ୍କ ଓ ସ୍କୁଲର ସଫଳତା ପାଇଁ ଉଚ୍ଚପ୍ରସଂଶିତ କରିଛନ୍ତି । ଏ ଅଚଳର ସମସ୍ତ ଅଭିଭାବକ ସଫଳତାରେ ଖୁସି ଓ ଗର୍ବ ଅନୁଭବ କରିଛନ୍ତି । ଏ ସମସ୍ତ ସଫଳ କ୍ରୀଡାବି ମାନେ ଡି ଏ ଭି ସମୂହ ଜାତୀୟ କ୍ରୀଡା ପ୍ରତିଯୋଗିତା ରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ



ବାରିପଦା,୨୫।୧୦ (ସବ୍ୟୁ): ଓଡିଶା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ମୁନିସିପାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ତରିଣୀସେନ ନାଏକ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଶକୁନ୍ତଳା ମହାନ୍ତଙ୍କ ନେତୃତ୍ୱରେ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୪ବର୍ଷରୁ କମ ବାଳିକା ବିଭାଗରେ ଇଣ୍ଡିଆନ ରାଉଣ୍ଡରେ କପ୍ତିପଦା ବ୍ଲକ ଅନ୍ତର୍ଗତ ଓଏଭି, ଭାଲୁବସାର ଅଷ୍ଟମ ଶ୍ରେଣୀର ଛାତ୍ରୀ ସାଇକ୍ରିଷ୍ଣା ବେହେରା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ, ୧୭ବର୍ଷରୁ କମ ବାଳିକା ବିଭାଗର କମ୍ପାଉଣ୍ଡ ରାଉଣ୍ଡରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆର ନବମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତ ଗୋଟିଏ ବ୍ରଞ୍ଜ ପଦକ, ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଝିଙ୍କପାହାଡ଼ୀ ଗ୍ରାମ ନେତୃପାଟ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲିପସିତା ମହାନ୍ତ ଦୁଇଟି ବ୍ରଞ୍ଜ ପଦକ ଓ ୧୪ ବର୍ଷରୁ କମ ବାଳକ ବିଭାଗ କମ୍ପାଉଣ୍ଡ ରାଉଣ୍ଡରେ ଉକ୍ତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ କୁମାର ଗିରି ଦୁଇଟି ସ୍ୱର୍ଣ୍ଣ ପଦକ ଗ୍ରହଣ କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜେତାମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

## ପ୍ରୋ-କବାଡି ଲିଗ୍ ସହ ପିଡିଲାଇଟ୍‌ର ସହଭାଗିତା




ଭୁବନେଶ୍ୱର,୨୫।୧୦ (ସବ୍ୟୁ): ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡରୀ ଅଗ୍ରଣୀ ଟାଇଲ୍ ଆଡେସିଭ ବ୍ରାଣ୍ଡ୍ ରଫ୍‌ର ପ୍ରୋ-କବାଡି ଲିଗ୍ ଏକାଦଶ ସଂସ୍କରଣ ପାଇଁ ସହଭାଗିତା ନବୀକରଣ କରିଥିବା ଘୋଷଣା କରିଛି । ଏସମ୍ପର୍କରେ ମାର୍କେଟିଂ ଅଫିସର ମନୀଷ ଦୁବେ କହିଛନ୍ତି ଆମେ ଏକ ରୋମାଞ୍ଚକର ସିଜନ ପାଇଁ ପ୍ରୋ-କବାଡି ଲିଗ୍ ସହ ଆମର ସହଭାଗିତାକୁ ବିସ୍ତାର କରି ଉତ୍ସାହିତ ଅଛୁ । କବାଡି ହେଉଛି ଭାରତର ଅନ୍ୟତମ ଲୋକପ୍ରିୟ ସ୍ୱଦେଶୀ କ୍ରୀଡା । ପିକେଏଲ ରଫର ମୂଳ ପ୍ରତିଶ୍ରୁତି ହେଉଛି ଉତ୍କୃଷ୍ଟ ଗିଫ୍ ଓ ଦୀର୍ଘ ସ୍ଥାୟୀ ଶକ୍ତିକୁ ହାଇଲାଇଟ୍ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ । ଶକ୍ତି, ସ୍ଥିରତା, ରଣନୀତିକୁ ନେଇ ଆମର ମୂଲ୍ୟବୋଧ ସହ ପ୍ରତିନିଧିତ୍ୱ କରୁଥିବା କ୍ରୀଡା ସହ ଜଡିତ ହୋଇ ଆମେ ପ୍ରତ୍ୟେକ ଟାଇଲ ଫିନିସିଂ ଆବଶ୍ୟକତା ପାଇଁ ଆଧୁନିକ ଓ ନିର୍ଭରଯୋଗ୍ୟ ସମାଧାନ କରିବା କ୍ଷତ୍ରରେ ରଫର ନେତୃତ୍ୱକୁ ରେଖାଙ୍କିତ କରିବା ଜାରି ରଖିଛୁ । ଗେମ୍‌ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଗୁଡିକରେ ବ୍ରାଣ୍ଡିଂକୁ ଏକତ୍ରୀତ କରାଯିବା ସହିତ ରଫ ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ନିଜର ଦୃଶ୍ୟମାନତାକୁ ବୃଦ୍ଧି କରିବ । କୁମ୍ଭୀର ଭଳି ଗ୍ରିପ୍ ଏହାର ପ୍ରସ୍ତାବକୁ ସୁଦୃଢ଼ କରିବା ପାଇଁ ରଫର ବାର୍ତ୍ତା ଗୁଡିକୁ ମୁଖ୍ୟ ରୂପେ ଗେମ୍‌ର ସବୁଠାରୁ ରୋମାଞ୍ଚକର ମୋହିତ ଗୁଡିକରେ ପ୍ରଦର୍ଶିତ କରାଯିବ । ଏହି ନିରନ୍ତର ସହଭାଗିତା ଭାରତ ଓ ଦେଶ ବାହାରେ ଉପଭୋକ୍ତଙ୍କ ମାଧ୍ୟମରେ ଟାଇଲ ଆଡେସିଭ ପାଇଁ ପସନ୍ଦର ବିକଳ୍ପ ଭାବେ ସ୍ଥିତିକୁ ସୁଦୃଢ଼ କରିବା ରଫ୍‌ର ପ୍ରତିବଦ୍ଧତାକୁ ସୂଚିତ କରୁଛି ।

### ସୂଚନା

ସମୟ

BHIM
BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541